# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-244 ◆BHUBANESWAR ◆SATURDAY ◆1 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ଶନିବାର ◆୧ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




ବାଦ୍ ପଡ଼ିଲେ କାର୍ତ୍ତିକ

▶ପୃଷ୍ଠା ୨ ଦେଖନ୍ତୁ...

# ସେୟାର ବଜାର ଧରାଶାୟୀ

## ନିବେଶକ ହରାଇଲେ ୮.୮୨ ଲକ୍ଷ କୋଟି

■ **ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି):** ଧରାଶାୟୀ ଭାରତୀୟ ସେୟାର ବଜାର। ବଜାର କାରବାରରେ ଲାଗିରହିଥିବା କ୍ରମାଗତ ହ୍ରାସ ଧାରା ଏହାର ମୁଖ୍ୟ କାରଣ। ଏଥିଯୋଗୁ ଧ୍ୱସ୍ତ ବିଧ୍ୱସ୍ତ ହୋଇପଡିଛି ଘରୋଇ ଷ୍ଟକ୍ ବଜାର। ଏଥିରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ହୋଇଛି ଐତିହାସିକ ପତନ। ଭାଙ୍ଗିଛି ତିନି ଦଶନ୍ଧି ବା ୩୦ ବର୍ଷର ପୁରୁଣା ରେକର୍ଡ। କାରଣ ୧୯୯୬ ପରେ ସେୟାର ବଜାରରେ ହୋଇଛି ସବୁଠୁ ବଡ଼ ହ୍ରାସ। ୧୯୯୬ ମସିହା ପରେ ପ୍ରଥମ ଥର ପାଇଁ ନିଫ୍‌ଟି ଲଗାତାର ଭାବେ ୫ମ ଧରି ହ୍ରାସ ସହ ବନ୍ଦ ହୋଇଛି। ଏହାର ପ୍ରଭାବରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)



୧୪୦୦ ପଏଣ୍ଟରୁ ଅଧିକ ଖସିଲା ସେନ୍‌ସେକ୍ସ

ସେନ୍‌ସେକ୍ସରେ ୧୪୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଏବେ ଭାରତୀୟ ବଜାର ପାଇଁ କାଳ ସାଜିଛି। ଏହାଛଡା ଡ୍ରାଗନ୍ ଘୋଷଣା କରିଥିବା ପ୍ରୋତ୍ସାହନ ପ୍ୟାକେଜ୍ ବିଦେଶୀ ନିବେଶକଙ୍କୁ ଚୀନ୍ ବଜାରକୁ ଆକର୍ଷିତ କରୁଛି। ଫଳରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାର କରିନେଉଛନ୍ତି।ଏହାର ସିଧାସଳଖ ପ୍ରଭାବ ଭରତୀୟ ବଜାର ଉପରେ ପଡିଛି। ଘରୋଇ ପୁଞ୍ଜି ବଜାରରେ ଏଭଳି ସ୍ଥିତିରେ ଶୁକ୍ରବାର ଗୋଟିଏ ଦିନରେ ନିବେଶକମାନଙ୍କର ୮.୮୨ ଲକ୍ଷ କୋଟି କ୍ଷତି ଘଟିଛି।

# ଇପିଏଫ୍ ସୁଧହାର ଅପରିବର୍ତ୍ତିତ

## ୨୦୨୪-୨୫ ପାଇଁ ମିଳିବ ୮.୨୫% ସୁଧ

■ **ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି):** ୨୦୨୪-୨୫ ଆର୍ଥିକବର୍ଷ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏହାର ସୁଧ ହାର ଅପରିବର୍ତ୍ତିତ ରଖିଛି। ଶୁକ୍ରବାର ଅନୁଷ୍ଠିତ ଇପିଏଫ୍‌ଓର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଯଦିବା ଚଳିତଥର ସଦସ୍ୟଙ୍କ ପାଇଁ ଜମା ସୁଧ ହାର ହ୍ରାସ ହେବା ନେଇ ପୂର୍ବରୁ ରିପାର୍ଟ ପ୍ରକାଶ ପାଇଥିଲା, ଶେଷରେ ସୁଧହାର ୮.୨୫%ରେ ଅପରିବର୍ତ୍ତିତ ରହିଛି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଇପିଏଫ୍ ସୁଧ ହାର କ'ଣ ରହିବ ତାହା ଜାଣିବା ପାଇଁ ଏହାର ପ୍ରାୟ ୭ କୋଟି ସଦସ୍ୟ ଅପେକ୍ଷା କରିଥିଲେ। ପୂର୍ବରୁ, ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସୁଧ ହାର ୮.୧୫% ରୁ ୮.୨୫% କୁ ବୃଦ୍ଧି କରାଯାଇଥିଲା। ଯାହା ଫଳରେ ବର୍ତ୍ତମାନ ସଦସ୍ୟମାନେ ଗତବର୍ଷ ଭଳି ସମାନ ସୁଧ ହାର ପାଇବେ। ତେବେ ୨୦୨୨-୨୩ରେ ଇପିଏଫ୍‌ଓ ସୁଧହାରରେ ୦.୦୫% ବୃଦ୍ଧି କରିଥିଲା। ସୂଚନାଯୋଗ୍ୟ ଯେ, ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସରକାର ଇପିଏଫ ସୁଧ ହାର ୮.୧୦%କୁ ହ୍ରାସ କରିଥିଲେ, ଯାହା ୪୩ ବର୍ଷ ମଧ୍ୟରେ ସର୍ବନିମ୍ନ ଥିଲା।

ଯଦି ଆମେ ୮.୨୫% ସୁଧହାରରେ ହିସାବ କରିବା ତେବେ ଜଣେ ଇପିଏଫ୍ ସଦସ୍ୟ ୧ ଲକ୍ଷ ଟଙ୍କା ଜମା ଉପରେ ବାର୍ଷିକ ୮୨୫୦ ଟଙ୍କା ସୁଧ ପାଇବେ।

# ମୋଟୁରେ ପୋଲାଭରମ୍ ବିରୋଧୀ ଜନଗର୍ଜନ

## ବିଜେପି ପାଇଁ ଆଦିବାସୀଙ୍କ ସ୍ୱାର୍ଥଠାରୁ ଦଳ ସ୍ୱାର୍ଥ ବଡ଼: ନବୀନ

■ **ମାଲକାନଗିରି/କାଲିମେଳା, ୨୮।୨ (ସମିସ):** ଆନ୍ଧ୍ରର ବିକାଶକୁ ଓଡ଼ିଶାବାସୀ ବିରୋଧ କରନ୍ତି ନାହିଁ, ମାତ୍ର ଆନ୍ଧ୍ରପ୍ରଦେଶର ବିକାଶ ପାଇଁ ଓଡ଼ିଶାର ବିନାଶକୁ ସହ୍ୟ କରାଯିବ ନାହିଁ। କେନ୍ଦ୍ର ସରକାରଙ୍କ ଆନ୍ଧ୍ର ପ୍ରୀତି ଓଡ଼ିଶାର ବିନାଶର

**ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ବିଜେଡି**

**ରାଜନୀତି ଆଧାରରେ କେନ୍ଦ୍ରୀୟ ସମ୍ବଳ ବଣ୍ଟନ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିଛି**

କାରଣ ହେବ। ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡିଶାର ମାଲକାନଗିରି ଜିଲ୍ଲାର ଅନେକ ଗ୍ରାମ ଜଳମଗ୍ନ ହେବାର ଆଶଙ୍କା ରହିଥିବାବେଳେ କେନ୍ଦ୍ର ସରକାର ଏହାକୁ ଜାତୀୟ ପ୍ରକଳ୍ପର





ମାନ୍ୟତା ଓ ବିପୁଳ ସହାୟତା ରାଶି ପ୍ରଦାନକୁ ବିରୋଧ କରିଛି ବିଜେଡି। ମାଲକାନଗିରି ଜିଲ୍ଲାର ମୋଟୁରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ପୋଲାଭରମ ବିରୋଧୀ ସମାବେଶରେ ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ପ୍ରତିନିଧିଙ୍କ ସହ ସାମିଲ ହୋଇଛି ବିଜୁ ଜନତା ଦଳ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ବିଶାଳ ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ସ୍ଥାନୀୟ ଆଦିବାସୀଙ୍କ ହକ୍ ଓ ଭିଟାମାଟିର ସୁରକ୍ଷା ପାଇଁ ତାଙ୍କ ଦଳ ଲଢ଼େଇ ଜାରି ରଖିବ ବୋଲି ଘୋଷଣା କରିଛନ୍ତି। ନବୀନ କହିଛନ୍ତି, ଆଦିବାସୀଙ୍କ ସ୍ୱାର୍ଥ ଅପେକ୍ଷା ଦଳର ସ୍ୱାର୍ଥ ବିଜେପି ପାଇଁ ବଡ଼ ହୋଇଛି। ଗତ ଦୁଇଟି ବଜେଟରେ କେନ୍ଦ୍ର ସରକାର ପୋଲାଭରମ୍ ପ୍ରକଳ୍ପ ପାଇଁ ୧୮ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣ ଆଧାରରେ କେନ୍ଦ୍ରୀୟ ସମ୍ବଳର ବଣ୍ଟନ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିଛି ▶ପୃଷ୍ଠା-୭

## ଉତ୍ତରାଖଣ୍ଡରେ ବଡ଼ଧରଣର ହିମସ୍ଖଳନ

# ଫସିଛନ୍ତି ୨୫ ଶ୍ରମିକ; ୩୨ ଉଦ୍ଧାର

**୬ ଫୁଟର ବରଫ ତଳେ ଫସି ରହିଛନ୍ତି**

**ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି କରୁଛି ପ୍ରତିକୂଳ ପାଣିପାଗ**



■ **ଚାମୋଲି, ୨୮।୨ (ଏଜେନ୍ସି):** ଉତ୍ତରାଖଣ୍ଡ ଚାମୋଲି ଜିଲ୍ଲାରେ ଥିବା ଭାରତର ପ୍ରଥମ ଗାଁ ମାନା ନିକଟରେ ବଡ଼ ଅଘଟଣ ଘଟିଛି। ବଦ୍ରିନାଥ ମନ୍ଦିରରୁ ୫ କିମି ଦୂରରେ ଥିବା ଏହି ଅଞ୍ଚଳରେ ଶୁକ୍ରବାର ସକାଳ ୭ଟା୧୫ରେ ଅଚାନକ ବଡ଼ଧରଣର ହିମସ୍ଖଳନ ହୋଇଛି। ରାସ୍ତାରେ ବରଫ ହଟାଇବା କାର୍ଯ୍ୟରେ ମୁତୟନ ଥିବା ବର୍ଡର ରୋଡ୍ ଅର୍ଗାନାଇଜେସନର (ବିଆରଓ)ର ୫୭ ଶ୍ରମିକ ଏହି ବରଫ ତଳେ ଫସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୩୨ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏବେ ବି ଆହୁରି ୨୫ ଶ୍ରମିକ ବରଫ ଗଦା ତଳେ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଭାରତୀୟ ସେନା, ଆଇଟିବିପି, ବିଆରଓ, ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍‌ର ୬୫ କର୍ମଚାରୀ ସାମିଲ ହୋଇଛନ୍ତି। ପ୍ରତିକୂଳ ପାଣିପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟରେ ବାଧା ଉପୁଜିଛି। ସମୁଦ୍ର ପତ୍ତନଠାରୁ ୩୨୦୦ ମିଟର ଉଚ୍ଚରେ ସ୍ଥିତ ଏହି ଅଞ୍ଚଳରେ ୬ ଫୁଟର ବରଫ ଜମା ହୋଇ ରହିଛି। ଏହି ଅଘଟଣ ସମୟରେ ସମସ୍ତ ଶ୍ରମିକ ୮ଟି କଣ୍ଟେନର ଏବଂ ଗୋଟିଏ ସେଡ (ଆଶ୍ରୟ ସ୍ଥଳ) ତଳେ ▶ପୃଷ୍ଠା-୭

## ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

# ଓଡ଼ିଶାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉଦାହରଣୀୟ: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ତେଣୁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଅର୍ଥ ଆଦୌ ପ୍ରତିବନ୍ଧକ ନୁହେଁ ବୋଲି କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା।

**ଓଡ଼ିଶାରେ ହ୍ରାସ ପାଇଛି ମାତୃ ଓ ଶିଶୁ ମୃତ୍ୟୁହାର**

**ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିବନ୍ଧକ ନୁହେଁ ଅର୍ଥ**

■ **ପୁରୀ, ୨୮।୨ (ସମିସ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାର ବ୍ୟବସ୍ଥା ସାରା ଦେଶରେ ଉଦାହରଣୀୟ। ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡିଶା ଦେଶରେ ଦ୍ରୁତ ଅଗ୍ରସର। ଶିଶୁମୃତ୍ୟୁ ହ୍ରାସ କରିବାରେ ଭାରତର ସଫଳତା ବିଶ୍ୱର ସଫଳତା ଠାରୁ ଅଧିକ। ଉନ୍ନତ ସ୍ୱାସ୍ଥ୍ୟସେବା ଲୋକମାନଙ୍କ ପାଖରେ ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା।

ପୁରୀରେ ଅନୁଷ୍ଠିତ ଦୁଇଦିନିଆ ୯ମ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀରେ ଯୋଗଦେଇ ଶ୍ରୀ ନଡ୍ଡା କହିଛନ୍ତି ଯେ ବିଶ୍ୱସ୍ତରଠାରୁ ଆମର ମାତୃ ଓ ଶିଶୁ ମୃତ୍ୟୁହାର ଦୁଇଗୁଣା ହ୍ରାସ ପାଇଛି। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭାରତକୁ ପ୍ରଶଂସା କରିଛି। ୨୦୧୭ ପରଠାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ▶ପୃଷ୍ଠା-୭

## ଏଥର ବି ଅସମ୍ଭାଳ ତାତି

# ମାର୍ଚ୍ଚରୁ ମେ' କଲବଲ




**ରାତିରେ ବି ମିଳିବନି ତ୍ରାହି**

■ **ଭୁବନେଶ୍ୱର, ୨୮।୨ (ସମିସ):** ଏବର୍ଷ ପୁଣି ଖରାରେ ଶିଝିବେ ରାଜ୍ୟବାସୀ। ୨୦୨୪ ପରେ କ୍ରମଗାତ ଦ୍ୱିତୀୟ ବର୍ଷରେ ରାଜ୍ୟରେ ସୃଷ୍ଟି ହେବ ଅସମ୍ଭାଳ ସ୍ଥିତି। ପ୍ରଚଣ୍ଡ ଗରମ ସାଙ୍ଗକୁ ଅନୁଭୂତ ହେବ ପ୍ରବଳ ଗୁଳୁଗୁଳି। କେବଳ ଦିନ ନୁହେଁ, ରାତିରେ ମଧ୍ୟ ତାତିର ତାଉ କମିବ ନାହିଁ। ଏହି ସ୍ଥିତି ମାର୍ଚ୍ଚରୁ ଆରମ୍ଭ ହୋଇ ମେ' ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ସ୍ୱାଭାବିକ ତୁଳନାରେ ଅଧିକାଂଶ ସମୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ଯୋଗୁଁ ଏଥିର ଗ୍ରୀଷ୍ମ ଲହରୀ ଦିନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଭଳି କିଛି ଆକଳନ କରାଯିବା ପରେ ଗରମ ଗୁଳୁଗୁଳି ସ୍ଥିତିକୁ ନେଇ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଛି।

ବିଭାଗ ପକ୍ଷରୁ ଶୁକ୍ରବାର ଗ୍ରୀଷ୍ମ ଋତୁ ସମ୍ପର୍କିତ ପୂର୍ବାନୁମାନ ନେଇ ଜାରି ରିପୋର୍ଟରେ ଦର୍ଶାଯାଇଛି ଯେ ଏବର୍ଷ ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ରାଜ୍ୟ ସମେତ ସାରା ଦେଶରେ ▶ପୃଷ୍ଠା-୭

# ପଞ୍ଚଭୂତରେ ଲୀନ ଉତ୍ତମ



## ସୀତା ଲୋ ଆଜି ଜଳୁଛି ଯାହାର ଚିତା ଲୋ...

■ **ଭୁବନେଶ୍ୱର, ୨୮।୨ (ସମିସ):** ସମସ୍ତଙ୍କୁ ସାତପର କରି ଅଫେରା ରାଇଜକୁ ଫେରିଯାଇଛନ୍ତି 'ଉଦଣ୍ଡୀ ସୀତା'ର ସେହି ମହାନାୟକ, ଓଲିଉଡ୍‌ର ବାଦ୍‌ଶାହ, ସୁପରଷ୍ଟାର୍ ଉତ୍ତମ ମହାନ୍ତି। ଘର, ପରିବାର, ଜ୍ଞାତିକୁଟୁମ୍ବ ଓ ହଜାର ହଜାର ସିନେପ୍ରେମୀ ସମ୍ମୁଖରେ ଆଜି ସତ୍ୟନଗର ଶ୍ମଶାନରେ ତାଙ୍କ ଚିତା ଜଳିଛି। ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି ଉତ୍ତମ। କାହା ପାଇଁ ସେ ଥିଲେ 'ଦଣ୍ଡାବାଳୁଙ୍ଗା' ତ କାହା ପାଇଁ 'ସହରୀ ବାଘ'; ପୁଣି କାହା ସୁହାଗର ସିନ୍ଦୂର। ସତରେ 'ସମୟ ବଡ଼ ବଳବାନ୍'। 'ଅଭିମାନ'ରେ ରୂପେଲି ପରଦାକୁ ଚାଲି ଆସିଥିବା ଅଶୀ ଦଶକର ସେହି ତରୁଣ ଦୀର୍ଘ ୪ ଦଶନ୍ଧି ଧରି ଓଡ଼ିଶାବାସୀଙ୍କୁ ହସେଇ-କନ୍ଦେଇ ଶେଷରେ 'ବିଦ୍ୟାରାଣ' ପକାଇ ଚାଲି ଯାଇଛନ୍ତି।

ଆଜି ଦିନ ପ୍ରାୟ ୧୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ଉତ୍ତମଙ୍କ ମରଶରୀର ପହଞ୍ଚିବା ପରେ ବହୁ ସଂଖ୍ୟାରେ ପ୍ରଶଂସକ, ଓଲିଉଡ ଜଗତର ବହୁ ବିଶିଷ୍ଟ କଳାକାର, ରାଜନେତାମାନେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ▶ପୃଷ୍ଠା-୭



ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍ୟନଗର ମଶାଣିରେ ଶେଷକୃତ୍ୟ ସମ୍ପନ୍ନ






# ପୁଣି ତେଜିଲା ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦ

## ସୀମାନ୍ତ ସାହାବାଜିପୁରରେ ପଶ୍ଚିମବଙ୍ଗର ଜବରଦଖଲ

■ **ବାଲେଶ୍ୱର(ଉତ୍ତର), ୨୮।୨ (ସମିସ):** ଓଡ଼ିଶା ସୀମାନ୍ତ ଭୋଗରାଇ ବ୍ଲକର ସାହାବାଜିପୁର ଉପରୁ ପଶ୍ଚିମବଙ୍ଗ ସରକାରଙ୍କ ଲୋଲୁପ ଦୃଷ୍ଟି ହଟିନାହିଁ। ଓଡ଼ିଶାର ମୂଲ୍ୟବାନ ଜମିକୁ ଦଖଲ କରିବା ପାଇଁ ବାରମ୍ବାର ଉଦ୍ୟମ ଜାରି ରଖିଛି। ବଙ୍ଗ ପ୍ରଶାସନ ସୀମା ସଂଲଗ୍ନ ଗାଁ ଭିତରକୁ ପଶି ଓଡ଼ିଶା ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ କରୁଥିବାରୁ ସେଠାରେ ପୂର୍ବରୁ ବହୁବାର ବିବାଦୀୟ ପରିସ୍ଥିତି ଉପୁଜିଛି। ସମସ୍ୟା ଜଟିଳ ହେଉଥିଲେ ମଧ୍ୟ ଓଡିଶା ପ୍ରଶାସନ କିମ୍ବା ଜନ ପ୍ରତିନିଧିମାନେ ଏଥିପ୍ରତି ଗୁରୁତ୍ୱ ନ ଦେବା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। କିଛିଦିନ ବ୍ୟବଧାନ ପରେ ଆଜି ପୁଣି ସୀମାରେ ବଙ୍ଗ ସରକାର ଦାଦାଗିରି ଦେଖାଇଛି।

ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ଶୁକ୍ରବାର





ଗ୍ରାମବାସୀଙ୍କ ତୀବ୍ର ବିରୋଧ, ଫେରିଗଲେ ପଶ୍ଚିମବଙ୍ଗ ରାଜସ୍ୱ ଅଧିକାରୀ

ମଧ୍ୟାହ୍ନରେ ସୀମାନ୍ତ ସାହାବାଜିପୁର ମୌଜାରେ ଖୁଣ୍ଟ ପୋତି ବେଆଇନ ଭାବେ ସୀମା ଜବରଦଖଲ କାର୍ଯ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ସାଗରସାଥୀ କ୍ଲବର ମୁଖ୍ୟ ଭଗବାନ ଚନ୍ଦ୍ର ବେହେରା, ସଂଘର ଅଧ୍ୟକ୍ଷ ବ୍ରଜକିଶୋର ସାମଲ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ପଶ୍ଚିମବଙ୍ଗର ଏଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରିଥିଲେ। ତେବେ ସୀମାର ସୁରକ୍ଷା ପାଇଁ ଉଦୟପୁର ବେଳାଭୂମିଠାରେ ଥିବା ତାଳସାରି ସାମୁଦ୍ରିକ ଥାନାର ପୁଲିସ ଏ ▶ପୃଷ୍ଠା-୭





ପୋଲାଭରମ୍ ବିରୋଧରେ ମାଲକାନଗିରି ଜିଲ୍ଲା ମୋଟୁଠାରେ ବିଜେଡି ସମେତ ୪ ରାଜ୍ୟରୁ ୧୪ଟି ସଂଗଠନର ସମାବେଶ

### ଅସହ୍ୟ ହେଲା ଆର୍ଥିକ ଓ ମାନସିକ ଚାପ

# ଏକାଠି ଆରପାରିକୁ ଚାଲିଗଲେ ବାପା-ଝିଅ

କଟକ, ୨୭।୨ (ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ସ୍ନେହଲତା ଆପର୍ଟମେଣ୍ଟ୍ ଫ୍ଲାଟ୍ ନମ୍ବର୍ ୧/୨ଏ-୩ରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ବାପା ଓ ଝିଅ ଆତ୍ମହତ୍ୟା କରିଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ୨ଟି ମୃତଦେହକୁ ଉଦ୍ଧାର କରିଛି। ମୃତକଦ୍ୱୟ ହେଲେ, ମାନସ ରଞ୍ଜନ ଦାସ(୬୦) ଓ ଝିଅ ହର୍ଷିତା ହିମାଂଗିନୀ (୧୭)। ମାନସଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଘର ଭିତରୁ ଉଦ୍ଧାର କରାଯାଇଥିବା ବେଳେ ହର୍ଷିତାଙ୍କ ଖଟ ଉପରେ ପଡ଼ିଥିବା ଦେଖାଯାଇଥିଲା। ସାଇଣ୍ଟିଫିକ ଟିମ୍ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନିଭନ୍ କରିବା ପରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ମାନସଙ୍କ ଘର କେନ୍ଦ୍ରପଡ଼ାର ଗୁରୁକୂଳ ଅଞ୍ଚଳରେ। ୨ ବର୍ଷ ହେବ ସେ ସ୍ନେହଲତା ଆପାର୍ଟମେଣ୍ଟର ଭଡ଼ାରେ ରହୁଥିଲେ। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ଏସିପି ଅଶୋକ କୁମାର ଗିରି କହିଛନ୍ତି, ପ୍ରାଥମିକ ତଦନ୍ତରୁ, ମାନସ ଉଭୟ ଆର୍ଥିକ ଓ ମାନସିକ ଚାପରେ ରହୁଥିବା ଜଣାପଡ଼ିଛି। ତାଙ୍କ ସମ୍ପର୍କୀୟ ଓ ପଡ଼ୋଶୀଙ୍କ ବୟାନ ରେକର୍ଡ କରାଯାଇଛି। ତଦନ୍ତ ଶେଷ ହେବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ଏସିପି ଶ୍ରୀ ଗିରି କହିଛନ୍ତି।

ପୁଲିସ୍ ସୂତ୍ରରୁ ପ୍ରକାଶ ଯେ ମାନସଙ୍କ

**ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୁଲିସର ଛାନ୍‌ଭିନ୍**

ବଡ଼ ଭାଇ ବେଙ୍ଗାଲୁରୁରେ ରହୁଥିବା ବେଳେ ଭଉଣୀ ସୁସ୍ମିତା ଦାସ ଓ ପରିବାର ଭୁବନେଶ୍ୱରରେ ରହୁଛନ୍ତି। ମାନସ ଭୁବନେଶ୍ୱରର ଏକ କନ୍‌ସଲ୍‌ଟାନ୍ସି ସଂସ୍ଥାରେ କାମ କରନ୍ତି। ସେ ପୂର୍ବରୁ କଟକର ଶ୍ରୀକୁଞ୍ଜ ଆପର୍ଟମେଣ୍ଟର ରହୁଥିଲେ। କିନ୍ତୁ ସେଠାରେ କୌଣସି ସମସ୍ୟା ଦେଖାଦେବାରୁ ଗତ ୨ବର୍ଷ ହେବ ଭଡ଼ା ନେଇ ସ୍ନେହଲତା ଆପର୍ଟମେଣ୍ଟରେ ରହୁଥିଲେ। ତେବେ ଆର୍ଥିକ ସମସ୍ୟା କାରଣରୁ ଗତ ୪ ମାସ ହେବ ଘର ଭଡ଼ା ଦେଇ ପାରିନଥିଲେ। ଗତକାଲି ଟଙ୍କା ଯୋଗାଡ଼ କରି ଘର ଭଡ଼ା ଦେଇଥିଲେ। ଆପର୍ଟମେଣ୍ଟ ମାଲିକଙ୍କୁ ଘର ଛାଡ଼ିଦେବେ ବୋଲି କହିବା ସହିତ ଆଜି ଚାବି ହସ୍ତାନ୍ତର କରିବେ ବୋଲି ଜଣାଇଥିଲେ। ହେଲେ ଗତକାଲି ବିଳମ୍ବିତ ରାତିରେ ସେ ଓ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ପୁଲିସ ଅନୁମାନ କରୁଛି। ଆଜି ସକାଳ ସାଢ଼େ ୧୦ଟାରେ ଘର ମାଲିକଙ୍କ ପୁତୁରା ଘରର ଚାବି ମାଗିବାକୁ ଆସିଥିବା ବେଳେ ଭିତରପଟୁ ତାଲା ପଡ଼ିଥିଲା। ଯେତେ ଡାକିଲେ ମଧ୍ୟ ଭିତର ପଟୁ କେହି ଶୁଣିନଥିଲେ। ବାରମ୍ବାର କଲିଂ ବେଲ୍ ମାରିବା ସହିତ କବାଟ ବାଡେଇଥିଲେ। ଶେଷରେ ଆପର୍ଟମେଣ୍ଟ ମାଲିକ ଆସି ଘଟଣାସ୍ଥଳରେ ପହଞ୍ଚିବା ପରେ ଝରକା କାଚ ଭାଙ୍ଗି ଭିତରୁ ଦେଖିବା ବେଳକୁ ଫ୍ୟାନ୍‌ରେ ଧୋତି ସାହାଯ୍ୟରେ ମାନସରଞ୍ଜନ ଝୁଲି ରହିଛନ୍ତି। ତାଙ୍କ ଝିଅ ମୃତ ଅବସ୍ଥାରେ ଖଟ ଉପରେ ପଡ଼ି ରହିଥିଲା। ପରେ ସେମାନେ ବାଦାମବାଡ଼ି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ପରେ ଘରର କବାଟ ଭଙ୍ଗାଯାଇ ମୃତକଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ପଠାଯାଇଥିଲା।

ଅନ୍ୟପକ୍ଷରେ ଝିଅ ହର୍ଷିତା ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଛି। ତାଙ୍କୁ ମାନସ ଅଧିକାଂଶ ସମୟ ଘରେ ତାଲା ପକାଇ ବାହାରକୁ କାମ କରିବାକୁ ଯାଉଥିବା ପଡ଼ୋଶୀ କହିଛନ୍ତି। ମାନସଙ୍କ ଭଉଣୀ ସୁସ୍ମିତା କିମ୍ବା ବେଙ୍ଗାଲୁରୁରେ ରହୁଥିବା ଭାଇଙ୍କ ସହିତ ସମ୍ପର୍କ ନଥିଲା। ୨ ବର୍ଷ ପୂର୍ବରୁ ତାଙ୍କ ଭଉଣୀ ଫୋନ୍‌ରେ କଥା ହୋଇଥିବା କହିଛନ୍ତି। ସେ କହିଛନ୍ତି ଯେ ମାନସ ରଞ୍ଜନ କେନ୍ଦୁଝରରେ ରହୁଥିଲେ ବୋଲି ତାଙ୍କୁ ଜଣାଇଥିଲେ। ଆଜି ହଠାତ୍ ବାଦାମବାଡ଼ି ଥାନାରୁ ତାଙ୍କୁ ଫୋନ୍ ଯାଇ ଏଭଳି ଅଘଟଣ ଘଟିଥିବା କଥା କୁହାଯାଇଥିଲା। ତେବେ ଝିଅ ହର୍ଷିତା ଆତ୍ମହତ୍ୟା କରିଛନ୍ତି ନା' ତାଙ୍କୁ ମାନସ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି, ତାହା ଉପରେ ପୁଲିସ ତଦନ୍ତ କରୁଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବାଦାମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।

### ■ ଅଢ଼େଇ କୋଟିର ସରକାରୀ ଅର୍ଥ ହେରଫେର୍

# ଜୟପାଟଣା ଫରେଷ୍ଟ ରେଞ୍ଜରେ ଇଡିର ତନାଘନା

ଭୁବନେଶ୍ୱର/ଜୟପାଟଣା, ୨୮।୨ (ସମିସ): ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନାଞ୍ଚଳ ଅଧୀନ ଜୟପାଟଣା ଫରେଷ୍ଟ ରେଞ୍ଜରେ ପଶିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ସରକାରୀ ଅର୍ଥକୁ ବିନିଯୋଗ ଦେଖାଇ ହଡ଼ପ ଅଭିଯୋଗରେ ଇଡି ପକ୍ଷରୁ ଏକକାଳୀନ ଅନେକ ସ୍ଥାନରେ ଚଢ଼ଉ କରୁଛି। ଜୟପାଟଣା ଫରେଷ୍ଟ ରେଞ୍ଜର କାର୍ଯ୍ୟାଳୟରେ ପଶି ଇଡିର ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରିବା ସହ ତନାଘନା କରିଛନ୍ତି। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଫରେଷ୍ଟଗାର୍ଡ ଅଶୋକ ସାହୁଙ୍କ ଲଡୁଗାଁସ୍ଥିତ ବାସଭବନରେ ଚଢ଼ଉ କରାଯାଇଛି। ଅଶୋକଙ୍କ ସକାଳ ୭ଟାରୁ ସନ୍ଧ୍ୟା ୫ଟା ଅର୍ଥାତ୍ ୧୦ ଘଣ୍ଟା ଧରି ଇଡି ଅଧିକାରୀମାନେ ପଚରାଉଚରା କରିଥିଲେ। ତାଙ୍କୁ ଜେରା କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡି ହାସଲ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଫରେଷ୍ଟଗାର୍ଡ ଅଶୋକ ଜୟପାଟଣା ରେଞ୍ଜ ଥୁଆମୂଳ ରାମପୁର ବ୍ଲକ ମହୁଲପାଟଣା ବେଣାଖମାର ବିଟଗାର୍ଡ ଥିବା ବେଳେ ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଆସୁଥିବା ଟଙ୍କା ହଡ଼ପ କରିବା ଲାଗି ମସୁଧା କରାଯାଇଥିଲା। ବିଭିନ୍ନ ବ୍ୟକ୍ତିଙ୍କ ନାମରେ ବ୍ୟାଙ୍କରେ ୧୨୧ଟି ମ୍ୟୁଲ ବା ବେନାମୀ ଆକାଉଣ୍ଟ ଖୋଲାଯାଇଥିଲା। ବନ ବିଭାଗର ଅଧିକାରୀମାନେ ଗୋଟିଏ

**ଫରେଷ୍ଟଗାର୍ଡଙ୍କୁ ୧୦ ଘଣ୍ଟା ଝାଲବୁହା ଜେରା**

**ବାଘଛାଲ, ଏଟିଏମ୍ କାର୍ଡ ଓ ଡିଜିଟାଲ ଡିଭାଇସ୍ ଜବତ**

ମୋବାଇଲ ନମ୍ବର ବ୍ୟବହାର କରି ଜଙ୍ଗଲ ବିଭାଗର ଅନେକ ଯୋଜନାରେ ଆସିଥିବା ସରକାରୀ ପାଣ୍ଠିରୁ ଏନ୍‌ଇଏଫ୍‌ଟି ଜରିଆରେ ଟଙ୍କା ଟ୍ରାନ୍ସଫର୍ କରିଛନ୍ତି। ଉକ୍ତ ଟଙ୍କାକୁ ତୁରନ୍ତ ଏଟିଏମ୍‌ରୁ ଉଠାଇ ନିଆଯାଇଛି। ଏ ସଂକ୍ରାନ୍ତରେ ଇଡିରେ ଅଭିଯୋଗ ହେବା ପରେ ତଦନ୍ତ କରାଯାଇଥିଲା। ବନ ବିଭାଗର ଅଧିକାରୀମାନେ ଅଢ଼େଇ କୋଟିରୁ ଅଧିକ ଟଙ୍କା ହେରଫେର୍ କରୁଥିବା ତଦନ୍ତରୁ ଜଣାପଡ଼ିଛି। ଏହି କାରସାଦି ପଛରେ ବନ ବିଭାଗର ଫରେଷ୍ଟର, ରେଞ୍ଜରଙ୍କଠାରୁ ଆରମ୍ଭ କରି ଫରେଷ୍ଟ ଗାର୍ଡଙ୍କ ସମ୍ପୃକ୍ତି ରହିଥିବା ଇଡି ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ତେଣୁ ସେମାନଙ୍କୁ ସ୍କାନରକୁ ଅଣାଯାଇ ତନାଘନା କରାଯାଉଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଘଛାଲ, ଏଟିଏମ୍ କାର୍ଡ, ମୋବାଇଲ ଫୋନ୍, ବେନାମୀ ଆକାଉଣ୍ଟ, ଟଙ୍କା ଉଠାଣ ସ୍ଲିପ୍, ବେଆଇନ୍ ଦଲିଲ୍, ଡିଜିଟାଲ ଡିଭାଇସ୍ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଥିବା ଇଡି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଜୟପାଟଣା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ବନୀକରଣ, ନର୍ସରୀ, ଚାରାରୋପଣ, ଚାରା ଯତ୍ନ, ପଥରବନ୍ଧ ଓ ମନରେଗା ଆଦି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡମାନେ ଏହି ଦୁର୍ନୀତିରେ ଛନ୍ଦି ହୋଇଛନ୍ତି। ସେମାନଙ୍କ ସହ ରେଞ୍ଜରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବେ ଇଡି ସ୍କାନରକୁ ଆସିଛନ୍ତି।

# ମା' ଶବ ପାଖରେ ୩ ଛୁଆଙ୍କୁ ଛାଡ଼ି ବାପା ଫେରାର୍

ଦେବଗଡ଼, ୨୮।୨(ସମିସ): ତିନି ତିନିଟା ଛୁଆ ଆଗରେ ମା'କୁ ପିଟି ଦରମରା କରିଦେଲା। ଅବସ୍ଥା ସଂକଟାପନ୍ନ ହେବାରୁ ହସ୍ପିଟାଲରେ ଭର୍ତ୍ତି କରାଇଲା। କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିବାରୁ ହସ୍ପିଟାଲ



**ରାତିସାରା ଡାକ୍ତରଖାନା ବାରଣ୍ଡାରେ ପଡ଼ିରହିଥିଲା ଶବ**

**ଫେରାର ଉଦ୍ୟମ ବେଳେ ଗୋଡ଼ାଇ ଗୋଡ଼ାଇ ଧରିଲା ପୁଲିସ**

ବାରଣ୍ଡାରେ ମା'ର ଶବ ପାଖରେ ୩ ଛୁଆଙ୍କୁ ଛାଡ଼ି ଫେରାର୍ ହୋଇଗଲା। କୁଣ୍ଢେଇଗୋଲା ଥାନା ଅଧୀନ ଝରାଡିହ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଆଜି ପଦାକୁ ଆସିଛି। ମୃତ ମହିଳା ହେଲେ, ଅରଖପାଳ ଗ୍ରାମର ରମେଶ ମାଝୀଙ୍କ ଝିଅ ଚଞ୍ଚଳା ପ୍ରଧାନ (୨୬)। କୁଣ୍ଢେଇଗୋଲା ପୁଲିସ୍ ଚଞ୍ଚଳାଙ୍କ ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଫେରାର୍ ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତ ସ୍ୱାମୀ ବିଭୂତି ଭୂଷଣ ପ୍ରଧାନଙ୍କୁ ଗିରଫ କରିଛି। ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

୮ ବର୍ଷ ତଳେ ଝରାଡ଼ିହ ଗ୍ରାମର ବିଭୂତିକୁ ଚଞ୍ଚଳା ପ୍ରେମବିବାହ କରିଥିଲେ। ସେମାନଙ୍କ ତିନୋଟି ପୁତ୍ର ସନ୍ତାନ ଅଛନ୍ତି। ତେବେ ବିବାହର କିଛି ବର୍ଷ ପରେ ବିଭୂତି ମଦ୍ୟପାନ କରି ଚଞ୍ଚଳାଙ୍କୁ ମାରପିଟ୍ କରିବା ଆରମ୍ଭ କରିଥିଲା। ଗୁରୁବାର କୌଣସି କାରଣକୁ ନେଇ ପୁଣିଥରେ ସେ ଚଞ୍ଚଳାକୁ ନିସ୍ତୁକ ପିଟିଥିଲା। ଏଥିରେ ଚଞ୍ଚଳା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଛତାବର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ଗିରଫଦାରୀ ଭୟରେ ସେ ଡାକ୍ତରଖାନା ପରିସରରେ ଚଞ୍ଚଳାଙ୍କ ଶବ ପାଖରେ ୩ ପୁଅକୁ ଛାଡ଼ି ସେଠାରୁ ଫେରାର୍ ହୋଇଯାଇଥିଲା। ତେବେ ଡାକ୍ତରଖାନା ବାରଣ୍ଡାରେ ପଡ଼ି ରହିଥିବା ମହିଳାଙ୍କ ମୃତଦେହକୁ ରାତିସାରା ତାଙ୍କର ୩ ପୁଅ ସାଉଁଳୁଥିବା ଦୃଶ୍ୟ ଦେଖଣାହାରୀଙ୍କୁ ବ୍ୟଥିତ କରିଥିଲା। ଡାକ୍ତରଖାନା ସୂତ୍ରରୁ ସୂଚନା ପାଇ ରିଆମାଳ ପୁଲିସ ରାତିସାରା ମୃତଦେହ ଜଗି ରହିବା ପରେ ଶୁକ୍ରବାର ସକାଳୁ କୁଣ୍ଢେଇଗୋଲା ଥାନା ପୁଲିସ ସେଠାରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଚଞ୍ଚଳାଙ୍କ ପରିବାର ଲୋକେ ଖବର ପାଇବା ପରେ ବିଭୂତି ନାମରେ ହତ୍ୟା ଅଭିଯୋଗ କରିଥିଲେ। ପୁଲିସ୍ ଟିକିରା ନଦୀକୂଳରୁ ଅଭିଯୁକ୍ତ ବିଭୂତିକୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲା।

# ଓଏଏସ୍ ସ୍ତରରେ ଅଦଳବଦଳ

### ଜ୍ୟୋତିର୍ମୟୀ ପ୍ରଧାନ ଜଙ୍ଗଲ ବିଭାଗ ଅତିରିକ୍ତ ସଚିବ

ଭୁବନେଶ୍ୱର,୨୮।୨(ସମିସ): ଓଏଏସ୍‌ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସିଡିଏ ସଚିବ ଥିବା ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ପରିଷଦ ସିଡିଓ ତଥା ଇଓ ଥିବା ପ୍ରବୀର କୁମାର ନାୟକଙ୍କୁ ଗଜପତି ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏହାସହ ଗତ ୧୪ ତାରିଖରେ ଗଜପତି ଜିଲ୍ଲାପାଳ ଭାବେ ସୋମନାଥ ମାଝୀଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ସେହିପରି କଟକ ବୋର୍ଡ ଅଫ୍ ରେଭିନ୍ୟୁ ଅତିରିକ୍ତ ସଚିବ ସରୋଜ ସାହୁଙ୍କୁ ଅତିରିକ୍ତ ଏସ୍‌ଆରସି ଭାବେ ବଦଳି କରାଯାଇଛି। ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଏହାସହ ଗତ ୬ ନଭେମ୍ବରରେ ଶ୍ରୀ ବଳଙ୍କ ବିହନ ନିଗମକୁ ହୋଇଥିବା ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରାଯାଇଛି।

ସେହିପରି ବାଲେଶ୍ୱର ଜିଲ୍ଲା ପରିଷଦ ସିଡିଓ ତଥା ଇଓ ବିଶ୍ୱରଞ୍ଜନ ନାୟକଙ୍କୁ ଝାରସୁଗୁଡ଼ା ଜିଲ୍ଲାପରିଷଦ ସିଡିଓ ତଥା ଇଓ ଭାବେ ବଦଳି କରାଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପୁରୀ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକୋଲ) ଭାବେ ବଦଳି କରାଯାଇଛି। ଅତିରିକ୍ତ ଏସ୍‌ଆରସି ଥିବା ଅତିଶି ଦାସଙ୍କୁ କଟକ ବୋର୍ଡ ଅଫ ରେଭିନ୍ୟୁର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସଚିବ ଶ୍ୱେତକୁମାର ଦାଶଙ୍କୁ ସିଡିଏ ସଚିବ ଭାବେ ବଦଳି କରାଯାଇଛି।

### ■ ଟ୍ରକ୍‌କୁ ପଛରୁ ପିଟିଲା ସ୍କର୍ପିଓ

# ଗୋଟିଏ ପରିବାରର ୩ମୃତ

ବିଜେପୁର, ୨୮।୨ (ସମିସ): ବରଗଡ଼ ଜିଲ୍ଲା ଦେଇ ଯାଇଥିବା ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ୍



ୱେ'ରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତାହତଙ୍କ ନାମ ଜଣାପଡ଼ିନଥିବା ବେଳେ ସେମାନେ ପଡ଼ୋଶୀ ଛତିଶଗଡ଼ର ବାସିନ୍ଦା ବୋଲି କୁହାଯାଉଛି। ଆହତମାନଙ୍କୁ ପ୍ରଥମେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ବରଗଡ଼ ପଟୁ ଏକ ସ୍କର୍ପିଓ (ସିଜି୧୩ ଏ ୯୦୫୪) ରେ ଏକ ପରିବାର ପଦ୍ମପୁର ଅଭିମୁଖେ ଯାଉଥିବା ବେଳେ ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ୍ ୱେର ଘେଁସ ସାନଯୋର ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସ୍କର୍ପିଓଟି ଟ୍ରକ୍ ଭିତରକୁ ପଶିଯାଇଥିଲା। ଏଥିରେ ସ୍କର୍ପିଓଟି ଚୂରମାର୍ ହୋଇଯାଇଥିବା ବେଳେ ସେଥିରେ ବସିଥିବା ୫ଜଣ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ଜଣଙ୍କ ମୃତ୍ୟୁ ହୋଇସାରିଥିଲା। ଆହତମାନଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ମେଲଛାମୁଣ୍ଡା ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ମୃତାହତମାନଙ୍କ ପରିଚୟ ଜାଣିବା ପାଇଁ ଚେଷ୍ଟା ଚଳାଇଛି।

### ହାଇକୋର୍ଟରେ ଏନ୍‌ଏମ୍‌ଆର୍ କର୍ମଚାରୀ ପେନ୍‌ସନ୍‌ରୁ ବଞ୍ଚିତ ପ୍ରସଙ୍ଗ

# ବକେୟା ପଇଠ ନକଲେ ବାର୍ଷିକ ୧୦ ପ୍ରତିଶତ ସୁଧ ଗଣିବେ ଅଧିକାରୀ

କଟକ, ୨୮।୨(ସମିସ): ଜନୈକ ଏନଏମଆର କର୍ମଚାରୀ ଦୀର୍ଘ ୪ଦଶନ୍ଧି ଧରି କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ ସୁଦ୍ଧା ତାଙ୍କ ଚାକିରି ନିୟମିତୀକରଣ କରାଯାଇ ପେନସନ ପ୍ରଦାନ କରାନଯିବା ପ୍ରସଂଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆବେଦନକାରୀଙ୍କଠାରୁ କନିଷ୍ଠ କର୍ମଚାରୀଙ୍କ ଚାକିରି ନିୟମିତୀକରଣ କରିବା ସହ ଅବସର ପରେ ପେନସନ ସୁବିଧା ଦିଆଯାଇଥିବାରୁ ସେହି ଆଧାରରେ ଆବେଦନକାରୀଙ୍କୁ ସୁବିଧା ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି। ଆସନ୍ତା ୩ ମାସ ମଧ୍ୟରେ ଆବେଦନକାରୀଙ୍କ ଚାକିରି ନିୟମିତିକରଣ ସହ ପେନସନ ଓ ବକେୟା ରାଶି ପ୍ରଦାନ କରାଯିବ। ଯଦି ଏହି ସମୟ ମଧ୍ୟରେ ନିର୍ଦ୍ଦେଶ ପାଳନ କରାନଯାଏ, ତାହେଲେ ଉତ୍ତରଦାୟୀ ଅଧିକାରୀ ବାର୍ଷିକ ୧୦ ପ୍ରତିଶତ ହାରରେ ସୁଧ ପଇଠ କରିବେ ବୋଲି ଅଦାଲତ କହିଛନ୍ତି। ରତ୍ନାକର ସ୍ୱାଇଁଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ କଟକ ଜନସ୍ୱାସ୍ଥ୍ୟ ଡିବିଜନ ଅଧୀନରେ ଗତ ୧୯୮୧ ମସିହାରେ ଫିଲଟର୍ ମେକାନିକ ଏନଏମଆର କର୍ମଚାରୀ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଗ୍ରେଡେସନ୍ ତାଲିକାରେ ତାଙ୍କଠାରୁ କନିଷ୍ଠ ଥିବା କର୍ମଚାରୀଙ୍କ ଚାକିରି ନିୟମିତ କରାଯାଇଥିଲେ ସୁଦ୍ଧା ତାଙ୍କର ହୋଇନଥିଲା ବେଳେ ସେ ୨୦୨୨ରେ ଅବସର ନେଇଥିଲେ। ଏହା ପରେ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାର ଏହି ମାମଲାରେ ବାରମ୍ବାର ସମୟ ନେଇ ଜବାବ ଦାଖଲ କରିନଥିଲେ। ଏହା ପରେ ଅଦାଲତ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସଫଳତା

# ନୂତନ ପ୍ରଜାତିର ପରଜୀବୀ ଆଇସୋପୋଡ୍ ଚିହ୍ନଟ

ଗୋପାଳପୁର, ୨୮।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱାରା ଏକ ନୂତନ ପ୍ରଜାତିର ପରଜୀବୀ ଆଇସୋପୋଡ୍ ଚିହ୍ନଟ ହୋଇଛି। ଏହାର ନାମ 'ଲୋବୋଥୋରାକ୍ସ ଭାରତ' ରଖାଯାଇଛି। ଅନୁସନ୍ଧାନ ଜାତୀୟ ଗବେଷଣା ପ୍ରତିଷ୍ଠାନ ଆର୍ଥିକ ଅନୁଦାନରେ ବିଭାଗ ପକ୍ଷରୁ ଗବେଷଣା ଆରମ୍ଭ ହୋଇଥିଲା। ୨୦୨୩ ମାର୍ଚ୍ଚ ଏବଂ ମେ'ରେ ବାଲେଶ୍ୱରସ୍ଥିତ ବାହାବଲପୁର ଏବଂ ଗୋପାଳପୁର ମତ୍ସ୍ୟାବତରଣ କେନ୍ଦ୍ରରୁ ଏହି ପ୍ରଜାତିର ପରଜୀବୀ ଆଇସୋପୋଡ୍ ମିଳିବା ପରେ ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଗବେଷଣାଗାରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଗୋପାଳପୁରସ୍ଥିତ ଜେଡ୍‌ଏସଆଇ ମିଳିତ ସହଯୋଗରେ ପରୀକ୍ଷା ନିରୀକ୍ଷା କରାଯାଇଛି।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ଡ. ଜୟକିଶୋର ସେଠ୍, ଗବେଷକ ସନ୍ଦୀପ ମହାପାତ୍ର, ସନ୍ମିତ୍ର ରୟ, ପୁନା ଜେଡ୍‌ଏସଆଇର ବୈଜ୍ଞାନିକ ଡ. ବାସୁଦେବ ତ୍ରିପାଠୀ, ଗୋପାଳପୁର ଜେଡ୍‌ଏସ୍‌ଆଇର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ମିଳିତ ଭାବେ ବିଭିନ୍ନ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିରୁ ୬ ପ୍ରକାରର ନମୁନା ସଂଗ୍ରହ କରାଯାଇଥିଲା। ବିଶ୍ୱରେ ଏହି ପ୍ରଜାତିର ୩୮୦ଟି ରହିଥିବା ବେଳେ ଭାରତରେ ୭୦ ପ୍ରକାର ଏବଂ ଓଡ଼ିଶାରେ ପ୍ରାୟ ୨୫ପ୍ରକାର ଆଇସୋପୋଡ୍ ଦେଖାଦେଇଥିବା ବେଳେ ଏହା ଏକ ଭିନ୍ନ ଓ ନୂତନ ପ୍ରଜାତିର ବୋଲି ଜଣାପଡ଼ିଛି। ଏମାନେ ସମୁଦ୍ରର ମଧ୍ୟମ ସ୍ତରରେ ରହିଥାନ୍ତି। ସମୁଦ୍ରରେ ଥିବା ଶାବଳା ମାଛର ପାଟି ଭାଗରେ ରହି ମାଛ ଖାଉଥିବା ଖାଦ୍ୟ ଏବଂ ମାଛର ରକ୍ତ ଏବଂ ଟିସୁ ଓ ମାଂସକୁ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏମାନଙ୍କ ମୁଣ୍ଡ ଅର୍ଦ୍ଧ ଗୋଲେଇ ରହିଥିବା ବେଳେ ୨ଟି ଆଖି, ୭ ହଳ ଗୋଡ଼ ଓ ବାଘ ନଖ ଭଳି ରହିଥିବାରୁ ସେମାନେ ଜାବୁଡି ଧରି ରହି ପାରନ୍ତି। ପହଁରିବା ପାଇଁ ୫ ହଳ ଗୋଡ଼ ବ୍ୟବହାର କରନ୍ତି। ପୁରୁଷ ଜାତିର ଲମ୍ବ ପ୍ରାୟ ୧.୫ ସେଣ୍ଟିମିଟର ରହିଥିବା ବେଳେ ମହିଳାର ଲମ୍ବ ୩ ସେଣ୍ଟିମିଟର୍ ପର୍ଯ୍ୟନ୍ତ ରହିଥାଏ। ଏହି ଜୀବଗୁଡ଼ିକ ଅମେରୁଦଣ୍ଡୀ। ଏମାନେ ସ୍ତର ସ୍ତର ଖୋଳପାରେ ରହିଥିବାରୁ ସେମାନଙ୍କୁ ମାଛମାନେ ଖାଇ ପାରନ୍ତି ନାହିଁ। ଏମାନଙ୍କୁ ମଣିଷ ମଧ୍ୟ ଖାଆନ୍ତି ନାହିଁ। ଏହି ପ୍ରଜାତିର ପରଜୀବୀଠାରୁ ୩ ପ୍ରତିଶତ ଡିଏନଏ ପରୀକ୍ଷାରେ ଭିନ୍ନ ରହିଥିବାରୁ ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପରେ ଆଜି ଜୋନାଲ ଜୁଟାକ୍ସାରେ ପ୍ରକାଶିତ ହୋଇଥିବା ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଡ. ଜୟକିଶୋର ସେଠ୍ ସୂଚନା ଦେଇଛନ୍ତି।

## ହାଇୱା ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବରୁଆଁ, ୨୮ ।୨(ସମିସ):** ୨୦ ନମ୍ବର ଜାତୀୟ ରାଜପଥର କୁଆଖିଆ-ଯାଜପୁର ରାସ୍ତାରେ ହାଇୱା ଧକ୍କାରେ ଯାଉଛି ଗୋଟିଏ ପରେ ଗୋଟିଏ ମୂଲ୍ୟବାନ ଜୀବନ । ଆଜି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦକ୍ଷିଣୀ କାଞ୍ଚିଆ (ଖଡିପଦା) ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା (୫୦) ଓ ପତ୍ନୀ ମନୋରମା ବେହେରା ବାଇକ୍‌ରେ ଭୁବନେଶ୍ୱରରୁ ଘରକୁ ଆସୁଥିବା ସମୟରେ ସକାଳ ୮ଟା ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ଛକରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା । ଉଭୟ ସ୍ୱାମୀ-ସ୍ତ୍ରୀ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ମନୋରମା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ଖଗେଶ୍ୱର ଘଟଣା ସମ୍ପର୍କରେ ଯାଜପୁର ସଦର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଏହି ଘଟଣା ବାରମ୍ବାର ଏହି ରାସ୍ତାରେ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ହେଉନି । କେବଳ ହାଇୱା ଚାଳକଙ୍କ ବେପରୁଆ ଗାଡି ଚାଳନା ଓ ପୁଲିସ ପ୍ରଶାସନର ନିରବତା ପାଇଁ ଘଟୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି ।

## 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ

**ମଙ୍ଗଳପୁର/କୟାଁଗୋଲା, ୨୮ ।୨(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟ କଳାକାର କାର୍ତ୍ତିକ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନଶିକ୍ଷକ କିଶନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥି ଏବିଓ ନୃସିଂହ ଚରଣ ମହାନ୍ତି, ଧରମପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା ଉପରେ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ ବିଶ୍ୱାଳ, ସ୍ନେହାଞ୍ଜଳି ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍; ମା' ତାରିଣୀ ବଣିକ ସଂଘ ଚାମ୍ପିଅନ୍

**ଟମକା, ୨୮ ।୨(ସମିସ):** ସ୍ଥାନୀୟ ବ୍ରାହ୍ମଣୀପାଳ ଖେଳ ପଡ଼ିଆରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ।



ହରିଚନ୍ଦନପୁରର ପ୍ରେସ୍ କ୍ଲବ୍, ଟାଟା ଷ୍ଟିଲ୍ ଓ ଟାଟା ଫାଉଣ୍ଡେସନ ଓ ବ୍ରାହ୍ମଣୀପାଳ ମା'ତାରିଣୀ ବଣିକ ସଂଘ ଆଦି ୪ଟି ନେଇ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ମା'ତାରିଣୀ ବଣିକ ସଂଘ କ୍ରିକେଟ ଟିମ୍ ଫାଇନାଲ୍ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି । ପୁରସ୍କାର ବିତରଣୀ ଉତ୍ସବରେ ଦୈତାରୀ ବ୍ରାହ୍ମଣୀପାଳ ବନ ବିଭାଗର ବନାଞ୍ଚଳ ଅଧିକାରିଣୀ ପ୍ରିୟଦର୍ଶିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନର ୟୁନିଟ୍ ହେଡ୍ ଡଃ ଜୟନ୍ତ ତ୍ରିପାଠୀ, ବ୍ରାହ୍ମଣୀପାଳ ବନପାଳ, କଳିଙ୍ଗନଗର ଟାଟା ଷ୍ଟିଲ୍‌ର ଦେବ ରଞ୍ଜନ ବର୍ଦ୍ଧନ, ମିଡ଼ିଆ ସଂଯୋଜକ ପ୍ରଭାତ ପାତ୍ର, ଶାଖା ପ୍ରବନ୍ଧକ ଈଶ୍ୱର ପରିଡ଼ା, ଜୟ ବଜରଙ୍ଗ ବାଲି ଟ୍ରକ୍-ଟିପର ଆସୋସିଏସନର ସମ୍ପାଦକ ପ୍ରତାପ ଧିର, ୧୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମଧୁସ୍ମିତା ଦାସ, ଦେଉଳକଣ, କିଆଝର, ରାସୋଳ, ଟାଙ୍ଗିରିଆପାଳ, ରାଧିଗାଦିଦେଇପୁରର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ ।

### ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# ମନରେଗା ମଜୁରି ବୃଦ୍ଧି ପାଇଁ ପ୍ରମିଳାଙ୍କ ଦୃଢ଼ ଦାବି

ଯାଜପୁର, ୨୮ ।୨(ସମିସ)



କେନ୍ଦ୍ର ସରକାରଙ୍କ ପକ୍ଷରୁ ମନରେଗା ଯୋଜନା ଆରମ୍ଭ କରାଯାଇଛି ସତ, ତେବେ ଏଥିରେ ଶ୍ରମିକଙ୍କୁ ମିଳୁଥିବା ପାରିଶ୍ରମିକ ଉପଯୁକ୍ତ ହେଉ ନ ଥିବାରୁ ଶ୍ରମିକମାନେ ଏହି ଯୋଜନାରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଏଥିପାଇଁ ଏହି ଯୋଜନାରେ ଶ୍ରମିକଙ୍କ ମଜୁରି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ଅତିକମ୍‌ରେ ଶ୍ରମିକଙ୍କ ମଜୁରି ୪୫୦ ଟଙ୍କା କରିବାକୁ ଦାବି କରିଥିଲେ । ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ପରିଚାଳନା (ଦିଶା) କମିଟି ବୈଠକରେ ପ୍ରମିଳା ଏଭଳି ଦୃଢ଼ ଦାବୀ ଉପସ୍ଥାପନ କରିଛନ୍ତି ।

ଯାଜପୁର ଲୋକସଭା ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରଣିତ ବିଭିନ୍ନ ଯୋଜନାର ପ୍ରଣୟନ ଓ କାର୍ଯ୍ୟକାରିତା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ବୈଠକରେ ଅଧ୍ୟକ୍ଷତା କରି ସାଂସଦ କହିଲେ, ନୂତନ ସରକାର ଗଠନ ହେବା ପରେ ପ୍ରଥମଥର ଏହି ବୈଠକ ଅନୁଷ୍ଠିତ ହେଉଛି । କେନ୍ଦ୍ରୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରି ଜିଲ୍ଲାକୁ ବିକଶିତ କରିବା ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜାତୀୟ ସାମାଜିକ ସହାୟତା ଯୋଜନାରେ ଯେଉଁ ବୟସ୍କ ଓ ଭିନ୍ନକ୍ଷମ ହିତାଧିକାରୀ ବ୍ୟାଙ୍କକୁ ଯାଇପାରୁନାହାନ୍ତି, ସେମାନଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବିଡିଓଙ୍କୁ ପରାମର୍ଶ ଦେଇଥିଲେ । ଏହି ଭତ୍ତା ଅର୍ଥ ଲୋନ ବାବଦକୁ ନ କାଟିବାକୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପରାମର୍ଶ ଦେଇଥିଲେ । ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିବାକୁ କହିଥିଲେ । ଚଣ୍ଡିଖୋଲରୁ ଡୁବୁରୀ ରାସ୍ତା କାମ ତୁରନ୍ତ ଶେଷ କରିବାକୁ ବିଧାୟକମାନେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

ସେହିପରି ବଡ଼ଚଣା ବ୍ଲକରେ ଦୀର୍ଘଦିନ ଧରି ନିର୍ମାଣାଧୀନ ଅଙ୍ଗନବାଡ଼ି ଗୃହ କାମ ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଏମଜିଏନଆରଇଜିଏସ, ଦୀନଦୟାଲ ଅନ୍ତୋଦୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆରସେଟି, ସଂସଦ ଆଦର୍ଶ ଗ୍ରାମ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ ଲାଇଭ ଷ୍ଟକ୍ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବେଟି ବଚାଓ ବେଟି ପଢ଼ାଓ ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ମହିଳା ନିରାପତ୍ତା ଓ ସୁରକ୍ଷା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଳ ଜୀବନ ମିଶନ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ୍ ମର୍ଡନାଇଜେସନ ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପିଏମଇଜିପି, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ଏମପି ଲ୍ୟାଡ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ପ୍ରି ଓ ପୋଷ୍ଟ ମାଟ୍ରିକ ସ୍କଲାରସିପ, ଖେଲୋ ଇଣ୍ଡିଆ, ଇ-ଶ୍ରମ ପୋର୍ଟାଲ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ।

ଉକ୍ତ ବୈଠକରେ ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିଗଣ ଉପସ୍ଥିତ ଥିଲେ ।

### ଧାନମଣ୍ଡିରେ ଅବ୍ୟବସ୍ଥା

## ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ

**ଯାଜପୁର, ୨୮ ।୨(ସମିସ):** ଧାନମଣ୍ଡି ଅବ୍ୟବସ୍ଥାକୁ ନେଇ ଆଜିକୁ ୧୦ ଦିନ ହେବ ଅନଶନ ଚଳାଇଛନ୍ତି ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର । ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାର କରୁନାହାନ୍ତି । ଚାଷୀ ନେତାଙ୍କ ଅନଶନ ନେଇ ଚାଷୀମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ବଢ଼ିବାରେ ଲାଗିଛି । ଗତ ୨୨ ତାରିଖରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ୮ ଦଫା ସମ୍ବଳିତ ଦାବିକୁ ନେଇ ସୂଚନା ଦେଇଛନ୍ତି ଯେ, ସତ୍ୟାଗ୍ରହ ସ୍ଥଳରେ କୃଷିମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଓ ଉକ୍ତ ବିଭାଗର ସଚିବଙ୍କ ସହିତ (ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ) ଆଲୋଚନା କରିବା ପାଇଁ ନିବେଦନ କରି ଅପେକ୍ଷା କରିଛନ୍ତି । ଗତ ଜାନୁଆରୀ ୨୭ ତାରିଖ ରାତି ୧୦.୩୦ ମିନିଟ୍ ପରେ ଦୀର୍ଘ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଚାଷ ଓ ଚାଷୀ ସମସ୍ୟା ବିଷୟରେ ଟିକିନିକ୍ ଆଲୋଚନା ହୋଇଥିଲା । ଯେଉଁଥିରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦେବା ସହ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ସମସ୍ୟା ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାକୁ ବନ୍ଦ କରିବା ପରିବର୍ତ୍ତେ ମିଲର ଓ ସମବାୟ ସମ୍ପାଦକ ଜବରଦସ୍ତ ଗୁଣ୍ଡାଗିରି ଓ ମିଛ ସତ ପ୍ରଚାର କରି ଚାଷୀଙ୍କଠାରୁ ମନଇଚ୍ଛା ଧାନ କାଟି ନେଉଛନ୍ତି । ଏହାର ପ୍ରତିବାଦରେ ଆଜି ଯାଜପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଚାଷୀ ନେତୃତ୍ୱ ପହଞ୍ଚି ବିକ୍ଷୋଭ କରିଥିଲେ । ରାଜ୍ୟ ସହସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ବ୍ଲକ ସଂଯୋଜକ ମାଧବାନନ୍ଦ ଶାନ୍ତି, ବଲ୍ଲଭ ଜେନା, ବ୍ରହ୍ମାନନ୍ଦ ଦାସ, ସୁବ୍ରତ ସାହୁ, ଧନଞ୍ଜୟ ବିଶ୍ୱାଳ, ଶ୍ରୀଧର ମହଲ, ବୀରବର ଜେନା, ସୁଦର୍ଶନ ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ । ଏ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି ।



## ବେଣାପୁରରେ ବାଦୀପାଲା

**ବଡ଼ଚଣା, ୨୮ ।୨(ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଣାପୁର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୨ରୁ ୬ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ବାଦୀପାଲା ଅନୁଷ୍ଠିତ ହେବ । ଏଥିରେ ସୁନାମଧନ୍ୟ ପାଲା ଗାୟକ ବସନ୍ତ କୁମାର ବେହେରା ଓ ଆଦିତ୍ୟ ନାରାୟଣ ସ୍ୱାଇଁ ପାଲା ପରିବେଷଣ କରିବେ । ଏହି କାର୍ଯ୍ୟକ୍ରମରେ ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ବେଣାପୁର ପାଲା କମିଟି ପକ୍ଷରୁ ନିବେଦନ କରାଯାଇଛି ।

### ରାସାୟନିକ ବିପର୍ଯ୍ୟୟର ମୁକାବିଲା ପ୍ରସ୍ତୁତି

## ନୀଳାଚଳ ଇସ୍ପାତ ନିଗମରେ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ

ଦାନଗଦି, ୨୮ ।୨(ସମିସ)




ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ନୀଳାଚଳ ଇସ୍ପାତ ନିଗମଠାରେ ରାସାୟନିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ରାଜ୍ୟସ୍ତରୀୟ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସଡିଏମଏ) ସହଯୋଗରେ ଆୟୋଜିତ ହୋଇଛି ଏହି ମକ୍‌ଡ୍ରିଲ୍ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ, ସରକାରୀ ଏଜେନ୍ସି ଓ ଜରୁରିକାଳୀନ ପ୍ରତିକ୍ରିୟା ଦଳ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା । ନୀଳାଚଳ ଇସ୍ପାତ ନିଗମ, ଟାଟା ଷ୍ଟିଲ କଳିଙ୍ଗନଗର ଓ ଜିନ୍ଦଲ ଷ୍ଟେନଲେସ୍ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପାରସ୍ପରିକ ସହଯୋଗୀ ସହାୟକ ଭାବେ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ ।

ଏହି ମକ୍‌ଡ୍ରିଲକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜିଲ୍ଲା ଜରୁରିକାଳୀନ ଅପରେସନ୍ ସେଣ୍ଟରର ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅଶୋକ କୁମାର ବେହେରା ସଂଯୋଜନା କରିଥିଲେ । ନୀଳାଚଳ ଇସ୍ପାତ ନିଗମ କାରଖାନା ଭିତରେ ଥିବା ପାୱାର ପ୍ଲାଣ୍ଟରେ ଥିବା ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଟ୍ୟାଙ୍କ ଷ୍ଟୋରେଜରେ ସମ୍ଭାବ୍ୟ ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଲିକ୍ କ୍ଷେତ୍ରରେ ଏହାର ପ୍ରଶମନ କ୍ଷମତା ପରୀକ୍ଷା କରିବା ଏହି ମକ୍‌ଡ୍ରିଲର ଉଦ୍ଦେଶ୍ୟ ଥିଲା । ଏହାର ଅର୍ଥ ପ୍ରକୃତରେ କୌଣସି ଅଘଟଣ ଘଟି ନ ଥିଲେ ମଧ୍ୟ ନିରାପତ୍ତା, ଅଗ୍ନିଶମ ବାହିନୀ, ମେଡିକାଲ, ସିକ୍ୟୁରିଟି ଆଣ୍ଡ ଅପରେସନ୍ ସମେତ ବିଭିନ୍ନ ଟିମ ଏଥିପାଇଁ କେତେ ପ୍ରସ୍ତୁତ, ତାହା ପରୀକ୍ଷା କରିବା ପାଇଁ ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ଏହି ମକ୍‌ଡ୍ରିଲରେ ସେହିପରି ପରିସ୍ଥିତି ସୃଷ୍ଟି କରାଯାଇଥିଲା । ମକ୍‌ଡ୍ରିଲ୍ ସମୟରେ ଟିମ୍ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ନିର୍ଦ୍ଦିଷ୍ଟ ସ୍ଥାନରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବା, ସମ୍ଭାବ୍ୟ ସଙ୍କଟକୁ ଠିକ୍ ସମୟରେ ତଦାରଖ କରି ନିୟନ୍ତ୍ରଣ କରିବା ପାଇଁ ବ୍ୟବହାରିକ ପ୍ରଶିକ୍ଷଣ ପ୍ରୋଟୋକଲ୍ ଅଭ୍ୟାସ କରାଯାଇଥିଲା । ଏହି ମକ୍‌ଡ୍ରିଲରେ ଦାନଗଦି ତହସିଲଦାର ରଣଜିତ ମଲ୍ଲିକ, କାରଖାନା ଓ ବଏଲରର ଉପନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଓଏସପିସିବିର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବୈଜ୍ଞାନିକ ହିମାଂଶୁ ଶେଖର ସାହୁ, ଓଡିଆରଏଫ୍‌ର ସହକାରୀ କମାଣ୍ଡାଣ୍ଟ ନରେଶ ବେହେରା, ଯାଜପୁରରୋଡ୍ ଅଗ୍ନିଶମ କେନ୍ଦ୍ର ସହକାରୀ ଅଗ୍ନିଶମ ଅଧିକାରୀ ତାପସ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ଇସ୍ପାତ ନିଗମର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଜିଲ୍ଲା ସଂସ୍କୃତି ପରିଷଦ ଗଠନରେ ବିଳମ୍ବ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

**ପ୍ରୀତିପୁର, ୨୮ ।୨(ସମିସ):** ଯାଜପୁର ଜିଲ୍ଲା ମହୋତ୍ସବ ଓ ଯଯାତି ମୁଖପତ୍ରର ପ୍ରକାଶନରେ ଜଣେ ସମ୍ପାଦକଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ସାରା ଜିଲ୍ଲାରେ ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଜିଲ୍ଲାର ବିଂଝାରପୁର, ବରୀ ଅଞ୍ଚଳର ଲେଖକଙ୍କୁ ମୁଖପତ୍ରରୁ ବାଦ୍ ଦେବା ସହ ଜିଲ୍ଲାର ବରିଷ୍ଠ ଲେଖକଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା ଓ ୧୫ ବର୍ଷ ଧରି ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ସଂଗଠନର ତାଲିକା ଏଯାବତ ସଂସ୍କୃତି ଅଧିକାରୀ ପ୍ରସ୍ତୁତ କରି ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ଅଖିଳ ଚକ୍ର ଅନୁଷ୍ଠାନ ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ମ୍ୟୁନିସପାଲିଟରୁ ୧୨ ଜଣ ପ୍ରତିନିଧି ଯେଉଁମାନେ ସାହିତ୍ୟ, ସଂସ୍କୃତି ଦିଗରେ କାର୍ଯ୍ୟ କରୁଛନ୍ତି ଓ ଯେଉଁମାନେ ଏକାଡେମୀ ପୁରସ୍କୃତ ହୋଇଛନ୍ତି ସେମାନଙ୍କୁ ନେଇ ତୁରନ୍ତ ସଂସ୍କୃତି ପରିଷଦ ଗଠନ କରାଯାଉ । ଜିଲ୍ଲା ପାଇଁ ଏହି ପରିଷଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ପରିଷଦର ପୁନର୍ଗଠନ ଏକାନ୍ତ ଆବଶ୍ୟକ ବୋଲି ଅଖିଳ ଚକ୍ରର ଶ୍ରୀ ପଣ୍ଡା କହିଛନ୍ତି । ସେ ଆହୁରି କହିଛନ୍ତି, ଜିଲ୍ଲାର ୧୦ଟି ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନକୁ ବାର୍ଷିକ ୧୦ ହଜାର ଟଙ୍କା ଅନୁଦାନ ଦିଆଯିବାକୁ ସର୍ବସମ୍ମତି ଭାବେ ନିଷ୍ପତ୍ତି ନିଆଯାଇଥିବାବେଳେ ତାହା ୨୫ ହଜାରକୁ ବୃଦ୍ଧି କରାଯିବା ପାଇଁ ଦାବି ହୋଇଥିଲା । ସେ ସମ୍ପର୍କରେ ଜିଲ୍ଲାପାଳ ଅନୁସନ୍ଧାନ କରିବାକୁ ସେ ନିବେଦନ କରିଛନ୍ତି ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**କବାଟବନ୍ଧ, ୨୮ ।୨ (ସମିସ):** ବାଉଁଶଅଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ମଧୁପୁରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅରୁଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପରିଚାଳନା କମିଟି ସଭାନେତ୍ରୀ କୁମୁଦିନୀ ଧୀର, ସମ୍ପାଦକ ଶଙ୍କର ପ୍ରସାଦ ଜେନାମଣି, ସହସମ୍ପାଦକ ପ୍ରଭାକର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ସାହୁ, ସତ୍ୟାନନ୍ଦ ମିଶ୍ର, ଅତିଥି ଶିକ୍ଷକ ଅଜୟ ମିଶ୍ର ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସୁବ୍ରତ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ ।









# ଜୀବନ ରଙ୍ଗମଞ୍ଚରେ 'ଉତ୍ତମ' ଯୁଗ ଶେଷ














**ଜୀବନ ରଙ୍ଗମଞ୍ଚରେ ଅଭିନୟ ସାରି ବାହୁଡ଼ିଗଲେ ଉତ୍ତମ। ଲିଭିଗଲା ଓଡ଼ିଆ ଚଳଚ୍ଚିତ୍ର ଜଗତର ଉଜ୍ଜ୍ୱଳ ତାରକା। ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନୋରଞ୍ଜନ କରୁଥିବା ଏହି ମହାନ୍ ନାୟକ ଆଜି ଅଲବିଦା କହି ସବୁଦିନ ପାଇଁ ଚିର ନିଦ୍ରାରେ ଶୋଇଯାଇଛନ୍ତି।**

## ■ ମୁରବୀଶୂନ୍ୟ ହୋଇଗଲା ଓଲିଉଡ୍

୭୦ ଦଶକରୁ ଏପର୍ଯ୍ୟନ୍ତ ଦୀର୍ଘ ୪ ଦଶନ୍ଧି ଧରି ଯେଉଁ କେତେଜଣ ଆଗଧାଡ଼ିର ଓଡ଼ିଆ ସିନେ କଳାକାର ଓଡ଼ିଆ ସିନେମା ଶିଳ୍ପର ସ୍ୱର୍ଣ୍ଣିମ ଯୁଗ ସ୍ରଷ୍ଟା ପାଲଟିଥିଲେ, ସେମାନେ ଜଣଙ୍କ ପରେ ଜଣେ ଚିରନିଦ୍ରାରେ ଶୋଇ ଯାଇଛନ୍ତି। କିଛି ବର୍ଷର ବ୍ୟବଧାନ ମଧ୍ୟରେ ଜଣଙ୍କ ପରେ ଜଣେ ବରିଷ୍ଠ କଳାକାର ଆଖି ବୁଜି ଦେଉଛନ୍ତି। ଫଳରେ ଓଡ଼ିଆ ସିନେମା ଶିଳ୍ପର ମେରୁଦଣ୍ଡ ଟିକିଏ ସଳଖି ଆସିବା ବେଳକୁ ପୁଣି ତାହା ଭାଙ୍ଗି ପଡୁଛି। ବିଜୟ ମହାନ୍ତି, ଦେବୁ ବୋଷ, ଅଜିତ୍ ଦାସ, ମିହିର ଦାସ, ମୀନକେତନ, ହର ପଟ୍ଟନାୟକ, ରାଇମୋହନଙ୍କ ଭଳି କିଂବଦନ୍ତି କଳାକାରମାନେ ଜଗତରୁ ବିଦାୟ ନେଇଥିବା ବେଳେ ଏକମାତ୍ର ଦମ୍ଭ ପାଲଟିଥିବା ଉତ୍ତମ ମହାନ୍ତି ମଧ୍ୟ ଆଜି ଆରପାରିରେ। ଓଡ଼ିଆ ସିନେମା କହିଲେ ଯେଉଁମାନଙ୍କୁ ବୁଝାଉଥିଲା, ଆଜି ସେମାନେ ଆଉ ନାହାନ୍ତି। ଫଳରେ ଓଡ଼ିଆ ସିନେ ଜଗତ ଏକପ୍ରକାର ମୁରବୀଶୂନ୍ୟ ହୋଇଯାଇଛି।

## ■ ଝୁରୁଛି କଳିଙ୍ଗ ଷ୍ଟୁଡ଼ିଓ

ଓଡ଼ିଆ ସିନେମାର ଏନ୍ତୁଡ଼ିଶାଳ କୁହାଯାଉଥିବା କଳିଙ୍ଗ ଷ୍ଟୁଡ଼ିଓକୁ ଦେଖିଲେ ମନେ ପଡ଼ିଯାଉଛି ୭୦ ଦଶକର ସେହି କଳାକାରମାନଙ୍କ କଥା। ରାତି ପାହିଲେ, ଯେଉଁମାନେ ପରିବାର ଭଳି ଏହି ସ୍ଥାନରେ ଏକାଠି ହେଉଥିଲେ, ଆଜି ସେମାନଙ୍କ ମଧ୍ୟରୁ ଅନେକ ନାହାନ୍ତି। କେଇଜଣ ହାତଗଣତି କଳାକାରଙ୍କୁ ଛାଡ଼ିଦେଲେ ମୁରବୀ ଶୂନ୍ୟ ହୋଇଯାଇଛି ଓଡ଼ିଆ ସିନେମା ଜଗତ। ଆଉ ମାତ୍ର କିଛି ଦିନ ପରେ ନୂଆ ରୂପରେ କଳିଙ୍ଗ ଷ୍ଟାଡିୟମ୍‌ରେ ସିନେମା ସୁଟିଂ ଆରମ୍ଭ ହେବାକୁ ଥିବା ବେଳେ କଳିଙ୍ଗ ଷ୍ଟୁଡିଓ ସହ ଜଡ଼ିତ କଳାକାରମାନେ ଜଣଙ୍କ ପରେ ଜଣେ ପରଲୋକଗାମୀ ହେବା ସିନେପ୍ରେମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

## ■ ଖରାରେ ଅପେକ୍ଷା କଲେ ଉତ୍ତମପ୍ରେମୀ

ଉତ୍ତମ ମହାନ୍ତିଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ରେଣ୍ଟାଲ କଲୋନୀସ୍ଥିତ ତାଙ୍କ ବାସଭବନ ଲୋକାରଣ୍ୟ ହୋଇପଡ଼ିଥିଲା। ଘରେ ପାର୍ଥିବ ଶରୀର ପହଞ୍ଚିବା ପୂର୍ବରୁ ଶହଶହ ସିନେପ୍ରେମୀ, ସମ୍ପର୍କୀୟ ଓ କଳାକାର ସେଠାରେ ଭିଡ଼ ଜମାଇ ସାରିଥିଲେ। ଉତ୍ତମଙ୍କ ଶେଷ ଦର୍ଶନ ପାଇଁ ରାସ୍ତାକଡ଼ରେ ଧୁ' ଧୁ' ଖରାରେ ପ୍ରଶଂସକମାନେ ଛିଡ଼ା ହୋଇ ରହିଥିଲେ। ଅପରପକ୍ଷେ, ଉତ୍ତମଙ୍କ ପାଇଁ କୋକେଇ ବନ୍ଧା ଯାଉଥିବା ଦେଖି ବହୁ ଉତ୍ତମପ୍ରେମୀ ନିଜ କୋହ ସମ୍ବରଣ କରିପାରିନଥିଲେ। ସେମାନଙ୍କ ଅଜାଣରେ ଆଖି ଲୁହ ଆପେଆପେ ବାହାରି ଆସିଥିଲା। ପାର୍ଥିବଶରୀର ପହଞ୍ଚିବା ପରେ ପୂରା ଅଞ୍ଚଳ କାନ୍ଦବୋବାଳିରେ ଫାଟି ପଡ଼ିଥିଲା।

## ■ ବିମାନବନ୍ଦରରୁ ଶ୍ମଶାନ ଯାଏ ଜନସମୁଦ୍ର

ଓଡ଼ିଆ ସିନେଜଗତର ଅପ୍ରତିଦ୍ୱନ୍ଦ୍ୱୀ କଳାକାର ଉତ୍ତମ ମହାନ୍ତିଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ ଶହଶହ ସିନେପ୍ରେମୀ ଓ ପ୍ରଶଂସକ। ବିମାନବନ୍ଦରରୁ ଆରମ୍ଭ କରି ଶ୍ମଶାନ ଯାଏ ଲୋକଙ୍କ ଭିଡ଼ ଲାଗିଥିଲା। ଏମିତିକି ରାସ୍ତାରେ ଯାଉଥିବା ଲୋକେ ମଧ୍ୟ କିଛି କ୍ଷଣ ଅଟକି ରହି କରଯୋଡ଼ି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ନିଜର ପ୍ରିୟ ଅଭିନେତାଙ୍କୁ। ପରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପହଞ୍ଚିଥିଲେ ସତ୍ୟନଗର ଶ୍ମଶାନରେ।

## ■ ଶେଷ ଶ୍ରଦ୍ଧାଞ୍ଜଳି ଦେଲେ ନେତା-ଅଭିନେତା

ବରମୁଣ୍ଡାସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଉତ୍ତମଙ୍କୁ ଶେଷ ଦର୍ଶନ କରିଥିଲେ। ଉତ୍ତମ ମହାନ୍ତିଙ୍କ ବିୟୋଗ ଓଡ଼ିଆ ସିନେମା ଗଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିବାରବର୍ଗଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ଉତ୍ତମଙ୍କ ଆତ୍ମାର ସଦଗତି କାମନା କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ସୁର ରାଉତରାୟ, ପ୍ରଯୋଜକ ଶ୍ରୀଧର ମାର୍ଥା, ଟୁଟୁ ନାୟକ, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ଝିଲିକ୍, ଅନୁ ଚୌଧୁରୀ, ନମ୍ରତା ଦାସ, ଅଭିନେତା ଶ୍ରୀତମ ଦାସ, ଆକାଶ ଦାସନାୟକ, ବୁଦ୍ଧାଦିତ୍ୟ ମହାନ୍ତି, ଦେବାଶିଷ, ପ୍ରଶାନ୍ତ ନନ୍ଦ, ପ୍ରଜ୍ଞାନ ଖଟୁଆ, ସ୍ୱରାଜ ବାରିକ୍‌ଙ୍କ ସମେତ ବହୁ ସଂଖ୍ୟାରେ ସିନେ କଳାକାରମାନେ ଉପସ୍ଥିତ ରହି ଉତ୍ତମଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ■ ଜୀବନସାଥୀଙ୍କୁ ଝୁରୁଛନ୍ତି ଅପରାଜିତା

ଉତ୍ତମ-ଅପରାଜିତା ଯୋଡ଼ି ଓଲିଉଡ୍‌ର ସର୍ବକାଳୀନ ହିଟ୍ ଯୋଡ଼ି ଭାବେ ବିବେଚିତ। ଏହି ଯୋଡ଼ି ଅଭିନୀତ ଅନେକ ଚଳଚ୍ଚିତ୍ର ସୁପରହିଟ୍ ହୋଇଛି। ସେ ସମୟର ଦର୍ଶକଙ୍କ ମାନସପଟରେ ଆଜି ବି ତାହା ସ୍ମୃତି ହୋଇ ରହିଛି। କିନ୍ତୁ ଆଉ ଦେଖିବାକୁ ମିଳିବନି ଉତ୍ତମ ଓ ଅପରାଜିତାଙ୍କ ଯୋଡ଼ି କିମ୍ବା ସେମାନଙ୍କ ଅଭିନୟର ଯାଦୁ। ଏକ ସିନେମାରୁ ଦେଖା, ପରେ ପ୍ରେମ ଏବଂ ଜୀବନସାଥୀ ପାଲଟିଥିବା ଉତ୍ତମ ଆରପାରିକୁ ଯିବା ପରେ ତାଙ୍କୁ ଝୁରି ହେଉଛନ୍ତି ସ୍ତ୍ରୀ ଅପରାଜିତା।

## ■ ସଂକୀର୍ତ୍ତନରେ ବାହାରିଲା ଶେଷ ଯାତ୍ରା

ସଂକୀର୍ତ୍ତନରେ ଉତ୍ତମ ମହାନ୍ତିଙ୍କ ବାସବଭବନରୁ ପାର୍ଥିବ ଶରୀର ବାହାରିଥିଲା। କିଛି ବାଟ ପର୍ଯ୍ୟନ୍ତ ପରିକ୍ରମା କରିବା ପରେ ଶ୍ମଶାନ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଥିଲା। ଏହି ସମୟରେ ରାମ ନାମ ସତ୍ୟ ହେ ଧ୍ୱନୀରେ ମହିଳା ଓ ପୁରୁଷ କୀର୍ତ୍ତନ ମଣ୍ଡଳୀଙ୍କ କୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ସାରା ଅଞ୍ଚଳ।

## ■ ଜେଜେଙ୍କୁ ଖୋଜୁଛି ନାତି

ପ୍ରତିଦିନ ନାତି ସହ ଖୁସିରେ ସମୟ ବିତାଉଥିଲେ ଉତ୍ତମ। ହସଖୁସିରେ ପୂରି ଉଠୁଥିବା ପରିବାର ଉତ୍ତମଙ୍କୁ ହରାଇ ସ୍ତବ୍ଧ ପାଲଟିଯାଇଛି। ଚାରିଆଡ଼େ ବୁଲି ବୁଲି ଜେଜେଙ୍କୁ ଖୋଜୁଥିବା ନାତିକୁ କେହି ବୁଝାଇ ପାରୁ ନାହାନ୍ତି ଯେ ଅଫେରା ରାଇଜକୁ ଚାଲିଯାଇଥିବା ଜେଜେ ଆଉ କେବେ ଫେରିବେନି।

## ■ ପରମ୍ପରାକୁ ଭୁଲିନାହାନ୍ତି ବୋହୂ

ଉତ୍ତମଙ୍କୁ ବିଦାୟ ଦେବା ସମୟରେ ବୋହୂ ତୃପ୍ତି ନିଜର କର୍ତ୍ତବ୍ୟ ପ୍ରତିପାଦନ କରିଛନ୍ତି। ସାରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ତୃପ୍ତି ନିଜକୁ ଦୃଢ଼ କରି ପରମ୍ପରା ଅନୁସାରେ ଦାଣ୍ଡରେ ଗୋବର ପାଣି ପକାଇ ଝାଡୁ କରିଥିଲେ। ପରେ ଶ୍ମଶାନରେ ପହଞ୍ଚି ସେଠାରେ ଶେଷକୃତ୍ୟ ସମ୍ପନ୍ନରେ ସାମିଲ ହୋଇଥିଲେ। ଖାଲି ସେତିକି ନୁହେଁ, ହସ୍ପିଟାଲରେ ମଧ୍ୟ ଉତ୍ତମଙ୍କ ପାଖେପାଖେ ରହି ତାଙ୍କ ସେବା ଶୁଶ୍ରୁଷା କରିଥିଲେ ତୃପ୍ତି।



**ମାର୍କେଟିଂ ସୁପରଭାଇଜର ଆବଶ୍ୟକ**

ମା' ବିନ୍ଧ୍ୟ ବାସିନୀ ପଲିମର (ପ୍ଲାଷ୍ଟିକ କାରଖାନା),
କଣ୍ଟାବଣିଆ ଛକ, ଡେଲାଙ୍ଗ, ପୁରୀ
ଶିକ୍ଷାଗତ ଯୋଗ୍ୟତା - ମାଟ୍ରିକରୁ ଉର୍ଦ୍ଧ୍ୱ
ଅଭିଜ୍ଞତା - ମାର୍କେଟିଂରେ ୩ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା
ମାର୍କେଟିଂ ଏରିଆ - ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, ବଲାଙ୍ଗୀର, ସୋନପୁର, ବରଗଡ ଓ ଫୁଲବାଣୀ

ସାକ୍ଷାତ୍- ୭ ମାର୍ଚ୍ଚ ୨୦୨୫ (ଶୁକ୍ରବାର)
ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସାକ୍ଷାତ୍ କରିପାରିବେ
ଯୋଗାଯୋଗ: ୯୯୩୮୦୭୭୬୧, ୬୩୭୦୩୩୫୯୯୩, ୭୦୦୮୪୬୭୬୧୦

### ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ହାଜର ନ ହେବା ମହଙ୍ଗା ପଡ଼ିଲା

# ଦୁଇ ପୁଲିସ ଅଧିକାରୀଙ୍କ ନାମରେ ୱାରେଣ୍ଟ ଜାରି

ବିଂଝାରପୁର,୨୮ ।୨(ସମିସ)

ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନାର ଦୁଇ ପୂର୍ବତନ ଅଧିକାରୀଙ୍କ ନାମରେ ରାଜ୍ୟ ମାନବାଧିକାର ଆୟୋଗ ୱାରେଣ୍ଟ ଜାରି କରିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଉଭୟ ପୁଲିସ ଅଧିକାରୀ ମାନବାଧିକାର କମିଶନଙ୍କ ନିକଟରେ ହାଜର ନ ହେବା କାରଣରୁ ଏହି ୱାରେଣ୍ଟ ଜାରି ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅରେଇ ଗ୍ରାମର ଦୁର୍ଗାରାଣୀ ମିଶ୍ର ସେହି ଗ୍ରାମର ସାମ୍ବାଦିକ ଦେବୀଦତ୍ତ ସାମଲଙ୍କୁ ୨୦୧୯ରେ କୋର୍ଟ ମ୍ୟାରେଜ୍ କରିଥିଲେ। ୨୦୨୧ ଫେବୃଆରୀ ୧୨ ତାରିଖ ରାତିରେ ଦୁର୍ଗା ତାଙ୍କ ସ୍ୱାମୀ ଦେବୀଦତ୍ତ ସାମଲ ଓ ମା' ରଞ୍ଜୁଲତା ମିଶ୍ରଙ୍କ ସହ ଘରେ ଥିବାବେଳେ ଦେବୀଙ୍କୁ ବିରୋଧ କରୁଥିବା ଦୁର୍ଗାଙ୍କ କିଛି ସମ୍ପର୍କୀୟ ପଡୋଶୀ ଯୋଜନାବଦ୍ଧ ଭାବେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଘର ଭିତରେ ପଶି ଦେବୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ଘଟଣାକୁ ମୋବାଇଲ୍‌ରେ ରେକର୍ଡ କରିବାକୁ ଚେଷ୍ଟା କରିବା ସମୟରେ ପଡୋଶୀ ଉଭୟ ସ୍ୱାମୀସ୍ତ୍ରୀଙ୍କ ମୋବାଇଲ୍ ଛଡାଇ ନେବା ସହ ଲାପଟପ୍ ଓ ସ୍କୁଟି ଭାଙ୍ଗିଦେଇଥିଲେ। ଏଥିସହ ଦୁର୍ଗା ପିନ୍ଧିଥିବା ସୁନା ଚେନ୍ ଓ ଦେବୀଙ୍କ ପାଖରେ ଥିବା ଟଙ୍କା ସେମାନେ ଲୁଟି ନେଇଥିଲେ। ବିଂଝାରପୁର ପୁଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲା। ଯାହାକୁ ନେଇ ମା' ରଞ୍ଜୁଲତା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଘଟଣା ସମୟର ଭିଡିଓ ଓ ତତ୍କାଳୀନ ଥାନାଧିକାରୀ ନିରଞ୍ଜନ ଶବରଙ୍କୁ ଦିଆଯାଇଥିବା ଫଟୋ ଦୁଇଟି ନିର୍ଦ୍ଦିଷ୍ଟ ୱେବ୍ ମିଡ଼ିଆ ସଂସ୍ଥା ସ୍ୱାମୀ ସ୍ତ୍ରୀ ଦୁହିଁଙ୍କୁ ପ୍ରେମିକ ପ୍ରେମିକା ଆଖ୍ୟା ଦେବା ସହ ଅଶାଳୀନ ମନ୍ତବ୍ୟ ଦେଇ ଭାଇରାଲ କରିଥିବା ଦୁର୍ଗା ଦେଖିବାକୁ ପାଇବା ପରେ ୨୬।୨।୨୦୨୧ରେ ବିଂଝାରପୁର ଥାନାରେ ଦୁଇ ସଂସ୍ଥା ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିଲା। ପରେ ଦୁର୍ଗା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ଦେଖିବାକୁ ମିଳି ନ ଥିଲା। ଶେଷରେ ୧।୩।୨୦୨୧ରେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗର ଦୁଇବର୍ଷ ପରେ ମାମଲା ରୁଜୁ କରାଯାଇଥିଲା। ସେତେବେଳକୁ ଥାନାଧିକାରୀ ନିରଞ୍ଜନ ଶବରଙ୍କ ବଦଳି ହୋଇସାରିଥିଲା । ନିରଞ୍ଜନ ଶବରଙ୍କ ବଦଳି ପରେ ବିଞ୍ଝାରପୁର ଥାନାକୁ ଆସିଥିବା ତତ୍କାଳୀନ ଥାନାଧିକାରୀ ରଞ୍ଜିତ ମହାନ୍ତି ମଧ୍ୟ ଆଜିକାଲି କରି ଏଇଟା ଦିଅ ସେଇଟା ଦିଅ କହି ଦୁର୍ଗାଙ୍କୁ ବାରମ୍ବାର ଥାନାକୁ ଦୌଡ଼ାଇଥିଲେ ଓ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକୁ ବେଖାତିର କରିବାକୁ ପଛାଇ ନ ଥିଲେ। ଦୁର୍ଗା ମାନବାଧିକାର ଆୟୋଗଙ୍କୁ ସମସ୍ତ କଥା ଜଣାଇବା ପରେ ମାନବାଧିକାର ଆୟୋଗ ପୁନର୍ବାର ନିର୍ଦ୍ଦେଶ କରିବା ପରେ ତତ୍କାଳୀନ ଥାନାଧିକାରୀ ରଞ୍ଜିତ ମହାନ୍ତି ୧୩।୩।୨୦୨୩ରେ ମାମଲା ରୁଜୁ କରିଥିଲେ। ତେବେ ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ଦୁଇ ସମ୍ପୃକ୍ତ ଥାନାଧିକାରୀଙ୍କ ବିରୁଦ୍ଧରେ ମାମଲା ଜାରି ରହିଥିଲା। ମାନବାଧିକାର ଆୟୋଗଙ୍କ ହାଜର ନିର୍ଦ୍ଦେଶକୁ ଖାତିରି ନ କରି ବାରମ୍ବାର ଆଇନଶୃଙ୍ଖଳା କାର୍ଯ୍ୟବ୍ୟସ୍ତତା ଦେଖାଇ ଅନୁପସ୍ଥିତ ରହୁଥିଲେ ଦୁଇ ପୁଲିସ ଅଧିକାରୀ। ଫଳରେ ଗତ ଫେବୃଆରୀ ୨୪ରେ ଥିବା ତାରିଖରେ ଶୁଣାଣି କରିବା ବେଳେ ପୁନର୍ବାର ତାଙ୍କ ଓକିଲ ସମାନ କାରଣ ଦର୍ଶାଇବାରୁ ଦୁର୍ଗାଙ୍କ ଓକିଲ ସତ୍ୟମ୍ ଦାସ ପଟ୍ଟନାୟକ ତୀବ୍ର ବିରୋଧ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାଜ୍ୟ ମାନବାଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ. ପୂଜାରୀ ତାଙ୍କର ଶୁଣାଣିରେ ନିରଞ୍ଜନ ଶବର (ଏସଡିପିଓ, ଆଠଗଡ଼) ଓ ରଞ୍ଜିତ ମହାନ୍ତି (ଆଇଆଇସି,ପାଣିକୋଇଲି)ଙ୍କ ନାମରେ ହାଜର ହେବା ପାଇଁ ୱାରେଣ୍ଟ ଜାରି କରିଛନ୍ତି।

## ଅତ୍ୟାଧୁନିକ 'ଓଡ଼ିଶା ହୋଟେଲ' ଉଦ୍‌ଘାଟିତ



ଯାଜପୁର, ୨୮ ।୨(ସମିସ): ଯାଜପୁର ସହରସ୍ଥ ମେଡିକାଲ ଓ ଗାନ୍ଧୀ ଛକ ମଧ୍ୟସ୍ଥ ହକି ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ଓଡ଼ିଶା ହୋଟେଲ ଓ ରେଷ୍ଟୁରାଣ୍ଟ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଯୁବ ବ୍ୟବସାୟୀ ଅଜିତ ସାହୁଙ୍କ ଉଦ୍ୟମରେ ସ୍ଥାପିତ ଏହି ହୋଟେଲରେ ସୁଶାନ୍ତ ବେହୁରିଆ ଓ ଶୁଭମ ବେହୁରିଆ ବ୍ୟବସାୟ କରୁଛନ୍ତି। ଏହି ହୋଟେଲରେ ଇଣ୍ଡିଆନ୍, ଚାଇନିଜ୍ ଓ ଆମିଷ ନିରାମିଷ ଖାଦ୍ୟ ସହ ହୋଟେଲର ଉପର ମହଲାରେ ବିଭିନ୍ନ ସଭା ସମିତି, ଜନ୍ମଦିନ ଓ ପାର୍ଟି ଆୟୋଜନର ବ୍ୟବସ୍ଥା ରହିଥିବା ହୋଟେଲର ମାଲିକ ଅଜିତ ସାହୁ ଓ ସାଥୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଯୁବନେତା ରଞ୍ଜିତ ସାହୁ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ପାଣିକୋଇଲି, ୨୮ ।୨ (ସମିସ): ପାଣିକୋଇଲି ଥାନା ଓ ଶଙ୍ଖଚିଲା ଫାଣ୍ଡି ଅଧୀନସ୍ଥ ନାଉଡ଼ପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ନେଇ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଧରି କୋର୍ଟ ଚାଲାଣ କରିଛି। ଖମଣ ପଞ୍ଚାୟତ ନାଉଡପୁର ଗ୍ରାମର ଜଗନ୍ନାଥ ସାହୁଙ୍କ ପୁଅ ନାରାୟଣ ଗତ ଡିସେମ୍ବର ୨୯ ତାରିଖ ଦିନ ଶଙ୍ଖଚିଲା ସତସଙ୍ଗ କେନ୍ଦ୍ର ନିକଟରେ ବାଇକ୍ ରଖି ଭିତରକୁ ଯାଇଥିଲେ। କେନ୍ଦ୍ରରୁ ବାହାରି ବାଇକ୍ ନ ଥିବା ଦେଖି ବହୁତ ଖୋଜାଖୋଜି ପରେ ପାଇ ନ ଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବିଭିନ୍ନ ତଥ୍ୟ ପ୍ରମାଣ ଆଧାରରେ କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତ ପୂର୍ବକୋଟ ଗ୍ରାମର ଇଶୁ ଦାସଙ୍କ ପୁଅ ରକି ଦାସକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି।

## ଗ୍ରାହକ ସାଜି ଜଳଖିଆ ଦୋକାନରୁ ଚୋରି

ପାଣିକୋଇଲି,୨୮ ।୨(ସମିସ): ପାଣିକୋଇଲି ବଜାରରେ ଥିବା ରଞ୍ଜନ ସୁଇଟ୍ସ କ୍ୟାସ ବାକ୍ସରୁ ଟଙ୍କା ଚୋରି ଅଭିଯୋଗରେ ଜଣକୁ ଧରି ପୁଲିସ ଜିମା ଦିଆଯାଇଛି। ରଞ୍ଜନ ସୁଇଟ୍ସକୁ ଆଜି ମଧ୍ୟାହ୍ନରେ ମକୁନ୍ଦପୁର ବାଲିଆ ଗ୍ରାମର ରାଜେନ୍ଦ୍ର ମଲିକ ଜଳଖିଆ ଖାଇବାକୁ ଯାଇଥିଲେ। ଜଳଖିଆ ଖାଇ ସାରି ମାଲିକକୁ ଟଙ୍କା ଦେବାକୁ ଯାଇଥିଲେ। ତାଙ୍କର ୧୨୦ ଟଙ୍କା ହୋଇଥିବା ଦୋକାନୀ କହିବାରୁ ସେ ଏତେ ହୋଇ ନ ଥିବ କହିଥିଲେ। ଦେକାନୀ କର୍ମଚାରୀଙ୍କୁ ହିସାବ ମାଗିବା ପାଇଁ କ୍ୟାସ କାଉଣ୍ଟର ଛାଡ଼ି ଯାଇଥିଲେ। ଏହି ସୁଯୋଗରେ ରାଜେନ୍ଦ୍ର କ୍ୟାସ ବକ୍ସରୁ ଟଙ୍କା ଉଠାଇ ନେଇଥିଲେ। ଦେକାନୀ ଫେରିବା ପରେ ରାଜେନ୍ଦ୍ର ୧୨୦ ଟଙ୍କା ଦେଇ ଚାଲିଯାଇଥିଲେ। ତେବେ ଅନ୍ୟ ଜଣେ ଗ୍ରାହକ ଖାଇସାରି ଟଙ୍କା ଦେବା ବେଳକୁ ଦେଖିଲେ ବାକ୍ସରେ ଟଙ୍କା ନ ଥିଲା। ଫଳରେ ସିସିଟିଭି ଯାଞ୍ଚ କରିଥିଲେ। ସିସିଟିଭି ଫୁଟେଜରେ ରାଜେନ୍ଦ୍ର ଟଙ୍କା ନେଉଥିବା ଦୃଶ୍ୟ କଏଦ ହୋଇଥିଲା। ଏହା ଦେଖି ରାଜେନ୍ଦ୍ରକୁ ଖୋଜିଥିଲେ। ରାଜେନ୍ଦ୍ର ଏକ ବସ୍‌ରେ ଉଠି ଖସିଯିବାକୁ ଚେଷ୍ଟା କରୁଥିବାବେଳେ ତାକୁ ଧରି ପୁଲିସ ଜିମା ଦେଇଥିଲେ।

## ଅଙ୍ଗନବାଡ଼ି ଛାତରୁ ସିମେଣ୍ଟ ଖସି ଶିଶୁ ଆହତ

ପାଣିକୋଇଲି, ୨୮ ।୨(ସମିସ): କୋରେଇ ବ୍ଲକ୍ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଶାଳବା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତ ଫାଟି ଦିନରେ ଖରା ଓ ରାତିରେ ତାରା ଦେଖାଯାଉଛି। କାନ୍ଥର ଅବସ୍ଥା ନ କହିବା ଭଲ। ଶିଶୁ ଏବେ ସୁରକ୍ଷିତ ନୁହଁନ୍ତି। ଗୁରୁବାର ଛାତରୁ ସିମେଣ୍ଟ ଖସି ଜଣେ ଛାତ୍ର ଆହତ ହୋଇଥିବାବେଳେ ତାଙ୍କୁ ଚିକିତ୍ସା କରାଯାଇଛି। ଗୃହ ନିର୍ମାଣ ନିମ୍ନମାନର ହୋଇଥିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ଶାଳବା ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଦାବି ହୋଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବିଞ୍ଝାରପୁର,୨୮ ।୨(ସମିସ): ଅଳକୁଣ୍ଡ ଥାନା ଅନ୍ତର୍ଗତ ତଳବନ୍ଧ ଗ୍ରାମରେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ଯୁବକ ଜଣଙ୍କ ବସନ୍ତ ଦାସଙ୍କ ପୁଅ ଦିଲ୍ଲୀପ କୁମାର ଦାସ। ଦିଲ୍ଲୀପ ଜଣେ ଗାଡ଼ି ଚାଳକ। ଆଜି ପୂର୍ବାହ୍ନରେ ତାଙ୍କ ଛାତିରେ ଜନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରେ ପହଞ୍ଚିବା ବେଳେ ତାଙ୍କ ପାଟିରୁ ବିଷାକ୍ତ ପଦାର୍ଥ ବାହାରୁଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଡାକ୍ତରଖାନା ପକ୍ଷରୁ ଅଳକୁଣ୍ଡ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ପହଞ୍ଚି ଦିଲ୍ଲୀପଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଳକୁଣ୍ଡ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନାଧିକାରୀ ଦେବାଶିଷ ଶତପଥୀ ପ୍ରକାଶ କରିଛନ୍ତି।

## ହାଇୱା ସହିତ ଟ୍ରେଲର ଧକ୍କା

କବାଟବନ୍ଧ,୨୮ ।୨ (ସମିସ): ଜେନାପୁର ଥାନା ଅଧୀନ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର ଛକ ଓ ଦଳଗାଁ ଛକ ମଝିରେ ହାଇୱା ସହିତ ଟ୍ରେଲର ଧକ୍କା ହୋଇଥିବା ଜଣାପଡିଛି। ରାସ୍ତା ସମ୍ପ୍ରସାରଣ ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବଳରାମପୁର ଛକ ନିକଟରେ ନିର୍ମାଣ ହେଉଥିବା ଫ୍ଲାଏଓଭର ପାଇଁ ବଳରାମପୁର ପାଖ ସର୍ଭିସ ରାସ୍ତାକୁ ବନ୍ଦ କରାଯାଇ ଏକପାଖିଆ ଗାଡ଼ି ଚଳାଚଳ କରୁଛି। ଦୁବୁରୀ ପଟୁ ଚଣ୍ଡିଖୋଲ ଆଡ଼କୁ ଆସୁଥିବା ହାଇୱାକୁ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ଧକ୍କା ଦେଇଥିଲା। ଫଳରେ ହାଇୱା ଗାଡ଼ିଟି ରାସ୍ତା ତଳକୁ ଖସି ପଡ଼ିଥିଲା।

## ଟ୍ରକ୍ ଜବତ, ୩୯ ଗୋରୁ ଉଦ୍ଧାର



ସୁକିନ୍ଦା,୨୮ ।୨(ସମିସ): ବଜରଙ୍ଗ ଦଳ ଓ ସୁକିନ୍ଦା ଗୋଶାଳା କର୍ମକର୍ତ୍ତା ସୁକିନ୍ଦା ଛକରୁ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଜବତ କରିଥିବାବେଳେ ପୁଲିସ ଉପସ୍ଥିତିରେ ସେଥିରୁ ୩୯ଟି ଗୋରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ଗୁରୁବାର ରାତିରେ ଗୋଚାଲାଣ ହେବାକୁ ଥିବା ସୂଚନା ପାଇ ବଜରଙ୍ଗ ଦଳର କର୍ମକର୍ତ୍ତା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଗୋରୁ ବୋଝେଇ ଟ୍ରକ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ସୁକିନ୍ଦା ଗୋଶାଳା ଓ ବଜରଙ୍ଗ ଦଳ କର୍ମକର୍ତ୍ତା ସଂପୃକ୍ତ ଗାଡ଼ିକୁ ଧରିବାକୁ ରାତିରେ ଜଗି ରହିଥିଲେ। ଗାଡ଼ିକୁ ଅଟକାଇବା ସମୟରେ ଗାଡ଼ିରେ ଥିବା ୫/୬ ଜଣ ମାଫିଆ ଆକ୍ରମଣ କରିଥିଲେ। ସୁକିନ୍ଦା ପୁଲିସ ପହଞ୍ଚିବା ଦେଖି ଡ୍ରାଇଭର ଓ ମାଫିଆ ଗାଡ଼ି ଛାଡ଼ି ପଳାଇ ଯାଇଥିଲେ। ପୁଲିସ ଗାଡ଼ି ଜବତ କରି ଥାନାକୁ ନେଇଥିଲେ। ଶୁକ୍ରବାର ସକାଳୁ ପୁଲିସ ଉପସ୍ଥିତିରେ ଗାଡିରୁ ୩୯ ଗୋରୁ ଉଦ୍ଧାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଗୋରୁଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସମସ୍ତ ଗୋରୁ ସୁକିନ୍ଦା ଗୋଶାଳାକୁ ହସ୍ତାନ୍ତର କରାଯାଇଛି।

## ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଧର୍ମଶାଳା,୨୮ ।୨(ସମିସ):ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦ ଗ୍ରାମସ୍ଥ ଶ୍ୟାମସୁନ୍ଦରଜୀଉ ଖେଳ ପଡିଆଠାରେ ଦ୍ୱିତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ବଳଭଦ୍ର ଦାଶ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାମ୍ବାଦିକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଆବାହକ ନବ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ୪ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ମିର୍ଜାପୁର ଓ କାଏମା ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ମିର୍ଜାପୁର ବିଜୟୀ ହୋଇଥିଲା। ପରେ କଣ୍ଟିଗଡିଆ-ପାଟପୁର, ସୁନ୍ଦରିଆ-ଚୋରମୁହାଁ, ବାମଦେଇପୁର-ଗଙ୍ଗାଧରପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଟିଗଡ଼ିଆ, ସୁନ୍ଦରିଆ ଓ ଗଙ୍ଗାଧରପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୋକୁଳାନନ୍ଦ ମହାପାତ୍ର ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ। ଦୀପ୍ତିରଞ୍ଜନ ଜେନା ଓ ବିକାଶ ସାମଲ ସ୍କୋରର ଥିବାବେଳେ ମୁସ୍ତାକ ଅଲ୍ଲୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଅଭ୍ୟର୍ଥନା କମିଟି ସଦସ୍ୟ ବିଶ୍ୱଜିତ ବିଶ୍ୱାଳ ଓ କିଶୋର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରାକେଶ ପଣ୍ଡା, ରାଜେନ୍ଦ୍ର ଦାଶ, ସୁବ୍ରତ ନାଏକ, ଚିରଞ୍ଜିବୀ ଜେନା, ଶ୍ରୀକାନ୍ତ ଜେନା, ସୁଧାକର ରଣା, ସନ୍ତୋଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଲାଶୁଣୀ ପୀଠ ଓ ମହାବିନାୟକ ମନ୍ଦିର ପାଇଁ ୭ କୋଟି ମଞ୍ଜୁର

ବାଲିଚନ୍ଦ୍ରପୁର,୨୮ ।୨(ସମିସ): ପ୍ରସିଦ୍ଧ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀସ୍ଥ ମା' ଓଲାଶୁଣୀ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ରାଜ୍ୟ ସରକାର ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମା' ଓଲାଶୁଣୀଙ୍କ ଭବ୍ୟମନ୍ଦିର ନିର୍ମାଣ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ। ଏଥିସହିତ ପଞ୍ଚଦେବତାଙ୍କ ପୀଠ ଚଣ୍ଡୀଖୋଲ ନିକଟସ୍ଥ ମହାବିନାୟକ ମନ୍ଦିରର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ମଧ୍ୟ ଅନୁରୂପ ଭାବେ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଡ଼ଚଣା ବ୍ଲକର ଏହି ଦୁଇଟି ପ୍ରସିଦ୍ଧ କ୍ଷେତ୍ରର ବିକାଶ ପାଇଁ ବଡ଼ଚଣା ବିଧାୟକ ଅମର ନାୟକ ଡିପିଆର୍ ପ୍ରସ୍ତୁତି ସହିତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟଟନ ବିଭାଗର ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ୩୧୩୧/୨୧।୨।୨୦୨୫ ଚିଠିରେ ଏହି ଅର୍ଥ ମଞ୍ଜୁର ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାଜପୁର ଜିଲ୍ଲାପାଳ ଏଥିପାଇଁ ଆବଶ୍ୟକ ପ୍ରଶାସନିକ ମଞ୍ଜୁରି କରିବା ସହିତ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ବିଧାୟକ ଶ୍ରୀ ନାୟକ ଏହି ଦୁଇଟି ପୀଠ ସହିତ ବଡ଼ଚଣାର ୩୩ଟି ଧାର୍ମିକ, ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରର ଆନୁଷଙ୍ଗିକ ବିକାଶ ପାଇଁ ଡିପିଆର ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀ ଓ ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏହାର କାର୍ଯ୍ୟାନ୍ୱୟନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବଡ଼ଚଣାର ଏହି ଦୁଇଟି ପୀଠକୁ ୭ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବଡ଼ଚଣାରେ ଏହି ଦୁଇଟି ପୀଠର ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟର ସଦସ୍ୟ ପ୍ରାଧ୍ୟାପକ ରବୀନ୍ଦ୍ର ସାମଲ, ସମାଜସେବୀ ବଟକୃଷ୍ଣ ସାମଲ, ଉମେଶ ସାମଲ, ଅଲେଖ ସାମଲ, ବିପିନବିହାରୀ ଜେନା, ଫନୀନ୍ଦ୍ର ପଣ୍ଡା, ମନ୍ମଥ କେଶରୀ ସାହେବରାୟ, ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ଶ୍ରୀକାନ୍ତ ସାମଲ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନବନିଯୁକ୍ତ ନୋଟାରୀଙ୍କୁ ସମ୍ବର୍ଦ୍ଧନା



ବ୍ୟାସନଗର,୨୮ ।୨(ସମିସ): ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ ଆନୁକୂଲ୍ୟରେ ଶୁକ୍ରବାର ସାଧାରଣ ପରିଷଦ ବୈଠକ ଓ ଜିଲ୍ଲାର ନବନିଯୁକ୍ତ ନୋଟାରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୋଟେଲ ରୟାଲ୍ କଳିଙ୍ଗ ପରିସରରେ ଆସୋସିଏସନ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଉପସଭାପତି ଧନେଶ୍ୱର ବାରିକ, ଯୁଗ୍ମସମ୍ପାଦକ ଅଶୋକ ଶର୍ମା, ପୂର୍ବତନ ସଭାପତି ଅଜୟ ବିଶ୍ୱାଳ, ମାନସ ସାମଲ ପ୍ରମୁଖ ଯୋଗଦେଇ ଓକିଲାତି ଏକ ଗୌରବମୟ କାର୍ଯ୍ୟ ବୋଲି ମତ ପ୍ରଦାନ କରିଥିଲେ। ଏ ଅବସରରେ ନୋଟାରୀ ଭାବେ ନିଯୁକ୍ତି ପାଇଥିବା ଯାଜପୁରରୋଡ୍ ବାର୍ ଆସୋସିଏସନର ସଦସ୍ୟ ଜଗନ୍ନାଥ ପ୍ରସାଦ ପତି, ବ୍ୟାସନଗର ବାର୍ ଆସୋସିଏସନ୍‌ର ସୁବାସ ବଳସାମନ୍ତ, ଟ୍ୟାକ୍ସ ବାର ଆସୋସିଏସନ୍‌ର ଅଶୋକ ଶର୍ମା, ନିରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନର କୋଷାଧ୍ୟକ୍ଷ ଦୀପୁ ବାରିକ, ରମାକାନ୍ତ ଚୌହାନ, ଲକ୍ଷ୍ମୀଧର ସାହୁ, ଘନଶ୍ୟାମ ସାହୁ, ଦୁର୍ବାଦଳ ବସ୍ତୁ, ଦିଲ୍ଲୀପ ମଲିକ, ରମାକାନ୍ତ ନନ୍ଦ, ରତିକାନ୍ତ ବେହେରା, ଅକ୍ଷୟ ବାରିକ, ପ୍ରବୀର ରାଉତ, ବିଦ୍ୟାଧର ମହାନ୍ତି ଓ ହେମନ୍ତ ପଥାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳିଗଲା ପାଉଁଶ ବୋଝେଇ ହାଇୱା

ଦାନଗଦି, ୨୮ ।୨(ସମିସ):ଆଜି ସନ୍ଧ୍ୟାରେ କଳିଙ୍ଗନଗର ଶିଳ୍ପାଞ୍ଚଳ ବିଜୁ ପଟ୍ଟନାୟକ ମାର୍ଗର ଏମଆଇପିଏଲ ହୋଟେଲ ସମ୍ମୁଖରେ ଏକ ହାଇୱାରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଦାନଗଦି ଦମକଳ ବାହିନୀ ପହଞ୍ଚିଥିଲେ ହେଁ ଗାଡ଼ିଟି ଜଳିଯାଇଥିଲା। ଯଖପୁରା ପଟୁ ମିଲିଟାରୀ ଛକ ଆଡକୁ ଏକ ହାଇୱା ପାଉଁଶ ବୋଝେଇ କରି ଆସୁଥିବାବେଳେ ହଠାତ ଏମଆଇପିଏଲ ହୋଟେଲ ସମ୍ମୁଖରେ ଇଞ୍ଜିନରୁ ଧୂଆଁ ବାହାରି ଜଳି ଉଠିଥିଲା।

## ବନ୍ଧୁକ ଜବତ, ୩ ଗିରଫ



ବ୍ରହ୍ମବରଦା, ୨୮ ।୨(ସମିସ): ବ୍ରହ୍ମବରଦା ଥାନା ଅର୍ନ୍ତଗତ ଅର୍ଥଙ୍ଗା ପଞ୍ଚାୟତସ୍ଥ କ୍ରିପାଳପୁର ଗ୍ରାମରେ ଗୁରୁବାର ଅଷ୍ଟପ୍ରହର ନଗର କୀର୍ତ୍ତନ ଚାଲିଥିବା ସମୟରେ ବନ୍ଧୁକ, ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଗୋଟିଏ ବନ୍ଧୁକ ସହ ୩ ଜଣ ବ୍ୟକ୍ତି ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। କ୍ରିପାଳପୁର ଗ୍ରାମର ଦଳିତ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବା ସମୟରେ ଗାଁକୁ ଯିବା ରାସ୍ତା ଗହଳି ହେବା ଦୃଷ୍ଟିରୁ ରାସ୍ତାରେ ବାଉଁଶ ବନ୍ଧି ରଖିଥିଲେ। ଏହି ସମୟରେ ବାଲିଚନ୍ଦ୍ରପୁର ଥାନା ଅର୍ନ୍ତଗତ ଅଚ୍ୟୁତବସନ୍ତ ଗ୍ରାମର ଯୁବକ ପ୍ରଶାନ୍ତ ଦଳାଇ ଜବରଦସ୍ତ ଗାଁ ଭିତରକୁ ବାଇକ୍ ନେଇ ଯିବାକୁ ଜିଦ୍ ଧରିଥିଲେ। ଏହାକୁ ଗ୍ରାମର ଉଛବ ଦଳେଇଙ୍କ ପୁଅ ଶିଶିର ଦଳାଇଙ୍କ ସହ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ପ୍ରଶାନ୍ତ ରାଗି ସେଠାରୁ ଫେରିଯାଇଥିଲେ। ପରଦିନ ଗ୍ରାମରେ ନଗରକୀର୍ତ୍ତନ ଚାଲିଥିବା ସମୟରେ ପ୍ରଶାନ୍ତ ସାଙ୍ଗରେ ଆଉ ପାଞ୍ଚଜଣଙ୍କୁ ନେଇ କ୍ରିପାଳପୁରରେ ପହଞ୍ଚି ଥିଲା ଓ ସେହି ସମୟରେ ଶିଶିର ଦଳେଇଙ୍କୁ ଏକୁଟିଆ ଦେଖି ଜୀବନରୁ ମାରିଦେବାକୁ ଭୁଜାଲିରେ ଆକ୍ରମଣ କରିଥିଲେ। ପ୍ରଶାନ୍ତଙ୍କ ମୁଣ୍ଡ ଫାଟିଯାଇଥିଲା। ପାଟିତୁଣ୍ଡ ଶୁଣି ଗ୍ରାମବାସୀଙ୍କ ସହ ପିତା ଉଛବ ଦଳେଇ ପହଞ୍ଚି ତିନିଜଣ ଯୁବକଙ୍କୁ କାବୁ କରିବା ସମୟରେ ଜଣଙ୍କ ନିକଟରୁ ବନ୍ଧୁକ ଜବତ କରିଥିଲେ। ଅନ୍ୟ ତିନିଜଣ ଚମ୍ପଟ ମାରିଥିଲେ। ବ୍ରହ୍ମବରଦା ପୁଲିସ ପହଞ୍ଚି ଦେଶୀ ବନ୍ଧୁକ ସହ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ଅଚ୍ୟୁତବସନ୍ତ ଗ୍ରାମର ରାଧୁ ଦଳେଇଙ୍କ ପୁଅ ରାଜୁ ଦଳେଇ, ଗୋକୁଳ ଦଳେଇଙ୍କ ପୁଅ ସାଗର ଦଳେଇ ଓ କେଶବ ରାୟଙ୍କ ପୁଅ ମୃତ୍ୟୁଞ୍ଜୟ ରାୟଙ୍କୁ ଗିରଫ କରି ୪୫/୨୫ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

● ସୁକିନ୍ଦା ରଥରେ ଅଗ୍ନିକାଣ୍ଡ ଘଟଣା

## ମୁକ୍ତିମଣ୍ଡପ ମାର୍ଗଦର୍ଶିକା ପରେ ଚୂଡ଼ାନ୍ତ ନିଷ୍ପତ୍ତି

ସୁକିନ୍ଦା,୨୮ ।୨(ସମିସ): ବାଣ ନିଆଁରେ ରଥରେ ଅଗ୍ନିକାଣ୍ଡ ଘଟଣାରେ ଶ୍ରୀମନ୍ଦିର ମୁକ୍ତି ମଣ୍ଡପ ନିର୍ଦ୍ଦେଶ କ୍ରମେ ସିଦ୍ଧାନ୍ତ ନେବାକୁ ସ୍ଥିର ହୋଇଥିବା ଜଣାପଡିଛି। ୧୨ ତାରିଖ ବିଳମ୍ବିତ ରାତିରେ ଏକ ବିବାହ ଶୋଭାଯାତ୍ରାରେ ବାଣ ଫୁଟାଇବା ସମୟରେ ରଥରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ରଥରେ ଯାତ୍ରା ହେବ କି ନାହିଁ ସେ ସମ୍ପର୍କରେ ବିଭିନ୍ନ ମତ ପ୍ରକାଶ ପାଇଥିଲା। ଏହାର ସମାଧାନ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ମୁଖ୍ୟ ତଥା ସୁକିନ୍ଦା ତହସିଲଦାର ମାନସ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜା ସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର, ଅତିରିକ୍ତ ତହସିଲଦାର, ଆରଆଇ, ବ୍ରାହ୍ମଣ ସେବାୟତ, ପୂଜା ପଣ୍ଡା, ଦେବୋତ୍ତର କମିଟି ସଦସ୍ୟ, ରମଣୀରଞ୍ଜନ ବଳସାମନ୍ତ, ରାଇଚରଣ ମହାନ୍ତି, ବିଶ୍ୱଜିତ୍ ବେହୁରା, ବିମଳେନ୍ଦୁ ବେହୁରା, ମାନସ ମହାନ୍ତିଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ସୋମବାର ଏକ ପ୍ରତିନିଧି ଦଳ ଶ୍ରୀମନ୍ଦିର ଯାଇ ମୁକ୍ତିମଣ୍ଡପ ସହ ଆଲୋଚନା କରିବା ପରେ ନିଷ୍ପତ୍ତି ନେବାକୁ ସ୍ଥିର ହୋଇଛି।


## ବ୍ରାହ୍ମଣୀ ବ୍ରିଜ୍ ଉପରେ ଦୁର୍ଘଟଣା, ୨ ଗୁରୁତର

କବାଟବନ୍ଧ,୨୮ ।୨(ସମିସ): ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ୍ ଉପରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଉଭୟଙ୍କ ଘର ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା ଗ୍ରାମର ନରହରି ସାହୁଙ୍କ ପୁଅ ବୈକୁଣ୍ଠ ସାହୁ ଓ ଅନ୍ୟଜଣେ ମଙ୍ଗୁଳି ଚରଣ ସାହୁଙ୍କ ପୁଅ ଦୀପକ ସାହୁ। ଦିପୁ କଳିଙ୍ଗନଗରରୁ ଡ୍ୟୁଟି ସାରି ଫେରୁଥିବା ସମୟରେ ଭିକା କୌଣସି କାମରେ କଳିଙ୍ଗନଗର ଆଡ଼କୁ ଯାଉଥିଲେ। ବ୍ରାହ୍ମଣୀ ବ୍ରିଜ ଉପରେ ଉଭୟଙ୍କ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଉଭୟଙ୍କୁ କଳିଙ୍ଗନଗରସ୍ଥ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତରିତ କରାଯାଇଛି।

### ବ୍ୟାଙ୍କ ଋଣ କରି ଚିନ୍ତାରେ ରାସନ ହିତାଧିକାରୀ

## ୧୫୭ ଜଣ ନୋଟିସ୍‌ର ଦେଲେ ଜବାବ

ଦଶରଥପୁର, ୨୮ ।୨(ସମିସ)



ବ୍ୟାଙ୍କରୁ ଋଣ କରି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଏବେ ରାସନ କାର୍ଡ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଋଣ ନେଇଥିବା ବ୍ୟକ୍ତି ପ୍ରତିବର୍ଷ ଦେଉଥିବା ଆୟକର ରିଟର୍ଣ୍ଣକୁ ଆଳ କରି ଯୋଗାଣ ବିଭାଗ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସେହି ଅନୁଯାୟୀ ଦଶରଥପୁର ବ୍ଲକର ୩୫ଟି ପଞ୍ଚାୟତରେ ୧୫୬୦ ଜଣ ଆୟକରଦାତାଙ୍କୁ ବ୍ଲକ୍ ଯୋଗାଣ ବିଭାଗ ପକ୍ଷରୁ ନୋଟିସ କରାଯାଇଥିବାବେଳେ ୬୪ ଜଣ ଆୟକରଦାତା ନିଜ ଆଡୁ ରାସନ କାର୍ଡ ଫେରାଇ ଦେଇଛନ୍ତି। ଏବେ ସୁଦ୍ଧା ୧୫୭ ଜଣ ଆୟକରଦାତା ବିଭିନ୍ନ କାରଣରୁ ସେମାନଙ୍କ ନାମକୁ ରାସନ କାର୍ଡ ବାଦ୍ ନ କରିବା ନିମନ୍ତେ ନୋଟିସର ଜବାବ ଦେଇ ଲିଖିତ ନିବେଦନ କରିଛନ୍ତି। ବ୍ୟାଙ୍କରେ ଋଣ ଆବେଦନ ସମୟରେ ୩ ବର୍ଷର ଆୟକର ପୈଠ କରିବା ବିଧି ବ୍ୟବସ୍ଥା ଥିବାବେଳେ ଅଧିକ ଋଣ ପାଇଁ ଅଧିକ ଆୟ ରହିଥିବା ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଅବେଦନକାରୀଙ୍କୁ ଦସ୍ତାବିଜ୍ ପ୍ରସ୍ତୁତ କରିବା ପାଇଁ ବାଧ୍ୟ କରିଥାଆନ୍ତି। ବ୍ଲକ୍‌ର ୨ ଶହରୁ ଅଧିକ ଯୁବକ/ଯୁବତୀ ବ୍ୟାଙ୍କରୁ ଋଣ ଆଣି ରାସନ କାର୍ଡ କଟିଯିବା ଭୟରେ ମୁଣ୍ଡରେ ହାତ ଦେଇବସିଛନ୍ତି।

ସେହିପରି ଶତାଧିକ ଏଲ୍‌ଆଇସି, ପୋଷ୍ଟାଲ ସମେତ ବିଭିନ୍ନ ଜୀବନବୀମା ସଂସ୍ଥାରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ହିତାଧିକାରୀଙ୍କୁ ରାସନ କାର୍ଡ ଫେରାଇବା ପାଇଁ ନୋଟିସ ଜାରି ହୋଇଛି। ମାସରେ ଅଳ୍ପ କିଛି ପରିମାଣରେ କମିଶନ୍ ଟଙ୍କା ପାଇବା ପାଇଁ ବୀମା କମ୍ପାନୀଙ୍କ ଦ୍ୱାରା ନିର୍ଦ୍ଧାରିତ ଟିଡିଏସ୍ ଦାଖଲ ବ୍ୟବସ୍ଥା ଯୋଗୁଁ ଦଶରଥପୁର ବ୍ଲକ୍‌ର ବହୁ ପରିବାର ସରକାରଙ୍କ ରାସନ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଦଶରଥପୁର ବ୍ଲକ୍ ଯୋଗାଣ ନିରୀକ୍ଷିକା ତପସ୍ୱିନୀ ରାୟଙ୍କୁ ପଚାରିବାରୁ ସେ ନୋଟିସ ହୋଇଥିଲେ ମଧ୍ୟ ହିତାଧିକାରୀଙ୍କ ନାମ ବାଦ ଦିଆଯାଉନାହିଁ। ନୋଟିସର ଜବାବ ରଖିଥିବା ପ୍ରତି ହିତାଧିକାରୀଙ୍କ ଫିଲ୍ଡ ଭେରିଫିକେସନ୍ କରାଯାଇ ସରକାରଙ୍କ ନିୟମ ମୁତାବକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବାର୍ଦ୍ଧକ୍ୟରେ ଜୀବନର କେତେବର୍ଷ କାଟିଲେ ତାହାର ଗଣନା ଅପେକ୍ଷା ବାକି ଥିବା ବର୍ଷଗୁଡ଼ିକରେ ଜୀବନ କେମିତି କାଟିବେ ସେହି ଚିନ୍ତା ଅଧିକ ମହତ୍ତ୍ୱ ରଖେ।
-ଆବ୍ରାହାମ୍ ଲିଙ୍କନ୍

## ବିପର୍ଯ୍ୟୟ ଓ ବିଜୟ

ସେମିଫାଇନାଲ୍ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ଏକ ରୋଚକ ସ୍ଥିତିରେ ପହଞ୍ଚିଛି। ଲିଗ୍ ମ୍ୟାଚ୍‌ର ଗତି ଓ ପ୍ରକୃତିକୁ ଲକ୍ଷ୍ୟ କରୁଥିବା କ୍ରିକେଟ୍‌ପ୍ରେମୀ କାହାର ବିଜୟ ନେଇ ବାଜି ଲଗାଇବା ସ୍ଥିତିରେ ଥିଲା ଭଳି ମନେହୁଏନି। ଆମେ ମଧ୍ୟ ଏନେଇ କୌଣସି ଭବିଷ୍ୟତବାଣୀ କରିବାକୁ ଚାହୁଁନା। ତେବେ ପାକିସ୍ତାନ ପ୍ରାୟୋଜିତ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ନିଜର ବଡ଼ ପ୍ରତିଦ୍ୱନ୍ଦ୍ୱୀ ପାକ୍ ଦଳକୁ ଯେଭଳି ଶୋଚନୀୟ ଭାବେ ପରାଜିତ କଲା, ତାହା ଦଳର ମନୋବଳ ବଢ଼ାଇବାରେ ନିଶ୍ଚୟ ସହାୟକ ହୋଇଥିବ। ସବୁଠାରୁ ବଡ଼ ଉପଲବ୍ଧି ହେଲା କିଙ୍ଗ କୋହଲି ପୁଣି ନିଜ ଫର୍ମକୁ ଫେରିବା। ଅଧିନାୟକ ରୋହିତ ଓ କୋହଲିଙ୍କୁ ନେଇ ଶଙ୍କାଗ୍ରସ୍ତ ଥିବା ଦଳ ଏବେ ଆଶ୍ୱସ୍ତ। ଆମେ କିନ୍ତୁ ଲିଗ୍‌ମ୍ୟାଚ୍‌ର ଦୁଇଟି ଦର୍ଶନୀୟ ଖେଳ ନେଇ କ୍ରିକେଟ୍‌ପ୍ରେମୀଙ୍କ ମହଲରେ ସୃଷ୍ଟି ହୋଇଥିବା ଶିହରଣ ସମ୍ପର୍କରେ କିଛି ଉଲ୍ଲେଖ କରିବାକୁ ଚାହୁଁ। ଇଂଲଣ୍ଡ-ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ-ଆଫଗାନିସ୍ତାନ ମ୍ୟାଚର ଫଳାଫଳ କେବଳ ଚକିତ କରିନି, ଯେଉଁ କ୍ରିକେଟ୍ ପଣ୍ଡିତମାନେ ଟୁର୍ଣ୍ଣାମେଣ୍ଟର ଶେଷ ପରିଣତି ନେଇ ରୋଚକ ତଥ୍ୟ ଓ ବିଶ୍ଳେଷଣ ଉପସ୍ଥାପନ କରୁଥିଲେ, ସେମାନଙ୍କ ମୁହଁ ଏବେ ବନ୍ଦ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା, ଇଂଲଣ୍ଡ ଚାମ୍ପିଅନ୍ସ ଟ୍ରଫି ହାସଲ କରିବ ବୋଲି ସମସ୍ତେ ମନେ କରୁଥିବା ବେଳେ ସେହିଦଳ ସେମିଫାଇନାଲକୁ ଉନ୍ନୀତ ହୋଇପାରିନାହିଁ। ଆଉ ଗୋଟିଏ ବଡ଼ ଅନୁଭବ ହେଲା, ଯେକୌଣସି ବଡ଼ ଟାର୍ଗେଟ୍ ମଧ୍ୟ ଅତିକ୍ରମଣୀୟ। ତାହା ହିଁ ଉପରୋକ୍ତ ଦୁଇଟି ମ୍ୟାଚରୁ ପ୍ରମାଣିତ ହୋଇଛି।

ଟି-୨୦ ଫର୍ମାଟ ମ୍ୟାଚର ଲୋକପ୍ରିୟତା ବୃଦ୍ଧି ଯୋଗୁଁ ସବୁ ସିରିଜରେ ଏହି ଫଟାଫଟ କ୍ରିକେଟ୍‌କୁ ପ୍ରାଧାନ୍ୟ ମିଳୁଛି। ସେହି ଶୈଳୀର କ୍ରିକେଟ ପାଇଁ ନୂଆ ପିଢ଼ିର ଖେଳାଳିମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି। ସେମାନେ ଟେଷ୍ଟ ଓ ଏକଦିବସୀୟ ମ୍ୟାଚ୍ ଖେଳୁଥିବାରୁ ସେଗୁଡ଼ିକ ଦିନକୁ ଦିନ ଅଧିକ ଗତିଶୀଳ ହେଉଛି। ଅତୀତରେ ଅଧିକାଂଶ ଟେଷ୍ଟମ୍ୟାଚ୍ ଅମୀମାଂସୀତ ହୋଇଥିବାର ପରିଲକ୍ଷିତ ହୋଇଛି। ଏବେ ତାହା ୩ / ୪ ଦିନ ମଧ୍ୟରେ ଶେଷ ହେଉଛି। ଏଥିରୁ ମଧ୍ୟ ସ୍ପଷ୍ଟ ଯେ ଜୟ-ପରାଜୟ ନିଶ୍ଚିତ ହେଉଥିବାରୁ ଟେଷ୍ଟ କ୍ରିକେଟ୍ ପ୍ରତି ମଧ୍ୟ ଆକର୍ଷଣ ବଢ଼ିଛି। ସେହିଭଳି ଏକଦିବସୀୟ ମ୍ୟାଚର ଇନିଂସ ତିନିଶହ ରନ୍ ଅତିକ୍ରମ କରୁଥିବାରୁ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ସେହି ଅନୁପାତରେ ତୀବ୍ର ହେଉଛି। ଦର୍ଶକ ମଧ୍ୟ ଭରପୂର ଆନନ୍ଦ ଉପଭୋଗ କରୁଛନ୍ତି। ଚାମ୍ପିଅନ୍ସ ଟ୍ରଫିରେ ପ୍ରାୟୋଜକ ପାକିସ୍ତାନ ହୋଇଥିଲେ ହେଁ ଭାରତର ଆପତ୍ତି ଯୋଗୁଁ ସେ ଦେଶରେ ସମସ୍ତ ମ୍ୟାଚ ଖେଳାଯାଉନି। ଭାରତ ସମ୍ପୃକ୍ତ ମ୍ୟାଚଗୁଡ଼ିକ ଦୁବାଇକୁ ସ୍ଥାନାନ୍ତର ହୋଇଛି। ଏପରିକି ଭାରତ-ପାକିସ୍ତାନ ମ୍ୟାଚ୍ ମଧ୍ୟ ସେଠାରେ ଆୟୋଜନ କରାଯାଇଥିଲା। ଯେଉଁ ଆତଙ୍କବାଦୀ ପ୍ରସଙ୍ଗ ନେଇ ଭାରତ ଆପତ୍ତି ଦର୍ଶାଇଥିଲା, ତାହାର ଯେ ଯଥାର୍ଥତା ରହିଛି, ଏବର ଘଟଣାକ୍ରମରୁ ସ୍ପଷ୍ଟ ହୋଇଛି। ବିଦେଶୀ ଖେଳାଳିଙ୍କୁ ଆତଙ୍କବାଦୀ ଅପହରଣ କରିନେବାର ମସୁଧା ଜଣାପଡ଼ିଯିବାରୁ ପାକିସ୍ତାନ ପକ୍ଷରୁ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଛି।

ଆମେ ଯେଉଁ ରୋଚକ ତଥ୍ୟ ସମ୍ପର୍କରେ ଆରମ୍ଭରୁ ଉଲ୍ଲେଖ କରିଥିଲୁ, ସେହି କ୍ରମକୁ ଏବେ ଫେରିବା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋଇଥିବା ମ୍ୟାଚର ଫଳାଫଳ ବିଶ୍ୱର କ୍ରିକେଟପ୍ରେମୀଙ୍କୁ ଚମତ୍କୃତ କରିଛି। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୫୨ ରନ୍‌ର ବିଜୟ ଲକ୍ଷ୍ୟ ଅଷ୍ଟ୍ରେଲିଆ ପାଇଁ ଧାର୍ଯ୍ୟ କରିଥିଲା। ଏକ ଦିବସୀୟ ମ୍ୟାଚ୍‌ରେ ଏତେବଡ଼ ଲକ୍ଷ୍ୟର ପିଛା କରି ବିଜୟ ହାସଲ କରିବା ଯେକୌଣସି ଦଳ ସକାଶେ କାଠିକର ପାଠ। ଏମିତିରେ ଅଷ୍ଟ୍ରେଲିଆ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ହୋଇଥିଲେ ମଧ୍ୟ ଇଂଲଣ୍ଡର ଦକ୍ଷତା ମଧ୍ୟ କିଛି କମ୍ ନୁହେଁ। ଇଂଲଣ୍ଡର ଓପନିଂ ବ୍ୟାଟ ଡକେଟ୍ ଲାହୋର ମ୍ୟାଚ୍‌ରେ ୧୪୩ ବଲ୍‌ରେ ୧୬୫ରନ୍ କରି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ସେହି ରେକର୍ଡ ଯେ ଦିନ ଦୁଇଟାରେ ଧୂଳିସାତ ହୋଇଯିବ, ଏକଥା କେହି ଭାବି ନଥିବେ। ଗ୍ରୁପର ସବୁଠାରୁ ଦୁର୍ବଳ ଦଳ ମନେ କରାଯାଉଥିବା ଆଫଗାନିସ୍ତାନର ଜର୍ଡାନ ହିଁ ସେହି ରେକର୍ଡ ଇଂଲଣ୍ଡ ବିରୋଧରେ ଖେଳୁଥିବା ମ୍ୟାଚ୍‌ରେ ଭାଙ୍ଗିଥିଲେ। କେବଳ ସେତିକି ନୁହେଁ, ଦଳକୁ ୮ ରନ୍‌ରେ ବିଜୟୀ କରିବା ସହ ଇଂଲଣ୍ଡକୁ ସେମିଫାଇନାଲରୁ ବଞ୍ଚିତ କରିବା ନିଶ୍ଚୟ ଆଫଗାନିସ୍ତାନ ସକାଶେ ଏକ ବଡ଼ ଅନୁଭବ। ଜର୍ଡାନଙ୍କ ୧୭୭ ରନ୍ ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ତାଙ୍କର ଏହି ବଡ଼ ଧମାକା ମାଧ୍ୟମରେ ଦଳ ୭ ୱିକେଟ୍ ହରାଇ ୩୨୫ ରନ କରିବାକୁ ସମର୍ଥ ହୋଇଥିଲା। ଲାହୋର ପିଚ୍‌ରେ ବଡ଼ ସ୍କୋର ପରମ୍ପରାକୁ ଆଖିରେ ରଖି ଆଫଗାନିସ୍ତାନ ମଧ୍ୟ ପ୍ରଥମେ ବ୍ୟାଟିଂ କରି ନିଜର ସାମର୍ଥ୍ୟ ପ୍ରଦର୍ଶନ କରିପାରିଥିଲା। ତେବେ ଇଂଲଣ୍ଡ-ଅଷ୍ଟ୍ରେଲିଆ ମ୍ୟାଚ୍ ଭଳି ପଶ୍ଚାତ୍‌ଧାବନରେ ଆଫଗାନିସ୍ତାନକୁ ପରାଜିତ କରିପାରିଲାନି ଇଂଲଣ୍ଡ ଦଳ। ଜୋ ରୁଟ୍‌ଙ୍କ ଶତକୀୟ ଇନିଂସ (୧୨୦) ବ୍ୟର୍ଥ ହୋଇଥିଲା। ତେବେ ଇଂଲଣ୍ଡର ୩୫୧ ରନ୍‌କୁ ପିଛା କରୁଥିବା ଅଷ୍ଟ୍ରେଲିଆ ଦଳର ଦର୍ଶନୀୟ ଧୂଆଁଧାର ବ୍ୟାଟିଂ ସବୁଠାରୁ ଆକର୍ଷଣୀୟ ଥିଲା ବୋଲି କୁହାଯାଇପାରେ। ବିଶେଷକରି ଜଶ ଇଂଲିସଙ୍କ ୮୬ ବଲ୍‌ରେ ଅପରାଜିତ ୧୨୦ ରନ୍ ହତ୍‌ଚକିତ କରିଦେଇଥିଲା ଦର୍ଶକଙ୍କୁ। ଏଥରର ଚାମ୍ପିଅନ୍ସ ଟ୍ରଫି ସଂସ୍କରଣରେ ସର୍ବାଧିକ ଶତକର ଏକ ରେକର୍ଡ ପ୍ରତିଷ୍ଠା ହେବାକୁ ଯାଉଛି। ଇଂଲଣ୍ଡ-ଆଫଗାନିସ୍ତାନ ଖେଳ ସୁଦ୍ଧା ଶତକ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ଶତକ ରେକର୍ଡ ସଂଖ୍ୟା ଥିଲା ୧୦। ଆଗକୁ ସେମିଫାଇନାଲ୍ ଓ ଫାଇନାଲ ମ୍ୟାଚ୍ ଅଛି। କିଏ ଜାଣେ ଏହି ସଂଖ୍ୟା ପୁଣି କେତେରେ ପହଞ୍ଚିବ।

ଲିଗ୍‌ସ୍ତରରେ ନ୍ୟୁଜିଲାଣ୍ଡ ସହ ଶେଷ ମ୍ୟାଚ୍ ଅଛି ଭାରତର। ଏହି ମ୍ୟାଚର ହାରଜିତ୍‌ରେ କେବଳ ଶୀର୍ଷକ୍ରମ ସିନା ବଦଳିବ, ହେଲେ ଭାରତ ସେମିଫାଇନାଲ ଖେଳିବା ଚୂଡ଼ାନ୍ତ ହୋଇଯାଇଛି। ତେବେ ଏହି ପଏଣ୍ଟରୁ ସ୍ପଷ୍ଟ ହେବ ଯେ ଭାରତ କାହାକୁ ସେମିଫାଇନାଲ୍‌ରେ ଭେଟିବ। ଏ କଥା ଥୟ ଯେ ଅଷ୍ଟ୍ରେଲିଆ କିମ୍ବା ଦକ୍ଷିଣଆଫ୍ରିକା ସହ ଭାରତ ମ୍ୟାଚରେ ଅବତୀର୍ଣ୍ଣ ହେବ। ଏବେ ଭାରତ ପ୍ରସଙ୍ଗକୁ ଆସିବା। ତିନିଜଣ ଅଲରାଉଣ୍ଡର ଥିବାରୁ ଭାରତ ନିଶ୍ଚୟ ଏକ ସନ୍ତୁଳିତ ଦଳ। ବିଶେଷକରି ରୋହିତ ଓ କୋହଲି ଫର୍ମକୁ ଫେରିବା ପରେ ଦଳର ସମ୍ଭାବନା ନେଇ ସମସ୍ତଙ୍କ ମନରେ ଆଶା ସଞ୍ଚାର ହୋଇଛି। ୨୦୧୩ ପରେ ବିଜୟ ବ୍ୟବଧାନକୁ ନେଇ କିଛି ଅଙ୍କ କଷାଯାଇପାରେ; କିନ୍ତୁ ଏହା ଶେଷ କଥା ନୁହେଁ।

# ନୂତନ ଶିକ୍ଷାନୀତିରେ ଗୁଣାତ୍ମକ ଶିକ୍ଷକଙ୍କ ଭୂମିକା

**ଡ ପଦ୍ମଲୋଚନ ରାଉତ**

'ଯା ବିଦ୍ୟା ସା ବିମୁକ୍ତୟେ' ଅର୍ଥାତ୍ ତାହା ହେଉଛି ବିଦ୍ୟା, ଯାହା ମଣିଷକୁ ବନ୍ଧନମୁକ୍ତ କରେ। ଲୋଭ, ମୋହ, ସ୍ୱାର୍ଥ, ଗର୍ବ, ଅହଙ୍କାର, ପରଶ୍ରିକାତରତା ଓ ପରାଧୀନତା ଆଦି ବନ୍ଧନରୁ ଆମକୁ ମୁକ୍ତ କରେ। ଏହି ବିଦ୍ୟାକୁ ଆମେ ସଧାରଣ ଭାଷାରେ ଶିକ୍ଷା ବୋଲି କହୁଁ। ଏହି ଶିକ୍ଷାଦାନ କରୁଥିବା ବ୍ୟକ୍ତିବିଶେଷ ହେଉଛନ୍ତି ଶିକ୍ଷକ। ଯଥାର୍ଥରେ ସେମାନେ ମାର୍ଗଦର୍ଶକ, ପ୍ରେରଣାଦାତା ଓ ରାଷ୍ଟ୍ରର ନିର୍ମାଣ କର୍ତ୍ତା। ସେମାନେ ଶିକ୍ଷାନୁଷ୍ଠାନରୁ ସୃଷ୍ଟି କରନ୍ତି ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ସଙ୍ଗୀତଜ୍ଞ, କଳାକାର ଏବଂ ଆହୁରି କେତେ କ'ଣ। ସମାଜରେ ଯେଉଁମାନେ ବିଶିଷ୍ଟ ସ୍ଥାନ ଅଧିକାର କରି ନିଜ କୃତିତ୍ୱ ବଳରେ ଅମରତ୍ୱ ଲାଭ କରିଛନ୍ତି ସେମାନେ ସମସ୍ତେ ଏହି ଶିକ୍ଷକମାନଙ୍କ ଶିକ୍ଷାଦାନର ଫଳ।

ପରିବର୍ତ୍ତନଶୀଳ ସମାଜରେ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ ବଦଳିଛି। ବଦଳି ଯାଇଛି ଶିକ୍ଷାର ପରିଭାଷା। ବର୍ତ୍ତମାନର ସମାଜରେ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇଛି। ଗୁଣାତ୍ମକ ଶିକ୍ଷାଦାନରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ କଠୋର ପରିଶ୍ରମୀ ଓ ଗବେଷଣାଧର୍ମୀ ନ ହେଲେ ଏବଂ ନିଜେ ଅଧ୍ୟୟନରତ ରହି ଜ୍ଞାନ ଆହରଣ ନ କଲେ ଏବଂ ଶିକ୍ଷାଦାନର ନୂତନ ପଦ୍ଧତି ଅନୁସରଣ ନ କଲେ ଯୁଗୋପଯୋଗୀ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିବେ ନାହିଁ। ଏଣୁ ଶିକ୍ଷକମାନେ ଏ ଦିଗରେ ଯଥେଷ୍ଟ ଯତ୍ନବାନ ହେବା ଉଚିତ୍। ବର୍ତ୍ତମାନର ଜାତୀୟ ଶିକ୍ଷାନୀତିରେ ଗୁଣାତ୍ମକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଶିକ୍ଷାନୁଷ୍ଠାନରୁ ଦକ୍ଷ, ପରିଶ୍ରମୀ, ଦେଶପ୍ରେମୀ ଛାତ୍ରଛାତ୍ରୀ ସୃଷ୍ଟି କରିବା ଏହାର ମୌଳିକ ଲକ୍ଷ୍ୟ। ଏଣୁ ଶିକ୍ଷାଦାନ ଭଳି ପବିତ୍ର ସେବାରେ ନିୟୋଜିତ ଶିକ୍ଷକମାନେ ଏ ଦିଗରେ ଯତ୍ନବାନ ହୁଅନ୍ତୁ।

ସ୍ୱତଃ ପ୍ରଶ୍ନ ଉଠେ, ଏହି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ କେମିତି? ଏବଂ କିଏ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବ? ଆଜିର ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ସମର୍ଥ କି? ଯେଉଁମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କାଁ ଭାଁ ଗୋଟାଏ ଯୋଡ଼ାଏ କ୍ଲାସ କରି ବସି ବସି ଦରମା ନେଉଛନ୍ତି ସେମାନେ ଏହି ଗୁଣାତ୍ମକ ଶିକ୍ଷା କଦାପି ପ୍ରଦାନ କରିପାରିବେ ନାହିଁ। ଯେଉଁ ଶିକ୍ଷକମାନଙ୍କର ସ୍ୱଧ୍ୟୟନ ନାହିଁ, ସୃଜନଶୀଳତା ନାହିଁ, ଉଚ୍ଚତର ଗବେଷଣା କରିବାକୁ ଯେଉଁମାନେ ଆଗ୍ରହୀ ନୁହନ୍ତି, ସେମାନଙ୍କ ପାଖରୁ ଗୁଣାତ୍ମକ ଶିକ୍ଷା ଆଶା କରିବା ବୃଥା। ଆଜିର ଶିକ୍ଷକମାନଙ୍କର ସ୍ୱାଭିମାନ କାହିଁ ? ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରି ସ୍ୱାର୍ଥ ହାସଲ କରିବା ଅନେକଙ୍କର ଲକ୍ଷ୍ୟ ପାଲଟିଛି। ଯେଉଁଠି ଶିକ୍ଷକମାନେ ନିଜର ଦରମା, ଚାକିରିର ସର୍ତ୍ତାବଳୀ, ପେନସନ ଆଦି ପାଇଁ ବ୍ୟାନର ଧରି ରାଜରାସ୍ତାରେ ନାରାବାଜି କରୁଛନ୍ତି ଏବଂ ରାଜନୀତି କରୁଛନ୍ତି ସେମାନଙ୍କଠାରୁ ଗୁଣାତ୍ମକ ଶିକ୍ଷା ଆଶା କରିବା ଅରଣ୍ୟରୋଦନ ସମାନ।

ଆମ ଦେଶରେ ଅଧିକାଂଶ ଶିକ୍ଷକଙ୍କ ପାଖରେ ସୃଜନଶୀଳତାର ଅଭାବ ପରିଲକ୍ଷିତ ହେଉଛି। ନିଜ ବିଷୟ ଉପରେ ଯେତିକି ଲବ୍ଧ ଜ୍ଞାନ ରହିବା କଥା ତାହା ନାହିଁ। ଯେଉଁଠି ମହାବିଦ୍ୟାଳୟର ତଥାକଥିତ ଅଧ୍ୟାପକମାନେ 'ମିନିଂ' ବହି ଧରି ଓଡ଼ିଆରେ ପାଠ ପଢ଼ାନ୍ତି, ସେଠାରେ ଗୁଣାତ୍ମକ ଶିକ୍ଷା ଆଶା କରିବା ଏକ ଦିବାସ୍ୱପ୍ନ। ପର୍ଯ୍ୟାପ୍ତ ଅଧ୍ୟୟନ ନ କଲେ ଜଣେ ଶିକ୍ଷକର ବ୍ୟକ୍ତିତ୍ୱର ବିକାଶ ଏବଂ ସୃଜନଶୀଳତାର ପରିପ୍ରକାଶ ହୋଇପାରେ ନାହିଁ। ଗବେଷଣା ଏକ କଠୋର ସାଧନା, ସମୟସାପେକ୍ଷ ଓ ବ୍ୟୟବହୁଳ। ଆଜିକାଲିର ଏହି ତଥାକଥିତ ଶିକ୍ଷକମାନେ ଗବେଷଣା କଥା କହିଲେ ହସରେ ଉଡ଼ାଇ ଦିଅନ୍ତି। ସେମାନଙ୍କର ବିଶ୍ୱାସ, ଟଙ୍କା ଦେଲେ ବିଶ୍ୱବିଦ୍ୟାଳୟମାନଙ୍କରୁ ଗବେଷଣା ପ୍ରମାଣପତ୍ର ମିଳିଯାଉଛି। ଯେଉଁମାନେ ଗବେଷଣା କରି ଡିଗ୍ରୀ ହାସଲ କରୁଛନ୍ତି, ସେମାନେ ସବୁ ପ୍ରମାଣପତ୍ର କିଣି ଆଣୁଛନ୍ତି। ଜଣେ ପ୍ରକୃତ ଗବେଷକର ପରିଶ୍ରମ, ତ୍ୟାଗ, ନିଷ୍ଠା, ଉଦ୍ୟମ, ଆନ୍ତରିକତା ଓ ଅଧ୍ୟୟନ ଉପରେ ଏମାନଙ୍କର ଆଦୌ ବିଶ୍ୱାସ ନାହିଁ।

ମୋ ମନରେ ସେମାନଙ୍କ ପାଇଁ ଏଇଠି ପ୍ରଶ୍ନଟିଏ ଉଠେ - ଯଦି ଗବେଷଣା ପ୍ରମାଣପତ୍ର ସମସ୍ତେ କିଣି ଆଣୁଛନ୍ତି, ଆପଣମାନେ ଗୋଟାଏ ଲେଖାଏଁ କିଣି ଆଣୁ ନାହାନ୍ତି କାହିଁକି? ଆପଣମାନଙ୍କ ପାଖରେ କ'ଣ ଟଙ୍କାର ଅଭାବ ଅଛି? ଏଇଠି ମୋର ଏକ ଅଙ୍ଗେନିଭା କଥା ମନେ ପଡୁଛି। ମୁଁ ଯେତେବେଳେ ଇଂରାଜୀ ସାହିତ୍ୟରେ ଗବେଷଣା କରୁଥିଲି, ଜଣେ ଆତ୍ମଗର୍ବୀ ତଥାକଥିତ କ୍ଷମତାପ୍ରାପ୍ତ ଅଧକ୍ଷ ମୋତେ ତାଙ୍କ ଚାମଚାମାନଙ୍କ ସମ୍ମୁଖରେ ଚଢ଼ା ଗଳାରେ କହିଥିଲେ, ଆଜିକାଲି କେମିତି ପିଏଚ୍‌ଡି ସାର୍ଟିଫିକେଟ ମିଳୁଚି ଆମେ କ'ଣ ଜାଣିନୁ?' ତାଙ୍କ କହିବାର ଅସଲ ଉଦ୍ଦେଶ୍ୟ ଆପଣମାନେ ନିଶ୍ଚୟ ଅନୁମାନ କରିପାରୁଥିବେ। ଯିଏ ଏ ଜନ୍ମରେ ଗବେଷଣା କରିବାର ସ୍ୱପ୍ନଟିଏ ଦେଖିନାହିଁ, ସେ ହିଁ କେବଳ ଏହିଭଳି କଥା କହିପାରେ। ବାସ୍ତବିକ୍ ଗବେଷଣା କରିବା ଏକ କଠିନ ଓ ବ୍ୟୟବହୁଳ କାର୍ଯ୍ୟ। ବହୁତ ପଢ଼ିବାକୁ ପଡ଼େ, ତଥ୍ୟ ସଂଗ୍ରହ କରିବାକୁ ହୁଏ। ରାତି ଅନିଦ୍ରା ହେବାକୁ ପଡ଼େ। ବହୁ ନୀଚମନା ବ୍ୟକ୍ତିଙ୍କଠାରୁ ତିରସ୍କାର ଶୁଣିବାକୁ ମିଳେ।

ଏହା ନିରାଟ ସତ୍ୟ ଯେ, ଗବେଷଣା ଶିକ୍ଷକଙ୍କୁ ଜ୍ଞାନରେ ଶକ୍ତ କରେ। ନୂତନ ତଥ୍ୟ ଅନୁସନ୍ଧାନ କରିବାକୁ ପ୍ରେରଣା ଦିଏ। ଛାତ୍ରର ଅନ୍ତର୍ନିହିତ ଶକ୍ତିର ଉନ୍ମୋଚନ କରିବାକୁ ମାର୍ଗ ଦେଖାଏ। ଆଜିର ତଥାକଥିତ ଅଧ୍ୟାପକ/ଶିକ୍ଷକମାନେ ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି କୂପମଣ୍ଡୁକ ସାଜି ନିଜକୁ ବାଗଦେବୀଙ୍କ ଅବତାର ବୋଲି ବିଶ୍ୱାସ କରୁଛନ୍ତି। ଯେଉଁମାନଙ୍କର ନିଜସ୍ୱ ବିଷୟଭିତ୍ତିକ ଲବ୍ଧ ଜ୍ଞାନ ନାହିଁ, ସେମାନେ ଦଣ୍ଡକିରୀ ମାଛ ଭଳି ବ୍ୟବହାର କରନ୍ତି। ପରୀକ୍ଷାରେ କପି ଯୋଗାଇ ଇଣ୍ଟରନାଲ ପରୀକ୍ଷାରେ ଶତପ୍ରତିଶତ ମାର୍କ ଦେଇ ଛାତ୍ରଛାତ୍ରୀଙ୍କ ଶ୍ରଦ୍ଧାଭାଜନ ହୁଅନ୍ତି। ତେଣୁ ଏମାନେ ନୂତନ ଶିକ୍ଷାଦାନ ପଦ୍ଧତିର ଅନୁସନ୍ଧାନ କରିବେ କେମିତି?

ପ୍ରଚଳିତ ନୂତନ ଶିକ୍ଷାନୀତିରେ ଗବେଷଣା ଓ ସ୍ୱାଧ୍ୟୟନକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଗବେଷଣାଧର୍ମୀ ନୂତନ ବିଷୟଗୁଡ଼ିକୁ ଅଗ୍ରାଧିକାର ଦିଆଯାଇଛି। ଏହି ନୂତନ ଗବେଷଣାଧର୍ମୀ ବିଷୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ପଢ଼େଇବ କିଏ? ଦେଶର ମହାବିଦ୍ୟାଳୟଗୁଡ଼ିକରେ ଦକ୍ଷ, ଅଭିଜ୍ଞ, ପରିଶ୍ରମୀ, ଗବେଷକ ଶିକ୍ଷକ କାହାନ୍ତି? ପ୍ରଚଳିତ ଧାରାରେ ନୂତନ ଶିକ୍ଷାନୀତିର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ତ? ପ୍ରଥମେ ସରକାର ବିଷୟଭିତ୍ତିକ ଦକ୍ଷ, ଅଭିଜ୍ଞ ଓ ଗବେଷକ ଶିକ୍ଷକମାନଙ୍କୁ ନିଯୁକ୍ତ କରି ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରାନ୍ତୁ। ଅନ୍ୟଥା ଏହା ବହ୍ୱାଡ଼ମ୍ବରରେ ଲଘୁକ୍ରିୟାରେ ପରିଣତ ହେବ! ଯଦି ଅର୍ଥଶାସ୍ତ୍ର ବିଭାଗ ଶିକ୍ଷକ 'ପରିବେଶ, ଅଧ୍ୟୟନ ଓ ପ୍ରାକୃତିକ ଦୁର୍ବିପାକ' ବିଷୟ ପଢ଼ାଏ, 'ସମାଜ ବିଜ୍ଞାନ' ଶିକ୍ଷକ 'ଖାଦ୍ୟ ଓ ପୁଷ୍ଟିସାଧନ' ବିଷୟ ପଢ଼ାଏ, ବହୁଚର୍ଚ୍ଚିତ ନୂତନ ଶିକ୍ଷାନୀତିର ଉଦ୍ଦେଶ୍ୟ ପୂରଣ ହୋଇ ପାରିବ କି? ଗବେଷଣା କରି ନ ଥିବା ଶିକ୍ଷକ ଗବେଷଣାଧର୍ମୀ ବିଷୟଗୁଡ଼ିକୁ ପଢ଼ାଇଲେ ନୂତନ ଶିକ୍ଷାନୀତି ତା'ର ମୌଳିକ ଲକ୍ଷ୍ୟପଥରୁ ଦୂରେଇ ଯିବା ନିଶ୍ଚିତ।

ଶିକ୍ଷକମାନଙ୍କୁ ସ୍ୱାଧୀନ ଭାବରେ ଶିକ୍ଷାଦାନ କରିବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ। କର୍ମସ୍ଥଳରେ ସେମାନଙ୍କୁ ନାଲି ଆଖି ଦେଖାଯିବା ଉଚିତ୍ ନୁହେଁ। ନିଜର ସ୍ୱାର୍ଥ ପାଇଁ ସେମାନଙ୍କୁ ଅପବ୍ୟବହାର କରା ନ ଯାଉ। ସେମାନଙ୍କୁ ବିଭିନ୍ନ ଉପାୟରେ ମାନସିକ ନିର୍ଯାତନା ଦିଆ ନ ଯାଉ। ଆମକୁ ମନେ ରଖିବାକୁ ହେବ, ଜଣେ ଦକ୍ଷ ଗବେଷକ ଓ ପ୍ରତିଭାବାନ ଶିକ୍ଷକ ଗୋଟିଏ ଅନୁଷ୍ଠାନର ଏବଂ ସମଗ୍ର ରାଷ୍ଟ୍ରର ସମ୍ପଦ। ତା'ର ଉପସ୍ଥିତି ଓ ଶିକ୍ଷାଦାନ ଉଭୟ ଶିକ୍ଷାନୁଷ୍ଠାନ ଓ ଦେଶକୁ ଗୌରବାନ୍ୱିତ କରେ। ଏ ଦିଗରେ ସରକାର, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଗଣ ସଚେତନ ହେବା ଉଚିତ୍।

ମୋ: ୯୬୭୮୦୯୧୩୦୦

# ଚୀନ ପରିବ୍ରାଜକ ଓ ପ୍ରାଚୀନ ଓଡ଼ିଶାରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ପ୍ରାଚୀନ କାଳରେ ଭାରତ ଭ୍ରମଣରେ ଆସିଥିବା ଚୀନ୍ ପରିବ୍ରାଜକମାନଙ୍କ ମଧ୍ୟରେ ଫାହିଆନ, ହୁଏନ୍‌ସାଂ ଓ ଇ-ସିଙ୍ଗ୍ ଅଧିକ ପ୍ରସିଦ୍ଧ। ସେମାନେ ମୁଖ୍ୟତଃ ଭାରତର ପବିତ୍ର ବୌଦ୍ଧସ୍ଥଳଗୁଡ଼ିକୁ ପରିଦର୍ଶନ କରିଥିଲେ। ସେମାନଙ୍କର ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୁର୍ଲଭ ବୌଦ୍ଧଗ୍ରନ୍ଥ ସଂଗ୍ରହ, ବୌଦ୍ଧଧର୍ମର ବିଭିନ୍ନ ଆଚାର ବିଚାର ଓ ଆନୁଷ୍ଠାନିକ ରୀତିନୀତି ଅନୁଧ୍ୟାନ, ସଂସ୍କୃତ ଶିକ୍ଷା ତଥା ପ୍ରମୁଖ ବୌଦ୍ଧ ଆଚାର୍ଯ୍ୟମାନଙ୍କଠାରୁ ବୌଦ୍ଧ ଶାସ୍ତ୍ର, ସୂତ୍ର ଓ ସିଦ୍ଧାନ୍ତ ଆଦି ଶିକ୍ଷା କରିବା। ଏମାନଙ୍କ ବ୍ୟତୀତ ଆହୁରି ଅନେକ ପରିବ୍ରାଜକ ପୂର୍ବରୁ ଓ ପରେ ଭାରତ ଭ୍ରମଣ କରିଛନ୍ତି। ଖ୍ରୀଷ୍ଟୀୟ ତୃତୀୟ ଓ ଷଷ୍ଠ ଶତାବ୍ଦୀ ମଧ୍ୟରେ ଶହେଅଣସ୍ତରୀ ଚୀନ୍ ପରିବ୍ରାଜକ ଭାରତ ଆସିଥିବାର ଉଲ୍ଲେଖ ଅଛି। ଅଧିକାଂଶ ଚୀନ୍ ପରିବ୍ରାଜକ ହେଉଛନ୍ତି ବୌଦ୍ଧଭିକ୍ଷୁ। ଏମାନେ ଉଭୟ ସ୍ଥଳ ଓ ଜଳ ଭାଗରେ ଭାରତ ଆସିଥିଲେ।

ପ୍ରମୁଖ ଚୀନ୍ ପରିବ୍ରାଜକମାନଙ୍କ ମଧ୍ୟରେ ପ୍ରଥମେ ଭାରତ ଆସିଥିଲେ ଫାହିଆନ୍। ସେ ଖ୍ରୀ. ୩୯୯ରେ ଚୀନ୍‌ର ଚାଙ୍ଗାନରୁ ଯାତ୍ରା ଆରମ୍ଭ କରି ଭାରତ ଆସି ଗୁପ୍ତସାମ୍ରାଜ୍ୟ କାଳରେ ଭାରତ ପରିଭ୍ରମଣ କରିଥିଲେ। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମୂଳ ଭାଷାରେ ଲିଖିତ ବୌଦ୍ଧଗ୍ରନ୍ଥଗୁଡ଼ିକର ସଂଗ୍ରହ। ସେ ସ୍ଥଳଭାଗରେ ଭାରତ ଆସି ଜଳପଥରେ ଚୀନ୍ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଗାନ୍ଧାର ଓ କାଶ୍ମୀର ଅଞ୍ଚଳ ସହ ତକ୍ଷଶିଳା, ପଞ୍ଜାବ, ଅଯୋଧ୍ୟା, କୋଶଳ, ମଥୁରା, ନାଳନ୍ଦା, ରାଜଗୃହ, ଗୟା, ବନାରସ, ସାଇନାଥ ହୋଇ ପାଟଳୀପୁତ୍ର ଫେରିଥିଲେ। ବୌଦ୍ଧଗ୍ରନ୍ଥ ସଂଗ୍ରହ ତାଙ୍କ ଲକ୍ଷ୍ୟ ଥିଲେ ମଧ୍ୟ ସେ କୌଣସିଠାରୁ ଲିଖିତ ଗ୍ରନ୍ଥ ପାଇଲେ ନାହିଁ। ସେତେବେଳେ ଆମ ଦେଶର ଶିକ୍ଷା ପରମ୍ପରାରେ ଗୁରୁ ଶିଷ୍ୟମାନଙ୍କୁ ମୌଖିକଭାବେ ଶିକ୍ଷା ଦେଉଥିଲେ। ସେ ପାଟଳୀପୁତ୍ରରେ ପ୍ରାୟ ତିନିବର୍ଷ ରହି ସଂସ୍କୃତ ଭାଷା ଶିକ୍ଷା କରିବା ସହ ବିଭିନ୍ନ ବୌଦ୍ଧବିହାର ଓ ବୌଦ୍ଧ ଆଚାର୍ଯ୍ୟମାନଙ୍କଠାରୁ ଅଳ୍ପ କିଛି ଲିଖିତ ଗ୍ରନ୍ଥ ସଂଗ୍ରହ କରିବାରେ ସଫଳ ହୋଇଥିଲେ। ପାଟଳୀପୁତ୍ରରୁ ସେ ତତ୍କାଳୀନ ଓଡ଼ିଶାର ପ୍ରାଚୀନ ବନ୍ଦର ସହର ତଥା ପ୍ରମୁଖ ବୌଦ୍ଧକେନ୍ଦ୍ର ତାମ୍ରଲିପ୍ତ ରାଜ୍ୟରେ ପହଞ୍ଚିଲେ। ଏଠାରେ ସେ ଚବିଶ ଗୋଟି ବିଶାଳ ବୌଦ୍ଧବିହାର ଦର୍ଶନ କରିଥିଲେ। ସେସବୁ ବିହାରରେ ଭିକ୍ଷୁମାନେ ବହୁସଂଖ୍ୟାରେ ରହୁଥିଲେ। ଏହି ରାଜ୍ୟରେ ବହୁସଂଖ୍ୟାରେ ବୌଦ୍ଧଧର୍ମାବଲମ୍ବୀ ଥିବାର ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଫାହିଆନ ତାମ୍ରଲିପ୍ତରେ ପ୍ରାୟ ଦୁଇବର୍ଷ ରହିବା ମଧ୍ୟରେ ବୌଦ୍ଧ ସୂତ୍ରଗ୍ରନ୍ଥ ଲେଖିବା କାର୍ଯ୍ୟ ସହ ସେଠାରେ ଥିବା ବୌଦ୍ଧ ମୂର୍ତ୍ତିଗୁଡ଼ିକର ଚିତ୍ର ଅଙ୍କନ କରିଥିଲେ। ଏଠାରୁ ସେ ଜାହାଜଯୋଗେ ସିଂହଳ ଯାତ୍ରା କରିଥିଲେ।



ଦ୍ୱିତୀୟ ବୁଦ୍ଧ କଥା

ହୁଏନ୍‌ସାଂ: ଛବିଶ ବର୍ଷ ବୟସରେ ସେ ଚୀନ୍‌ର ଚାଙ୍ଗାନଠାରୁ ଖ୍ରୀ. ୬୨୯ରେ ଭାରତ ଭ୍ରମଣ ଉଦ୍ଦେଶ୍ୟରେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ ଓ ଖ୍ରୀ ୬୪୫ରେ ଭାରତରୁ ଚୀନ୍ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତର ବିଭିନ୍ନ ବୌଦ୍ଧସ୍ଥଳମାନ ପରିଦର୍ଶନ କରି ହୁଏନ୍‌ସାଂ ପ୍ରାଚୀନ ଓଡ଼ିଶାର ବନ୍ଦରନଗରୀ ତାମ୍ରଲିପ୍ତ (ବର୍ତ୍ତମାନ ଏହା ପଶ୍ଚିମବଙ୍ଗରେ)ରେ ପହଞ୍ଚିଥିଲେ। ଏହି ରାଜ୍ୟର ପରିସୀମା ପ୍ରାୟ ୧୫୦୦ ଲି (ପ୍ରତି ଲି ପ୍ରାୟ ଅଧ କିଲୋମିଟର) ଏବଂ ରାଜଧାନୀର ପରିସୀମା ପ୍ରାୟ ୧୦ ଲି ଥିବାର ସେ ଦର୍ଶାଇଛନ୍ତି। ଏଠାରେ ଉଭୟ ବୌଦ୍ଧ ଓ ହିନ୍ଦୁମାନେ ବସବାସ କରୁଥିଲେ। ଏଠରେ ୧୦ ଗୋଟି ବିଶାଳ ବୌଦ୍ଧ ବିହାର ଓ ସେଥିରେ ପ୍ରାୟ ଏକ ହଜାର ଭିକ୍ଷୁ ରହିଥିଲେ। ପ୍ରାୟ ୫୦ ଗୋଟି ହିନ୍ଦୁ ମନ୍ଦିର ସେଠାରେ ଥିଲା। ଏଥିରୁ ଜଣାଯାଏ ତାମ୍ରଲିପ୍ତରେ ସେ ସମୟକୁ ଅଧିକ ହିନ୍ଦୁ ଅଧିବାସୀ ଥିଲେ। ମାତ୍ର ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାରସ୍ପରିକ ସଦ୍‌ଭାବ ରହିଥିଲା। ସହର ନିକଟରେ ସମ୍ରାଟ ଅଶୋକଙ୍କ ନିର୍ମିତ ଏକ ବୌଦ୍ଧସ୍ତମ୍ଭ ମଧ୍ୟ ଥିଲା। ତାମ୍ରଲିପ୍ତରୁ ଦକ୍ଷିଣ-ପଶ୍ଚିମକୁ ୭୦୦ଲି ଯାତ୍ରା କରି ହୁଏନ୍‌ସାଂ କର୍ଣ୍ଣସୁବର୍ଣ୍ଣ (ବର୍ତ୍ତମାନର ଝାଡ଼ଖଣ୍ଡ ଅଞ୍ଚଳ)ରେ ପହଞ୍ଚିଥିଲେ। ସେଠାରେ ସେ ୧୦ ଗୋଟି ବୌଦ୍ଧବିହାର ଓ ସେଥିରେ ଦୁଇହଜାର ବୌଦ୍ଧ ସନ୍ନ୍ୟାସୀଙ୍କୁ ଦେଖିଥିଲେ।

ସେଠାରୁ ଦକ୍ଷିଣ-ପଶ୍ଚିମକୁ ୭୦୦ଲି ଯାତ୍ରା କରିବା ପରେ ଓଡ଼ିଶାର ଓଡ୍ର ରାଜ୍ୟ (ସେ ଭ୍ରମଣ କରିଥିବା ଓଡ଼ିଶାର ଉପକୂଳ ଅଞ୍ଚଳ)ରେ ପହଞ୍ଚିଲେ। ଏହି ରାଜ୍ୟର ପରିସୀମା ପ୍ରାୟ ୭୦୦୦ ଲି ଓ ରାଜଧାନୀର ପରିସୀମା ୨୦ଲି ଥିଲା। ଏହି ଦେଶରେ ଅଧିକାଂଶ ଲୋକ ଶିକ୍ଷିତ ଓ ବୌଦ୍ଧଧର୍ମାବଲମ୍ବୀ ଥିଲେ। ଏଠାରେ ସେ ପ୍ରାୟ ଶହେଗୋଟି ବିଶାଳ ବୌଦ୍ଧବିହାରରେ ପ୍ରାୟ ଦଶହଜାର ବୌଦ୍ଧ ସନ୍ନ୍ୟାସୀ ରହୁଥିବା ଦର୍ଶାଇଛନ୍ତି। ଏମାନେ ସବୁ ମହାଯାନ ପନ୍ଥାର ଥିଲେ। ଏହି ଦେଶରେ ସମ୍ରାଟ ଅଶୋକଙ୍କ ନିର୍ମିତ ଦଶଗୋଟି ସ୍ତମ୍ଭ ସହ ପ୍ରାୟ ୫୦ ଗୋଟି ହିନ୍ଦୁ ମନ୍ଦିର ମଧ୍ୟ ସେ ଦେଖିଥିଲେ। ଓଡ୍ରଦେଶର ସୀମାରୁ ଦକ୍ଷିଣ-ପଶ୍ଚିମ ଦିଗରେ ଏକ ବିରାଟ ପାହାଡ଼ ଉପରେ 'ପୁଷ୍ପଗିରି' ନାମକ ବୌଦ୍ଧବିହାର ଥିବା ବିଷୟ ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି। ଏ ବିଷୟରେ ଆମେ ପୂର୍ବ ଅଧ୍ୟାୟରେ ବିସ୍ତୃତ ଆଲୋଚନା କରିଛେ। ଏଠାରୁ ଉତ୍ତର-ପଶ୍ଚିମକୁ ବଣ ପାହାଡ଼ ମଧ୍ୟରେ ପ୍ରାୟ ୧୮୦୦ ଲି ଯାତ୍ରା କରି କୋଶଳ ଦେଶର ରାଜଧାନୀରେ ପହଞ୍ଚିଲେ। ଏହା ଥିଲା ପ୍ରାଚୀନ ଦକ୍ଷିଣ କୋଶଳ ଏବଂ ବର୍ତ୍ତମାନର ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କିଛି ଅଞ୍ଚଳ। ଏହି ରାଜ୍ୟର ସୀମା ପାହାଡ଼ ପର୍ବତ ଘେରା। ରାଜଧାନୀର ପରିସୀମା ୪୦ ଲି ଥିଲା। ଏହି ଦେଶରେ ସହର ଓ ଗ୍ରାମସବୁ ଲାଗି ଲାଗି ରହିଥିଲା। ଏଠାରେ ଉଭୟ ବୌଦ୍ଧ ଓ ହିନ୍ଦୁମାନେ ବସବାସ କରୁଥିଲେ। ଏଠାକାର ଲୋକମାନେ ପ୍ରାୟ ଶିକ୍ଷିତ ଓ ଚତୁର ଥିଲେ। ସେଠାକାର କ୍ଷତ୍ରୀୟ ରାଜା ବୌଦ୍ଧଧର୍ମ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ। ଏହି ରାଜ୍ୟରେ ହୁଏନ୍‌ସାଂ ପ୍ରାୟ ଶହେଗୋଟି ବୌଦ୍ଧବିହାର ଓ ଦଶହଜାର ସଂଖ୍ୟକ ବୌଦ୍ଧ ଭିକ୍ଷୁ ରହିଥିବାର ଦେଖିଥିଲେ। ଏମାନେ ସମସ୍ତେ ମହାଯାନପନ୍ଥୀ ଥିଲେ। ଏହି ରାଜ୍ୟରେ ପ୍ରାୟ ସତୁରୀ ଗୋଟି ହିନ୍ଦୁ ମନ୍ଦିର ମଧ୍ୟ ଥିବା ସେ ଦର୍ଶାଇଛନ୍ତି। ରାଜଧାନୀର ଦକ୍ଷିଣ ଦିଗ ନିକଟବର୍ତ୍ତୀ ସ୍ଥାନରେ ସମ୍ରାଟ ଅଶୋକଙ୍କ ନିର୍ମିତ ସ୍ତମ୍ଭଟିଏ ଥିବାର ସେ ଉଲ୍ଲେଖ କରିଛନ୍ତି।

ରାଜଧାନୀର ଦକ୍ଷିଣ-ପଶ୍ଚିମକୁ ୩୦୦ ଲି ଦୂରରେ ଥିବା ପରିମଳଗିରି ପର୍ବତ ବିଷୟରେ ହୁଏନ୍‌ସାଂ ଉଲ୍ଲେଖ କରିଛନ୍ତି। ଏହି ପାହାଡ଼ରେ ସୁଡ଼ଙ୍ଗ ଖୋଳି ମଝି ଅଂଶରେ ରାଜା ସଦବାହ ବୌଦ୍ଧ ଆଚାର୍ଯ୍ୟ ନାଗାର୍ଜୁନଙ୍କ ନିବାସ ଉଦ୍ଦେଶ୍ୟରେ ଏକ ବିଶାଳ ବୌଦ୍ଧବିହାର ନିର୍ମାଣ କରିଥିଲେ। ପାହାଡ଼ ଖୋଳି ଦୀର୍ଘ ଓ ବିସ୍ତୃତ ଅଳିନ୍ଦଏବଂ ପାହାଡ଼ରେ ଥାକ ଥାକ କରି ବହୁତାଲା ବିଶିଷ୍ଟ ଗୁମ୍ଫାମାନ ମଧ୍ୟ ନିର୍ମାଣ କରାଇଥିଲେ। ଏହି ପର୍ବତରେ ବିହାର ଓ ଗୁମ୍ଫାମାନଙ୍କରେ ପ୍ରାୟ ଏକହଜାର ଭିକ୍ଷୁଙ୍କୁ ବିଭିନ୍ନ ସ୍ଥାନରୁ ଆଣି ରାଜା ରଖାଇଥିଲେ। ଏହି ରାଜ୍ୟଟି ଅତ୍ୟନ୍ତ ସମୃଦ୍ଧିଶାଳୀ ଥିଲା।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

# ଅସ୍ମିତାର ପ୍ରଶ୍ନ

## ସାତଦରିଆପାରେ

**ସତ୍ୟଜ୍ୟୋତି**

ଅସ୍ମିତାର ଅନୁସନ୍ଧାନରୁ ଆରମ୍ଭ ହୋଇଥିବା ଏହି ଆଲୋଚନାର ଶେଷ ପର୍ଯ୍ୟାୟ ଅସ୍ମିତାର ଅନେକ ପ୍ରଶ୍ନ ଉତ୍ଥାପନ କରୁଛି। ଏକ ମହାନ, ସାହସୀ, ଗୌରବୋଜ୍ଜ୍ୱଳ କଳିଙ୍ଗ ଜାତିର ଯେତେବେଳେ ମୁଁ ବଂଶ ପରିଚୟ ଖୋଜିବାକୁ ଚେଷ୍ଟା କରିଛି ତାହା ମୋତେ ବିଷଣ୍ଣ କରିଛି। କଲମ୍ବସ, ଭାସ୍କୋଡାଗାମା ପ୍ରମୁଖଙ୍କ ହଜାର ହଜାର ବର୍ଷ ପୂର୍ବରୁ କଳିଙ୍ଗ ସାଧବମାନେ ବିଭିନ୍ନ ଦେଶରେ ବାଣିଜ୍ୟ କାରବାର ଓ ବସତି ସ୍ଥାପନ କରିସାରିଥିଲେ ସୁଦ୍ଧା ଜଳପଥ ଆବିଷ୍କାରକ ତାଲିକାରେ ସେମାନଙ୍କ ସମ୍ପର୍କରେ ଲେଶମାତ୍ର ଉଲ୍ଲେଖ ନାହିଁ। ସମୟର ପ୍ରତିଟି କାଳଖଣ୍ଡରେ ବିଶ୍ୱର ପ୍ରତିଟି ଅଞ୍ଚଳରେ ବ୍ୟବସାୟୀଙ୍କ ପ୍ରଭାବ ଓ ପ୍ରାଧାନ୍ୟ ରହିଆସିଛି। ତେଣୁ କଳିଙ୍ଗ ସାଧବମାନଙ୍କର ମଧ୍ୟ ସେମାନଙ୍କ ସମୟରେ ରାଜନୀତି ଓ ସମାଜରେ ପ୍ରାଧାନ୍ୟ ଓ ପ୍ରତିପତ୍ତି ଥିବ। ସେମାନଙ୍କ ମଧ୍ୟରୁ କେହି ତ ଜଣେ ଦଳପତି ବା ମୁଖ୍ୟ ଥିବେ! ଅଶୋକଙ୍କ କଳିଙ୍ଗ ଆକ୍ରମଣ ମଧ୍ୟ କଳିଙ୍ଗର ତାମ୍ରଲିପ୍ତ ବନ୍ଦର ଜିତିବାର ଅଭିଳୀପ୍ସା ସ୍ପଷ୍ଟ ହୋଇଛି ଶିଳାଲେଖରେ। କିନ୍ତୁ ଆମେ ଦେଖିଥିବା ବା ପଢ଼ିଥିବା ଇତିହାସରେ କେଉଁଠି ବି କଳିଙ୍ଗର ମହାନ୍ ସାଧବ ଜାତିର ସାଙ୍ଖ୍ୟା ବା ବଂଶ ପରିଚୟ ଦୃଷ୍ଟିଗୋଚର ହୁଏ ନାହିଁ। ସମାଜର ଏକ ପ୍ରଭାବଶାଳୀ ବର୍ଗର ଜାତି ପରିଚୟ ଲୁଚିଯିବା ଏକ ଇଚ୍ଛାକୃତ ଓ ଐତିହାସିକ ତ୍ରୁଟି ନୁହେଁ ତ? ଏ ପ୍ରଶ୍ନ ପଚାରିବାର ବେଳ ଆସିଛି।

ହୁଏତ ବ୍ରିଟିଶରମାନେ ନିଜକୁ ଶ୍ରେଷ୍ଠ ପ୍ରତିପାଦନ କରିବା ପାଇଁ କଳିଙ୍ଗ ସାଧବର ଜାତି ପରିଚୟକୁ ଇତିହାସରୁ ନିଶ୍ଚିହ୍ନ କରିଦେଇପାରିଥା'ନ୍ତି। ଅଥବା ସମୟ ପ୍ରଭାବରେ ସାଧବ ଜାତିର ଉତ୍ତରଣ ଘଟିଛି ଏବଂ ସେମାନେ ରାଜନ୍ୟ ବର୍ଗ ଭାବରେ ନିଜକୁ ପରିଚୟ ଦେଇଥାଇ ପାରିଥା'ନ୍ତି। ଏକ ଦୁଃସାହସିକ ଜଳଯାତ୍ରାରେ ଯେ ବିନା ଆତ୍ମସୁରକ୍ଷା କୌଶଳ ଏବଂ ବିନା ଅସ୍ତ୍ରଶସ୍ତ୍ରରେ ହେଉଥିବ ତାହା ମଧ୍ୟ ବିଶ୍ୱାସଯୋଗ୍ୟ ନୁହେଁ। ତେଣୁ କାଳକ୍ରମେ ସମରକଳା ଓ ଅସ୍ତ୍ରଶସ୍ତ୍ର ଚାଳନାରେ ଧୂରୀଣ ବୀର ସାହସୀ ସାଧବମାନେ ଶାସକବର୍ଗରେ ଉତ୍ତରିତ ହୋଇଥାଇ ପାରନ୍ତି। ମୋ ମତରେ ହୁଏତ ଏକ ସମୃଦ୍ଧ କୁଶଳୀ ବର୍ଗକୁ ଜାତି ଓ ବଂଶବାଦ ଆଧାରରେ ବହୁଧା ବିଭକ୍ତ ନ ହେବା ପାଇଁ ଏହା ମଧ୍ୟ ବିଧିର ବିଧାନ ହୋଇପାରିଥାଏ। ତେଣୁ ଆଜି ସମଗ୍ର ବିଶ୍ୱରେ ଜାତିଗତ ପରିଚୟ ବଦଳରେ ରାଷ୍ଟ୍ରୀୟ ପରିଚୟ 'କଳିଙ୍ଗ ସାଧବ' ଭାବରେ ବିଦିତ।

ଚାଣକ୍ୟ କହିଛନ୍ତି ଯେତେବେଳେ ପର୍ଯ୍ୟନ୍ତ କୌଣସି ଦେଶ ବା ଜାତିର ସଂସ୍କୃତି ଓ ପରମ୍ପରା ଅକ୍ଷୁଣ୍ଣ ରହିଥିବ ସେପର୍ଯ୍ୟନ୍ତ ସେ ଜାତି ଓ ଦେଶ କେବେ ପରାଜିତ ବୋଲି ଧରାଯିବ ନାହିଁ। କଳିଙ୍ଗ ନୌବାଣିଜ୍ୟ ପରମ୍ପରା ଏତେ ଚିରସବୁଜ ଓ ଜୀବନ୍ତ ଯେ ତାହା ଯେକୌଣସି ମୃତ ଓ ସୁପ୍ତ ସଂସ୍କୃତି ଓ ଐତିହ୍ୟକୁ ଜୀବନ୍ୟାସ ଦେଇପାରେ, ଯାହାର ପ୍ରମାଣ ଆମେ ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ପ୍ୟାରେଡ୍‌ରେ ଭାଗ ନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାରେ ଦେଖିଥିଲେ। ଲଗାତାର ଦୁଇବର୍ଷ ଧରି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନରୁ ଓଡ଼ିଶା ବଞ୍ଚିତ ହୋଇଆସୁଥିଲା। କିନ୍ତୁ ୨୦୨୪ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ୱର୍ଣ୍ଣପଦକ ହାସଲ କରିନେଲା। କାରଣ ଏହାର ଆଧାର ଥିଲା ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା।

ଆଉ ମାତ୍ର ଏଗାରବର୍ଷ ପରେ ଆମେ ଆମ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛନ୍ତି। ସାଂସ୍କୃତିକ, ଆଧାତ୍ମିକ, ପୌରାଣିକ, ବୈଜ୍ଞାନିକ, ସାମାଜିକ ଓ ଐତିହାସିକ ଦୃଷ୍ଟିରୁ ଏହି ସଂଖ୍ୟାର ମହତ୍ତ୍ୱ ଖୁବ୍ ଅଧିକ। ଆମ ହାତରେ ବାକିଥିବା ସମୟରେ କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ମହକକୁ ଆହୁରି ବିସ୍ତାର କରିବାକୁ ପଡ଼ିବ। ଖୋଜିବାକୁ ପଡ଼ିବ ଏହି ଜାତିର ସଂଜ୍ଞା ଓ ବଂଶ ପରିଚୟକୁ। ବିଦେଶରେ ଓଡ଼ିଆତ୍ୱର ପଦଚିହ୍ନକୁ ଆହୁରି ଆବିଷ୍କାର କରି ବିଶ୍ୱାୟନ ଆଣିବାକୁ ପଡ଼ିବ। ସରକାର ଏ ଦିଗରେ ଆନ୍ତରିକତା ପ୍ରଦର୍ଶନ କରିବେ ବୋଲି ଆଶା। ବିଶ୍ୱର ବିଭିନ୍ନ ସଂଗ୍ରହାଳୟରେ କଳିଙ୍ଗ ନୌବାଣିଜ୍ୟ ଇତିହାସ ଓ ପରମ୍ପରାର ରାଶିରାଶି ପ୍ରମାଣ ରହିଛି। ସେଗୁଡ଼ିକୁ ଉଦ୍ଧାର କରି ଆମ ଇତିହାସ ଆମେ ହିଁ ଲେଖିବାର ସମୟ ଉପଗତ। ଅନ୍ତତଃ ୨୦୩୬ ପୂର୍ବରୁ ଏ କାର୍ଯ୍ୟ ସାରିବାକୁ ହେବ। ସକଳ ଜ୍ଞାନ, ଗୁଣ, ସଂସ୍କୃତି ସମ୍ପନ୍ନ ସମୃଦ୍ଧ ଓଡ଼ିଆ ଜାତି ପ୍ରତି କାହିଁକି ଐତିହାସିକ ଅବହେଳା କରାଯାଉଛି ସେ ପ୍ରଶ୍ନ ମଧ୍ୟ ପଚାରିବାକୁ ପଡ଼ିବ। ଯେଉଁମାନେ ଏହି ଉତ୍ତର ଖୋଜିବେ ସେମାନେ ହିଁ ହେବେ ଏ ଶତାବ୍ଦୀର ନଚିକେତା।

*କଳିଙ୍ଗ ନୌବାଣିଜ୍ୟ ପରମ୍ପରା ଓ ଇତିହାସର ଅତିବିଶାଳ ସମୁଦ୍ର ବାଲିରୁ ମୁଁ ମାତ୍ର ମୁଠାଏ ସଂଗ୍ରହ କରିବାରେ ସଫଳ ହୋଇଛି। ଆଉ କିଛି ସଂଗ୍ରହ କରିବା ଲକ୍ଷ୍ୟରେ ସାମୟିକ ବିରତି ନେଉଛି।*

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟନ ଶିବିର



**ଭଦ୍ରକ,୨୮ ।୨(ସମିସ):** ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର), ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଓ ଲାୟନ୍ସ କ୍ଲବ ଭଦ୍ରାକାଳୀ ଡ଼ିଭାଇନ୍ ଆନୁକୁଲ୍ୟରେ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ସଭାପତି ଲାୟନ ପଦ୍ମନ କୁମାର ରାୟ, ମୁଖ୍ୟ ଅତିଥି ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ପ୍ରକାଶ କୁମାର ଜେନା ଏବଂ ସମ୍ମାନିତ ଅତିଥି ଭାବରେ ଲାୟନ ପ୍ରଣତୀ ଜେନା, ସି.ଆର.ଏସ୍.ଆର.ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ଼ା. ଭଗବାନ ପରିଡ଼ା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ଲାୟନ୍ ପର୍ଶୁରାମ ଦ୍ୱିବେଦୀ, ଲାୟନ ବୈଲୋଚନ ବେହୁରିଆ, ଲାୟନ ସତ୍ୟେନ୍ଦୁ କୁମାର ରାୟମହାପାତ୍ର, ଲାୟନ ସନ୍ତୋଷ ପତି, ଲାୟନ ପ୍ରଦୀପ ସାବତ, ଲାୟନ ମାନସ ନାୟକ, ଲାୟନ ଡ଼ା. ନାରାୟଣ ମିଶ୍ର, ଲାୟନ ଅମର ମହାନ୍ତି, ଲାୟନ କବିତା ପତି, ଲାୟନ ଅଶୋକ ମହାନ୍ତି, ଲାୟନ ପ୍ରଭାତ ଧଳ ଓ ଅନ୍ୟମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଲାୟନ ଦ୍ୱିବେଦୀ ପରିଚାଳନା କରିବା ସହିତ ଭିନ୍ନକ୍ଷମମାନଙ୍କୁ କିପରି ସାମାଜିକ ସ୍ରୋତରେ ସାମିଲ କରାଯାଇପାରିବ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଭିନ୍ନକ୍ଷମମାନଙ୍କୁ ଟ୍ରାଇସାଇକେଲ, ହୁଇଲଚେୟାର, ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗ, କାଲିପର, ଆଶାବାଡ଼ି, ସ୍ମାର୍ଟଫୋନ ଆଦି ବଣ୍ଟନ କରାଯାଇଥିଲା । ଶେଷରେ ଲାୟନ ଡ଼ା. ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସିଆରଏସ୍.ଆରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ସହିଦ ଭବନ ସମ୍ମୁଖରେ ବିପଦକୁ ଡାକୁଛି ମଲା ନଡ଼ିଆ ଗଛ

### ● ପୌର ପ୍ରଶାସକଙ୍କ ନିଘା ନାହିଁ



**ଭଦ୍ରକ,୨୫ ।୨(ସମିସ):** ଭଦ୍ରକ ପୌରପାଳିକା ଅଧିନରେ ରହିଛି ସହିଦ ସ୍ମୃତି ଭବନ ବା ଟାଉନ୍ ହଲ । ଏହା ଜିଲ୍ଲାର ପ୍ରାଚୀନ ତଥା ପ୍ରମୁଖ ଭବନ । ଉଭୟ ସରକାରୀ ଓ ବେସରକାରୀ ସଭା ସମିତିଠାରୁ ଆରମ୍ଭ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ଏଠାରେ ପାଳିତ ହେଉଛି । ଏହି ଟାଉନ୍ ହଲ ଠାରୁ ଆଦାୟ ଅର୍ଥରାଶି ପୌରପାଳିକା ନିଏ ଓ ଏହାର ମରାମତି ତଥା ରକ୍ଷଣାବେକ୍ଷଣା ବି କରେ । ତେବେ ଦୀର୍ଘଦିନ ହେବ ଏହି ଭବନ ସମ୍ମୁଖରେ ଛିଡା ହୋଇଛି ଏକ ବିରାଟ ମଲା ନଡିଆଗଛ । ଯାହା ଚଳପ୍ରଚଳ କରୁଥିବା ଜନସାଧାରଣଙ୍କ ପାଇଁ ବିପଦ ସାଜିଛି । ବିଶେଷ କରି ସଭା ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆସୁଥିବା ଲୋକମାନେ ଓ ଶିଶୁମାନଙ୍କ କାର୍ଯ୍ୟକ୍ରମକୁ ଆସୁଥିବା ଶିଶୁମାନଙ୍କ ପ୍ରତି ଏବେ ବିପଦ ବଢିବାରେ ଲାଗିଛି । ଏହି ଭବନକୁ ମଧ ଜିଲ୍ଲା ପ୍ରଶାସନିକ ଅଧିକାରୀ, ପୌର ପ୍ରଶାସକମାନେ ଅତିଥି ହୋଇ ଆସୁଥିବା ବେଳେ ଅଧିକାଂଶ ସମୟରେ ମନ୍ତ୍ରୀ, ସାଂସଦ ଓ ବିଧାୟକ ବି ବୈଠକକୁ ନିମନ୍ତ୍ରିତ ହୋଇ ଆସିଥାନ୍ତି । ସେମାନଙ୍କ ଦୃଷ୍ଟିରେ ଏହା ପଡୁନଥିବା ନେଇ ବୁଦ୍ଧିଜୀବୀ ମହଲ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୌର କର୍ତ୍ତୃପକ୍ଷ ଏହି ମଲା ନଡିଆ ଗଛକୁ ନକାଟି ଓଲଟି ସହରବାସୀଙ୍କ ଲାଗି ବିପଦକୁ ଆମନ୍ତ୍ରଣ କରୁଥିବା ସେମାନେ ବିଦୃପ କରି କହିଛନ୍ତି । ଏଦିଗରେ ଜିଲ୍ଲାପାଳ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ପ୍ରତିଭା ଚୟନ କାର୍ଯ୍ୟକ୍ରମ



**ବାରିକପୁର,୨୮ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ପଦି ନାରାୟଣପୁର ସରକାରୀ ବିଦ୍ୟାଳୟଠାରେ ପ୍ରତିଭା ଚୟନ କାର୍ଯ୍ୟକ୍ରମ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅକ୍ଷୟ ଜେନା, ମୁଖ୍ୟବକ୍ତା ଭାବେ ସିଆରସିସି ଅଭିମନ୍ୟୁ ବେହେରା, ଦୋଳଗୋବିନ୍ଦ ଖୁଟିଂଆ, ଶିକ୍ଷାବିତ ସନ୍ତୋଷ ସାହୁ, ପୁରୁଷୋତ୍ତମ ଧଳ, ଶରତ କୁମାର କୁଣ୍ଡୁ, ଘନଶ୍ୟାମ ସ୍ୱାଇଁ, ଶାନ୍ତିଲତା ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରତିଭା ସମ୍ପନ୍ନ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ବେହେରା ବାର୍ଷିକ ବିବରଣୀ ପାଠ, ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୀପିକା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯକ୍ରମକୁ ପ୍ରକାଶ ଜେନା, ପୁଷ୍ପାଞ୍ଜଳି ରାଉତ, ମାଳତୀ ସେଠୀ, କିଶୋର ଜେନା, ଶକ୍ତି କାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ଚାନ୍ଦବାଲି ରାମେଶ୍ୱରପୁରରେ କଙ୍ଗାରୁ କୋର୍ଟ

# ଚୋରି ଅଭିଯୋଗରେ ୨ଦିନ ବନ୍ଦୀ ଯୁବକ ଓ ନାବାଳକ

ଭଦ୍ରକ,୨୮ ।୨(ସମିସ)





ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧିନ ଭୁଇଁବୃତି ପଞ୍ଚାୟତର ରାମେଶ୍ୱରପୁର ଗ୍ରାମରେ କଙ୍ଗାରୁ କୋର୍ଟ ଚାଲିଛି । ଏକ ଚୋରି ଅଭିଯୋଗରେ ଦୁଇଦିନ ହେବ ଏକ ଘରେ ବନ୍ଧା ହୋଇ ରହିଛନ୍ତି ଜଣେ ଯୁବକ ଓ ଜଣେ ନାବାଳକ । ଜଣଙ୍କ ବୟସ ୨୧ ହୋଇଥିବାବେଳେ ଅନ୍ୟଜଣଙ୍କର ବୟସ ୧୭ ବର୍ଷ ବୋଲି ଜଣାପଡିଛି ।

ସୂଚନା ମୁତାବକ ଏହି ଯୁବକ ଓ ନାବାଳକ ଦୁହେଁ ମିଶି ନିଜ ଗ୍ରାମ(ରାମେଶ୍ୱରପୁର)ର ସୁରେଶ ନାୟକଙ୍କ ଘରେ ପଶି ଦୀର୍ଘ ୮ ଦିନ ତଳେ ଗହଣା ଗାଣ୍ଠି ସହିତ କିଛି ଟଙ୍କା ଚୋରି କରି ନେଇଥିଲେ । ଯାହାକୁ ସନ୍ଦେହ କରି ଦୁଇଦିନ ତଳେ ସୁରେଶଙ୍କ ପରିବାର ଲୋକ ଏମାନଙ୍କ ମଧ୍ୟରୁ ଜଣକୁ ଧରିବାରେ ସକ୍ଷମ ହୋଇଥିଲେ । ସେ ଚୋରି କରିଥିବା ମାନିବା ପରେ ଅନ୍ୟ ଜଣଙ୍କ ସମ୍ପୃକ୍ତି କଥା କହିଥିଲା । ଅନ୍ୟଜଣକୁ ଧରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରି ଏବେ ସେମାନଙ୍କ ହାତ ଗୋଡ଼ ବାନ୍ଧି ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ଭିତରେ ଅଟକ ରଖାଯାଇଛି । ବନ୍ଧା ହେବାର ୨ଦିନ ବିତି ଯାଇଥିଲେ ମଧ ଚାନ୍ଦବାଲି ଥାନାରେ କୌଣସି ଅଭିଯୋଗ ହୋଇନଥିଲା । ଘଟଣାସ୍ଥଳରେ ପୁଲିସ ପ୍ରଶାସନ ୨ଦିନ ଧରି ପହଞ୍ଚି ପାରିନଥିଲା । ଆଜି ସନ୍ଧ୍ୟାରେ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ବସିବା ପରେ ଯାହା ସମାଧାନ ହେବ ବୋଲି ସୁରେଶ ନାୟକ ସୂଚନା ଦେଇଥିଲେ । ତେବେ କୌଣସି ସୂତ୍ରରୁ ଖବର ପାଇ ଚାନ୍ଦବାଲି ପୁଲିସ ଆଜି ଅପରାହ୍ନରେ ରାମେଶ୍ୱରପୁର ଗାଁରେ ପହଞ୍ଚି ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରରୁ ଅଟକ ରଖାଯାଇଥିବା ନାବାଳକ ଓ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଛି । ତେବେ ଘଟଣା ନେଇ ସନ୍ଧ୍ୟା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି ।

**ସନ୍ଧ୍ୟାରେ ଖବର ପାଇ ଉଦ୍ଧାର କଲା ପୁଲିସ**

### ଚାନ୍ଦବାଲିରେ ବିଗୁଡୁଛି ଆଇନଶୃଙ୍ଖଳା ପରିସ୍ଥିତି

## ଗୋଟିଏ ରାତିରେ ୬ ମଠ ମନ୍ଦିରରୁ ଚୋରି



ଭଦ୍ରକ,୨୮ ।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଦିନକୁ ଦିନ ବିଗୁଡୁଛି ଆଇନ ଶୃଙ୍ଖଳା ପରିସ୍ଥିତି । କେତେବେଳେ କୋଇଲା ଚୋରି ତ ଆଉ କେତେବେଳେ ହତ୍ୟା ଭଳି ମାମଲା ବଢିବାରେ ଲାଗିଛି । ଆଉ ଏବେ ମଠ ମନ୍ଦିରରୁ ଟାର୍ଗେଟ କରିଛନ୍ତି ଲୁଟେରା । ଫଳରେ ଅସ୍ତବ୍ୟସ୍ତ ହୋଇ ପଡିଛି ସାରା ଅଞ୍ଚଳ । ଗତକାଲି ବିଳମ୍ବିତ ରାତିରେ ଚାନ୍ଦବାଲି ଥାନା ଅଧିନ ମତୋ ଓ ଭାଟପଡା ପଞ୍ଚାୟତରେ ଥିବା ୬ଟି ମଠ ମନ୍ଦିରରୁ ଚୋରି ହୋଇଛି । ଠାକୁରଙ୍କର ହୁଣ୍ଡିବାକ୍ସ ସହିତ ବିଭିନ୍ନ ଅଳଙ୍କାର ଲୁଟି ନେଇଥିବା ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି ଲୋକେ । ଦୀର୍ଘ ୧ ମାସ ହେଲା ଚାନ୍ଦବାଲି ଥାନାରେ ଖାଲି ପଡିଛି ଥାନାଧିକାରୀଙ୍କ ପଦବୀ ତା ସହିତ ୩ ମାସରୁ ଊର୍ଦ୍ଧ୍ୱ ହେବ ଏସ୍ଡିପିଓ ପଦବୀ ମଧ ଖାଲି ପଡ଼ିଛି । ଏହାର ପୁରା ସୁଯୋଗ ନେଉଛନ୍ତି ଲୁଟେରା, କୋଇଲା ମାଫିଆ ଓ କିଛି ଅସାମାଜିକ ଯୁବକ । ପୁଲିସ ପ୍ରଶାସନର ନିଷ୍କ୍ରିୟତା ପାଇଁ ଚାନ୍ଦବାଲି ଅଞ୍ଚଳରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ- ନନ୍ଦକିଶୋର ସାହୁ ଓ ସେବାୟତ ସୁରେନ୍ଦ୍ର ପାଢ଼ୀ ।

## ବସନ୍ତମଞ୍ଜରୀ ଦେବୀଙ୍କ ଏକାଦଶାହରେ ସ୍ମୃତିସଭା




**ଧାମନଗର,୨୮ ।୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ ଅଧିନ ବନସର ଗ୍ରାମର ସମସ୍ତଙ୍କର ପରିଚିତ କୋଠାର ସାରଦା ମହାବିଦ୍ୟାଳୟ ପରିଚାଳନା କମିଟିର ଦକ୍ଷ ସଦସ୍ୟା ଓ ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଏବଂ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର କୁମାର ମଲ୍ଲିକଙ୍କ ଧର୍ମପତ୍ନୀ ସ୍ୱର୍ଗୀୟା ବସନ୍ତମଞ୍ଜରୀ ମଲ୍ଲିକ୍ଙ୍କର ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ପରିଷଦ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡାଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ । ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅଧ୍ୟକ୍ଷା ନିବେଦିତା ଜେନା, ମଳୟ ଜେନା, ଆଇନଜୀବୀ ଦେବାଶିଷ ସାମଲ, ରମେଶ ଚନ୍ଦ୍ର ବେହେରା, ଅଭିଷେକ ରାଉତ, ହୃଦାନନ୍ଦ ସେଠୀ, ବିଦ୍ୟାଧର ଜେନା, ପ୍ରସନ୍ନ ଧଳ,ରଞ୍ଜନ ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ନିରାକାର ଧଳ,ମହେଶ୍ୱର ସ୍ୱାଇଁ, ରବିନ୍ଦ୍ର ପଣ୍ଡା, ହରେକୃଷ୍ଣ ପାଢ଼ୀ, ଚିତରଞ୍ଜନ ଦାଶ, ରସାନନ୍ଦ ମହାପାତ୍ର, ବିଦ୍ୟାଧର ରାଉତ, ରମଣୀ ରଞ୍ଜନ ଦାଶ, ଦାମୋଦର ମଲ୍ଲିକ, କୃଷ୍ଣ ଚନ୍ଦ୍ର ଜେନା, ପ୍ରମୋଦ ସ୍ୱାଇଁ, ଅଜୟ ସାମଲ,ଗୀତାଞ୍ଜଳୀ ରାଉତ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗୀୟା ବସନ୍ତମଞ୍ଜରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ମଲ୍ଲିକ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ଏବଂ ଗ୍ରାମବାସୀ ଯୋଗ ଦେଇଥିବା ବେଳେ ଶେଷରେ ନରେନ୍ଦ୍ର ମଲ୍ଲିକଙ୍କ ସାନ ଭାଇ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

### ଦେଓପଦା ଆକ୍ରମଣ ଓ ହତ୍ୟା ଘଟଣା

## ଭୟଭୀତ ଅବସ୍ଥାରେ ଥିବା ପରିବାର ମାଗିଲେ ସୁରକ୍ଷା



**ବାରିକପୁର/ମଞ୍ଜୁରୀରୋଡ଼, ୨୮ ।୨(ସମିସ):** ପୋତାଧନ ଚର୍ଚ୍ଚା କପୋଳକଳ୍ପିତ ଭଣ୍ଡାରିପୋଖରୀ ଥାନା ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ଗ୍ରାମରେ ଘଟିଥିବା ଆକ୍ରମଣ ଓ ହତ୍ୟାକୁ ଏବେ ସୁଦ୍ଧା ୪ଦିନ ବିତିଗଲାଣି । ପରିତାପର ବିଷୟ ଘଟଣାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇପାରିନାହିଁ । ଥାନା ପକ୍ଷରୁ ୪ଜଣଙ୍କୁ ଅଟକ ରଖାଯାଇ ପ୍ରାଥମିକ ଭାବେ ତଦନ୍ତ ଆରମ୍ଭ କରାଯାଇଥିଲେ ସୁଦ୍ଧା ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଛଡ଼ାଯାଇଛି । ଏବେ ପୁଲିସ ହେପାଜତରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଡ଼ା ଓ ଅନ୍ୟଜଣେ ରହିଥିବା ବେଳେ ପ୍ରକୃତ ଘଟଣାରୁ ଏଯାଏ ପରଦା ହଟିପାରିନାହିଁ । ଏପଟେ ଆକ୍ରମଣର ଶିକାର ହୋଇଥିବା ପରିବାର ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏହି ମରଣାନ୍ତକ ଆକ୍ରମଣରେ ଗ୍ରାମର ନବକିଶୋର ସାହୁଙ୍କ ବଡ଼ବୋହୂ ଝୁନା ସାହୁଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ପତ୍ନୀ କନକଲତା ଓ ମଝିଆ ବୋହୂ ସସ୍ମିତା ଗୁରୁତର ହୋଇଥିଲେ । ଘଟଣାକୁ ୪ଦିନ ବିତିଯାଇଥିଲେ ବି ପୁଲିସ କିନ୍ତୁ ସଠିକ ଭାବରେ ତଦନ୍ତ କରୁନଥିବା ଆକ୍ରମଣରେ ଶିକାର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ତଥା ପୁଲିସ ହେପାଜତରେ ଥିବା ଜଡ଼ା ପୂର୍ବରୁ ନବକିଶୋରଙ୍କ ଦୋକାନରେ ରହି କାମ କରୁଥିବାବେଳେ ସେ ଯେ, ଏଭଳି ମରଣାନ୍ତକ ଆକ୍ରମଣ କରିଥିବ ଏହାକୁ ପରିବାର ସଦସ୍ୟ ସହଜରେ ଗ୍ରହଣ କରି ପାରୁନାହାନ୍ତି । ତେଣୁ ଷଡଯନ୍ତ୍ର ପୂର୍ବକ ଆକ୍ରମଣ ପାଇଁ ଜଡ଼ାକୁ ମୋହରା କରାଯାଇଥିବା ବେଳେ ଏହା ପଛରେ ଆହୁରି କିଛି ବ୍ୟକ୍ତିଙ୍କ ହାତଥିବା ନବକିଶୋରଙ୍କ ମଝିଆ ପୁଅ ମାନସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହାଛଡା ଏକ ପୋତା ଧନକୁ ନେଇ ଆକ୍ରମଣର ପୃଷ୍ଠଭୂମି ତିଆରି ହୋଇଥିବା ଚର୍ଚ୍ଚାକୁ ମଧ ସେ ଖଣ୍ଡନ କରିଛନ୍ତି । ପୁଲିସ ସଠିକ ଭାବେ ତଦନ୍ତ କରିବାକୁ ଦାବି କରିଛନ୍ତି । ଆକ୍ରମଣକାରୀ ମାନେ ଏବେ ସୁଦ୍ଧା ବାହାରେ ବୁଲୁଥିବା ବେଳେ ସେମାନଙ୍କ ପାଇଁ ସାରା ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି । ତେଣୁ ପରିବାରକୁ ସୁରକ୍ଷା ଯୋଗାଇବା ଓ ହତ୍ୟାକାରୀକୁ ତୁରନ୍ତ ଗିରଫ କରିବାକୁ ଆଜି ପରିବାର ସମେତ ପାଖ ପଡୋଶୀ ମାନେ ଗଣମାଧ୍ୟମ ସମ୍ମୁଖରେ ଦାବି କରିଛନ୍ତି ।

## ଯୁବତୀକୁ ଅସଦାଚରଣ; ଜଣେ କୋର୍ଟ ଚାଲାଣ



**ଭଣ୍ଡାରିପୋଖରୀ,୨୮ ।୨(ସମିସ):** ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବାହାଦୁଲନଗର ଗ୍ରାମର ଜଣେ ଯୁବତୀକୁ ଅସଦାଚରଣ ଅଭିଯୋଗରେ ଅଭିଯୁକ୍ତକୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଯୁବତୀ ଜଣକ ସୋମବାର ରାତିରେ ଖାଇସାରି ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏ ବେଳେ ସେହି ଗ୍ରାମର ଚକ୍ରଧର ଜେନାଙ୍କ ପୁଅ ସନ୍ତୋଷ ଓରଫ ଅନୁ କୌଶଳ କ୍ରମେ ଘରେ ପଶି ଯୁବତୀକୁ ଅସଦାଚରଣ ଉଦ୍ୟମ କରିଥିଲା । ଯୁବତୀ ଜଣକ ଚିତ୍କାର କରିବାକୁ ପିତା ଉଠି କୋଠରୀ ଭିତରରେ ଥିବା ସନ୍ତୋଷକୁ ବାହାରପଟୁ କବାଟ ବନ୍ଦ କରି ଗାଁ ଲୋକଙ୍କୁ ଡାକ ପକାଇଥିଲେ । ଅଭିଯୋଗ ପାଇ ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ସନ୍ତୋଷକୁ ମଙ୍ଗଳବାର ଥାନାକୁ ଆଣି

## କୁଣ୍ଡୁଳା ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା,୨୮ ।୨(ସମିସ):** ବନ୍ତ ବ୍ଲକ ରାମପୁର ପଞ୍ଚାୟତ କୁଣ୍ଡୁଳା ସ୍ଥିତ ଶଶିଭୂଷଣ ନବକିଶୋର ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାକ୍ତନ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ନିଗମାନନ୍ଦ ମିଶ୍ର, ମୁଖ୍ୟବକ୍ତା ସିଆରସିସି ସୁଧୀର ରାଉତ, ସମ୍ମାନୀତ ଅତିଥି ବିଦ୍ୟାଳୟ ପ୍ରତିଷ୍ଠାତା ପୀତାମ୍ବର ବେହୁରିଆ, ଶ୍ରୀଧର ପୃଷ୍ଟି, ପ୍ରଧାନଶିକ୍ଷୟତ୍ରୀ ତପସ୍ୱିନୀ ପହି,ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ସମାଜସେବୀ ପ୍ରତାପ ବେହୁରିଆ, ଦାଶିରଥୀ ମୁଦୁଲି, ପରିଚାଳନା କମିଟି ସଭାପତି ମାଧବାନନ୍ଦ ସାହୁ, ବନ୍ତ ବ୍ଲକ ଶିକ୍ଷକ ସଂଘ ସଭାପତି ସୁକାନ୍ତ ବେହେରା, ଶିକ୍ଷକ ନେତା ସନାତନ ଦାସ, ନରେନ୍ଦ୍ର ସାହୁ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପର୍ଶୁରାମ ନାୟକ, କରୁଣାକର ନାୟକ, ବାଲୁକେଶ୍ୱର ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ ପ୍ରମୁଖ ଅତିଥି ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶିକ୍ଷକ ରଜନୀକାନ୍ତ ମହାନ୍ତି ଅତିଥି ପରିଚୟ, ମମତା ରାଉତ ବାର୍ଷିକ ବିବରଣୀ ପଠନ ଏବଂ ଗଦାଧର ମହାପାତ୍ର ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ । ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଅଙ୍କିତା ମୁଦୁଲି ବୃତି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ସଠିକ୍ ଉପାୟରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କର୍ମଶାଳା

# 'ସଚେତନତା ଅଭାବରୁ ବଞ୍ଚିତ ହୁଅନ୍ତି ସମ୍ଭାବ୍ୟ ପିତାମାତା'

ଭଦ୍ରକ,୨୮ ।୨(ସମିସ)

ବହୁ ନିଃସନ୍ତାନ ଦମ୍ପତି ଶିଶୁଟିଏ ପାଇଁ ବ୍ୟାକୁଳ ହୁଅନ୍ତି । ସେଥିପାଇଁ ଯେ କୌଣସି ଉପାୟରେ ଶିଶୁଟିଏ କୋଳେଇ ନେବାକୁ ଚେଷ୍ଟା କରନ୍ତି, ମାତ୍ର ସଚେତନତା ଅଭାବରୁ ଆଇନଗତ ଶିଶୁ ଗ୍ରହଣରୁ ବଞ୍ଚିତ ହୁଅନ୍ତି । ଏଥିନିମନ୍ତେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଭଦ୍ରକ ପୌରପାଳିକା ସଭାଗୃହ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ କୁମାର ସାମଲଙ୍କ ପୌରୋହିତ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସଠିକ୍ ପ୍ରକ୍ରିୟା ଶୀର୍ଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ପରିଚାଳନାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ଶିଶୁ ବିକାଶ ଅଧିକାରିଣୀ, ଭଦ୍ରକ ନର୍ମଦା ବେହେରା ପ୍ରମୁଖ ଯୋଗ ଦେଇ ଅନ୍ଲାଇନ ମାଧ୍ୟମରେ ସମ୍ଭାବ୍ୟ ଦମ୍ପତି ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଆଇନଗତ ଶିଶୁ ଗ୍ରହଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବେ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । କର୍ମଶାଳାରେ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଏସ୍. ଏମ୍. ଫାରୁକ୍ ଯୋଗ ଦେଇ "କାରା' କେନ୍ଦ୍ରୀୟ ନିୟମାବଳୀ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ନିଃସନ୍ତାନ ଦମ୍ପତି ପୋଷ୍ୟ ସନ୍ତାନ ଶିଶୁ ଗ୍ରହଣ ନିମନ୍ତେ ଆଇନଗତ ଦିଗ ଉପରେ ସଚେତନ ହେବା ସହ ବେଆଇନ ଉପାୟରେ ଶିଶୁ ଗ୍ରହଣ ଅନୁଚିତ୍ ବୋଲି କର୍ମଶାଳାରେ ଦର୍ଶାଇ ଥିଲେ । କାର୍ଯ୍ୟକ୍ରମରେ ୫ନମ୍ବର ୱାର୍ଡ କାଉନସିଲର ଦିଲ୍ଲୀପ ନାୟକ, ୧୦ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ପଙ୍କଜ ବଳ ସମେତ ବିଭିନ୍ନ ୱାର୍ଡର କାଉନ୍ସିଲର, ଶିଶୁ ବିକାଶ ବିଭାଗ ସୁପର ଭାଇଜର, ଶକ୍ତି ସଦନର ପରାମର୍ଶଦାତା, ସ୍ୱେଚ୍ଛାସେବୀ ସଂଗଠନ, ଆଶା କର୍ମୀ, ବହୁ ସମ୍ଭାବ୍ୟ ଦମ୍ପତି ଅଂଶଗ୍ରହଣ କରିଥିଲେ । ଚାଇଲ୍ଡ ଲାଇନର ଶୁଭଶ୍ରୀ ପଢିଆରି, ଲକ୍ଷ୍ମଣ ଜେନା, ଚନ୍ଦ୍ରକାନ୍ତ ଗୋଛାୟତ, ଲକ୍ଷ୍ମୀକାନ୍ତ ସେଠିଙ୍କ ସମେତ ଆସିୟାନାର ରିୟାଜ ଅହମଦ, ଶିଶୁ ସୁରକ୍ଷା ବିଭାଗର ନବୀନ ଚନ୍ଦ୍ର ବେହେରା, ସୁଦର୍ଶନ ବଦ୍ରା, ସୁକାନ୍ତ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶିଶୁ ସୁରକ୍ଷା ୟୁନିଟ୍ର ଅଣ ଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

### ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍

## ସେମିରେ ନିମପୁର ସ୍ପୋର୍ଟିଂ



**ଭଣ୍ଡାରିପୋଖରୀ,୨୮ ।୨(ସମିସ):** ସ୍ଥାନୀୟ ଚନ୍ଦ୍ରଭାନୁପୁର ପଡିଆରେ ଅନୁଷ୍ଠିତ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ କଟକ ନିମପୁର ସ୍ପୋର୍ଟି ଓ ଯାଜପୁର ଇଲେଭେନ୍ ଷ୍ଟାର ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଯାଜପୁର ଇଲେଭେନ୍ ଷ୍ଟାର ଅଧିନାୟକ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲେ । ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ଦଳ ୧୪୧ ରନ କରିଥିଲା । ଦଳ ପକ୍ଷରୁ ଶୁଭ୍ର ରାଉତ ୪୦ ରନ ଓ ଅଭିଜିତ ସାହୁ ୩୨ ରନ କରିଥିଲେ । ବିପକ୍ଷ ବୋଲର ଆଶୁତୋଷ ମହାରଣା ୪ ଓଭର ବୋଲିଂ କରି ୧୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ନିମପୁର ଦଳ ୧୮.୧ ଓଭରରେ ୭ ଉଇକେଟ ହରାଇ ୧୪୨ ରନ କରି ବିଜୟୀ ହେବା ସହ ସେମିରେ ପ୍ରବେଶ କରିଛି । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଅବଦୁଲ ଲତିଫ ୫୦ ରନ ଓ ସ୍ୱାଧିନ ପାତ୍ର ୪୫ ରନ କରିଥିଲେ । ଅଲରାଉଣ୍ଡର ଖେଳ ପ୍ରଦର୍ଶନ କରିଥିବା ସ୍ୱାଧୀନ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ଦେବବ୍ରତ ଦାସ ଓ ରାମଚନ୍ଦ୍ର ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ । ଅଭିଷେକ ଜେନା, ଜ୍ୟୋତିରଞ୍ଜନ ଚନ୍ଦ, ପ୍ରମୋଦ ଜେନା ଓ ସାଗର ଜେନା ସ୍କୋରର ଏବଂ ପ୍ରତ୍ୟୁଷ ସାହୁ ଓ ପ୍ରଦୀପ ଜେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ । ଶନିବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ ଏକାଦଶ ସହ କଟକ ନିମପୁର ମଧ୍ୟରେ ଅନୁଷ୍ଠିତ ହେବ ।

### ଦିଲ୍ଲୀ ବିଧାନସଭାରେ କ୍ୟାଗ୍ ରିପୋର୍ଟ ଉପସ୍ଥାପିତ

# ମୋହଲା କ୍ଲିନିକ୍‌ରେ ପାଇଖାନା ନାହିଁ



ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୁକ୍ରବାର ବିଧାନସଭାରେ ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧିତ କ୍ୟାଗ୍ ରିପୋର୍ଟ ଦାଖଲ କରିଛନ୍ତି। ୭ ପୃଷ୍ଠାର ଏହି ରିପୋର୍ଟରେ ଦିଲ୍ଲୀ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଅନେକ ଦୁର୍ବଳତା ଥିବା କୁହାଯାଇଛି। ଗତ ଛଅ ବର୍ଷ ମଧ୍ୟରେ ଗୁରୁତର ଆର୍ଥିକ କୁପରିଚାଳନା, ଅବହେଳା ଏବଂ ଦାୟିତ୍ୱହୀନତାକୁ ଉଜାଗର କରାଯାଇଛି। ଏଥିରେ ଉପକରଣ ଏବଂ ସ୍ୱାସ୍ଥ୍ୟସେବା କର୍ମୀଙ୍କ ଅଭାବ, ମୋହଲ୍ଲା କ୍ଲିନିକଗୁଡ଼ିକର ଦୁର୍ବଳ ଭିତ୍ତିଭୂମି, ଜରୁରୀକାଳୀନ ପାଣ୍ଠିର ନିମ୍ନ ବ୍ୟବହାରକୁ ଇଙ୍ଗିତ କରାଯାଇଛି। ଅନେକ ହସ୍ପିଟାଲରେ ଗୁରୁତ୍ୱପୂର୍ଣ୍ଣ ସେବା ନାହିଁ। ପାଇଖାନା ମଧ୍ୟ ଉପଲବ୍ଧ ନ ଥିବା କୁହାଯାଇଛି। ସହରର ୨୭ଟି ହସ୍ପିଟାଲ ମଧ୍ୟରୁ ୧୪ଟିରେ ଆଇସିୟୁ ସୁବିଧା ନାହିଁ। ସେହିପରି ୧୬ଟିରେ ରକ୍ତଭଣ୍ଡାର ନାହିଁ। ଏହା ବ୍ୟତୀତ ଆଠଟି ହସ୍ପିଟାଲରେ ଅମ୍ଳଜାନ ଯୋଗାଣ ମଧ୍ୟ ନାହିଁ ବୋଲି ସୂଚନା ରହିଛି। ୧୫ଟି ହସ୍ପିଟାଲରେ ଶବଗୃହ ନାହିଁ, ୧୨ଟି ହସ୍ପିଟାଲ ଆମ୍ବୁଲାନ୍ସ ସେବା ବିନା କାର୍ଯ୍ୟ କରୁଛି, ଅନେକ ମୋହଲ୍ଲା କ୍ଲିନିକରେ ଶୌଚାଳୟ, ପାୱାର ବ୍ୟାକଅପ୍ ଏବଂ ଚେକ୍-ଅପ୍ ଟେବୁଲ ଭଳି ଅତ୍ୟାବଶ୍ୟକୀୟ ସୁବିଧାର ଅଭାବ ରହିଛି। ଆୟୁଷ ଡିସପେନ୍ସରୀରେ ମଧ୍ୟ ସମାନ ଅଭାବ ରିପୋର୍ଟ କରାଯାଇଛି।



# ଜାଭେଦ ଅଖ୍‌ତାରଙ୍କୁ କ୍ଷମା ମାଗିଲେ କଙ୍ଗନା

ମୁମ୍ବାଇ, ୨୮।୨ (ଏଜେନ୍ସି): ଗତ ୫ ବର୍ଷ ହେଲା ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାୱତ ଏବଂ ଗୀତିକାର ଜାଭେଦ ଅଖ୍‌ତାରଙ୍କ ମଧ୍ୟରେ ଚାଲିଥିବା ମାନହାନୀ ମାମଲାର ସମାଧାନ ହୋଇଯାଇଛି। ପରିଶେଷରେ ଅଖ୍‌ତାରଙ୍କୁ କଙ୍ଗନା କ୍ଷମା ମାଗିଛନ୍ତି। ମୁମ୍ବାଇର ବାନ୍ଦ୍ରା କୋର୍ଟରେ ବିବୃତ୍ତି ଦାଖଲ କରି କଙ୍ଗନା କହିଛନ୍ତି ଯେ ତାଙ୍କ ପାଇଁ ଜାଭେଦ ଜୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ସେ କ୍ଷମା ମାଗୁଛନ୍ତି। ଜାଭେଦ ଜୀ ବହୁତ ଦୟାଳୁ। କଙ୍ଗନାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ପାଇଁ ଗୀତ ଲେଖିବାକୁ ମଧ୍ୟ ସେ ରାଜି ହୋଇଛନ୍ତି। କଙ୍ଗନା ନିଜ ସୋସିଆଲ ମିଡିଆ ସାଇଟ୍‌ରେ ଏହା ମଧ୍ୟ ସେୟାର କରିଛନ୍ତି।

୨୦୨୦ରେ ଜାଭେଦ ଏହି ମାନହାନୀ ମାମଲା ରୁଜୁ କରିଥିଲେ। ଆଜି ଏହା ଉପରେ କୋର୍ଟରେ ଘଣ୍ଟାଏ ପର୍ଯ୍ୟନ୍ତ ଶୁଣାଣି ହୋଇଥିଲା। ଏହି ସମୟରେ ଉଭୟ ସେଲିବ୍ରିଟି ଉପସ୍ଥିତ ଥିଲେ। ରାଣାୱତଙ୍କ ଓକିଲ ରିଜୱାନ ସିଦ୍ଦିକ ଏବଂ ଅଖତାରଙ୍କ ଓକିଲ ଜୟ କୁମାର ଭରଦ୍ୱାଜ ତଥ୍ୟ ଉପସ୍ଥାପନ କରିଥିଲେ। ଜଣେ ମଧ୍ୟସ୍ଥିଙ୍କ ପାଇଁ ଉଭୟେ ସମାଧାନ ଲାଗି ରାଜି ହୋଇଥିଲେ। ଏହା ପରେ କଙ୍ଗନା କହିଥିଲେ ଯେ ସେ ଭୁଲବଶତଃ ସେତେବେଳେ ଏଭଳି ବୟାନ ଦେଇଥିଲେ। ଏବେ ସେ ଏହାକୁ ପ୍ରତ୍ୟାହାର କରି ନେଉଛନ୍ତି। ଉଭୟେ ମାମଲା ପ୍ରତ୍ୟାହାର କରି ନେଇଛନ୍ତି।

# ହିମାଚଳରେ ବର୍ଷା, ତୁଷାରପାତ



ସିମ୍‌ଲା, ୨୮।୨ (ଏଜେନ୍ସି): ହିମାଚଳ ପ୍ରଦେଶରେ ଭୀଷଣ ବର୍ଷା ସାଙ୍ଗକୁ ପ୍ରବଳ ତୁଷାରପାତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ କୁଲ୍ଲୁର ସିୟୋବାଗରେ ସର୍ବାଧିକ ୧୧୩ ମିମି ବର୍ଷା ଏବଂ କୋଠିରେ ୧୨୦ ସେମି ତୁଷାରପାତ ହୋଇଛି। ଆଜି ରାତିରେ ମଧ୍ୟ ଏହା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଦେଶରେ ଗତ ତିନି ଦିନ ହେଲା ତୁଷାରପାତ ହେଉଛି। ଏଥିଯୋଗୁଁ ଲାହୋଲ ସ୍ପିତୀ ଜିଲ୍ଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଚମ୍ବାର ପାଙ୍ଗି ଏବଂ କିନ୍ନୌର ଜିଲ୍ଲାର ଅଧିକାଂଶ କ୍ଷେତ୍ରର ସଡ଼କ ବନ୍ଦ ରହିଛି। ତେଣୁ ଜିଲ୍ଲା ମୁଖ୍ୟାଳୟଠାରୁ ଏହାର ସମ୍ପର୍କ ଛିନ୍ନ ହୋଇଯାଇଛି। ସିମ୍‌ଲା ସହିତ ପ୍ରଦେଶର ଅଧିକାଂଶ ସ୍ଥାନରେ ଗୁରୁବାର ରାତିରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ କୁଲ୍ଲୁରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି।

**୬୦୦ ରାସ୍ତା, ୨୨୦୦ ଟ୍ରାନ୍ସଫର୍ମର ବନ୍ଦ**

**କୁଲ୍ଲୁରେ ବନ୍ୟା ଭଳି ସ୍ଥିତି**

ସାରା ରାଜ୍ୟରେ ୬୦୦ରୁ ଅଧିକ ସଡ଼କ ଏବଂ ୨୨୦୦ରୁ ଅଧିକ ବିଦ୍ୟୁତ ଟ୍ରାନ୍ସଫର୍ମର ବନ୍ଦ ହୋଇଯାଇଛି। ଏଥିଯୋଗୁଁ ହଜାର ହଜାର ପରିବାର ଅନ୍ଧାରରେ ରହିଛନ୍ତି। ଉଚ୍ଚ କ୍ଷେତ୍ରରେ ପ୍ରବଳ ଶୀତ ହେଉଥିବାରୁ ପାଣି ପାଇପ ଜାମ୍ ହୋଇଯାଇଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଲୋକେ ପାଣି ଟିକେ ବି ପାଉନାହାନ୍ତି। ବର୍ଷା ଏବଂ ତୁଷାରପାତକୁ ଦେଖି ଚାରି ଜିଲ୍ଲା ଚମ୍ବା, କିନୌର, ଲାହୌଲ ସ୍ପିତୀର ସବୁ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଛି। ସେହିପରି ଅଟଳ ଟନେଲ୍ ବନ୍ଦ କରିଦିଆଯାଇଥିବାରୁ ଲାହୌଲ ସ୍ପିତୀ ଜିଲ୍ଲା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏଠାକାର ୮୦ ପ୍ରତିଶତରୁ ଅଧିକ ଘରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି।

# ଭାରତ ସମେତ ୪ ଦେଶରେ ଭୂକମ୍ପ

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଭାରତ ସମେତ ଚାରି ଦେଶରେ ଶୁକ୍ରବାର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହା ୩ ଘଣ୍ଟା ମଧ୍ୟରେ ଭାରତ, ନେପାଳ ଏବଂ ପାକିସ୍ତାନ ସମେତ ତିବ୍ବତକୁ ଥରାଇ ଦେଇଛି। ଭାରତୀୟ ଭୂକମ୍ପ ଏଜେନ୍ସି ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜି ଅନୁଯାୟୀ ଶୁକ୍ରବାର ସକାଳ ୫ଟା ୧୫ରେ ପାକିସ୍ତାନରେ ଭୂକମ୍ପ ହୋଇଥିଲା। ଏହାର ତୀବ୍ରତା ୪.୫ ଥିଲା।



ଏହା ପୂର୍ବରୁ ଭୂକମ୍ପରେ ନେପାଳ ଦୁଇ ଥର ଥରିଥିଲା। ଗୁରୁବାର-ଶୁକ୍ରବାର ରାତି ୨ଟା ୩୬ (୫.୫ ତୀବ୍ରତା) ଏବଂ ୨ଟା ୫୧ (୬.୧ ତୀବ୍ରତା) ରେ ଦୁଇ ଥର ଝଟ୍‌କା ଅନୁଭୂତ ହୋଇଥିଲା। ଏହି ଦୁଇ ଭୂକମ୍ପ ତିବ୍ବତଠାରୁ ନେଇ ବିହାର ପାଟନା ପର୍ଯ୍ୟନ୍ତ ଥରାଇ ଦେଇଥିଲା। ତେବେ ଏହି ଭୂକମ୍ପରେ କେହି ମୃତାହତ ହେବାର ସୂଚନା ମିଳିନାହିଁ।

# ତେଲଙ୍ଗାନା ସୁଡ଼ଙ୍ଗରେ ୮ ଶ୍ରମିକଙ୍କ ମୃତ୍ୟୁ ଆଶଙ୍କା !

ହାଇଦରାବାଦ, ୨୮।୨ (ଏଜେନ୍ସି): ତେଲଙ୍ଗାନା ନାଗରକୁର୍ଣ୍ଣୁଲରେ ନିର୍ମାଣାଧୀନ ଶ୍ରୀସେଲମ ଲେଫ୍ଟ ବ୍ୟାଙ୍କ କେନାଲ (ଏସଏଲ୍‌ବିସି) ଭିତରେ ୬ ଦିନ ହେଲା ୮ ଶ୍ରମିକ ଫସି ରହିଛନ୍ତି। ଏ ପର୍ଯ୍ୟନ୍ତ ଏହି ଶ୍ରମକିଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ବିନା ପାଣି ଏବଂ ଖାଦ୍ୟରେ ଶ୍ରମିକ ଘନ ଅନ୍ଧକାରରେ କେମିତି ରହିଛନ୍ତି ତାହାକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇଛି। ଉଦ୍ଧାର ତ ଦୂରର କଥା ଏବେ ବି ଶ୍ରମିକଙ୍କ ପାଖରେ ଉଦ୍ଧାରକାରୀ ଦଳ ପହଞ୍ଚି ପାରି ନାହିଁ। ସୁଡ଼ଙ୍ଗରୁ ପାଣି ଧାର ବହି ଚାଲିଛି। କାଦୁଅ ଏବଂ ଅବଶେଷ ଉଦ୍ଧାରକାର୍ଯ୍ୟରେ କଡ଼ା ଆହ୍ୱାନ ସୃଷ୍ଟି କରିଛି। ଶୁକ୍ରବାର ସାଉଥ ସେଣ୍ଟ୍ରାଲ ରେଲୱେ (ଏସ୍‌ସିଆର)ର ୨ ଟିମ୍ ଉଦ୍ଧାରକାର୍ଯ୍ୟରେ ସାମିଲ ହୋଇଛି।



ଏହି ଟିମ୍ ଭାରି ଧାତୁଗୁଡ଼ିକୁ ପ୍ଲାଜ୍‌ମା କଟର ଏବଂ ବ୍ରାକ୍ କଟିଂ ମେସିନ ଭଳି ଆଧୁନିକ ଉପକରଣରେ କାଟି ରାସ୍ତାରୁ ହଟାଇବାକୁ ପ୍ରୟାସ କରୁଛି। ନ୍ୟାସନାଲ ଜିଓଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏନ୍‌ଜିଆରଆଇ)ର ବୈଜ୍ଞାନିକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର (ଜିପିଆର) ସହାୟତାରେ ଅବଶେଷ ତଳେ ଦବି ରହିଥିବା ଶ୍ରମିକଙ୍କୁ ଖୋଜିବା ପାଇଁ ପ୍ରୟାସ କରାଯାଉଛି। ଏପରି ସ୍ଥିତିରେ ଶ୍ରମିକ ଜୀବିତ ଥିବା ସମ୍ଭାବନା ବହୁତ କମ୍ ବୋଲି କୁହାଯାଉଛି। ଏସ୍‌ପି ବୈଭବ ଗାଏକ୍ୱାଡଙ୍କ ସୂଚନା ଅନୁଯାୟୀ ଅବଶେଷ ହଟାଇବା, ପାଣି ବାହାର କରିବା ଏବଂ ଲୁହା ଛଡ଼ କାଟିବା କାମ ଗୁରୁବାର ସକାଳୁ ଜାରି ରହିଛି। ଆଜି ସକାଳୁ ଏକ ଟିମ୍ ସୁଡ଼ଙ୍ଗ ଭିତରକୁ ଯାଇଛି। ଉଦ୍ଧାରକାର୍ଯ୍ୟରେ ସେନା, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ବ୍ୟତୀତ ରାଜ୍ୟ ସରକାରଙ୍କ ଅନ୍ୟ ଏଜେନ୍ସିଗୁଡିକର ପ୍ରାୟ ୬୦୦ କର୍ମୀ ଲାଗିଛନ୍ତି। ଏମାନଙ୍କ ମଧ୍ୟରେ ସିଲକ୍ୟାରା ସୁଡ଼ଙ୍ଗରେ ଫସିଥିବା ଲୋକଙ୍କୁ ବାହାର କରିଥିବା ଟିମ୍ ମଧ୍ୟ ସାମିଲ ରହିଛି।

# ଜଳବାୟୁ ପରିବର୍ତ୍ତନ ଏଜେନ୍ସିରୁ ୮୮୦ କର୍ମଚାରୀଙ୍କୁ ହଟାଇଲେ ଟ୍ରମ୍ପ

ୱାଶିଂଟନ, ୨୮।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ କଠୋର ନିର୍ଦ୍ଦେଶ ଦେଇ ଚାଲିଛନ୍ତି। ୟୁଏସ୍‌ଏଡ୍ ପରେ ସେ ଗୁରୁବାର ଜଳବାୟୁ ପରିବର୍ତ୍ତନ ଏଜେନ୍ସିର ୮୮୦ କର୍ମଚାରୀଙ୍କୁ ହଟାଇ ଦେଇଛନ୍ତି। ନ୍ୟାସନାଲ ଓସାନିକ ଆଣ୍ଡ ଅଟମୋସ୍ପିୟରିକ ଆଡମିନିଷ୍ଟ୍ରେସନ (ଏନଓଏଏ) ନାମକ ଏହି ଏଜେନ୍ସିରେ ପାଣିପାଗ ଖବର ପରିବେଷଣ କରୁଥିବା ଉପସ୍ଥାପକ ମଧ୍ୟ ସାମିଲ ଥିଲେ। ଟ୍ରମ୍ପଙ୍କ ଏହି କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସାରା ବିଶ୍ୱରେ ଏହି ଏଜେନ୍ସିର ୧୨ ହଜାର କର୍ମଚାରୀ କାମ କରୁଥିଲେ। ଏମାନଙ୍କ ମଧ୍ୟରେ ବୈଜ୍ଞାନିକ ଏବଂ ଇଞ୍ଜିନିୟର ସାମିଲ ଥିଲେ। ଏନ୍‌ଓଏଏର ପ୍ରବକ୍ତା କହିଛନ୍ତି ଯେ ଲୋକଙ୍କ ସୁରକ୍ଷା ପାଇଁ ଏଜେନ୍ସି ପୂର୍ବ ଭଳି ପାଣିପାଗର ସୂଚନା, ପୂର୍ବାନୁମାନ ଏବଂ ଚେତାବନୀ ଦେବା ଜାରି ରଖିବ। ଅନ୍ୟପକ୍ଷରେ ଡେମୋକ୍ରାଟ ସାଂସଦ ଜେରଡ ହଫମ୍ୟାନ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ବୈଜ୍ଞାନିକ, ବିଶେଷଜ୍ଞ ଏବଂ ସରକାରୀ ଚାକିରିଆଙ୍କୁ ହଟାଇବା ଏବଂ ପାଣ୍ଠି ରୋକିବା ଦ୍ୱାରା ଅନେକ ଜୀବନ ଉପରେ ପ୍ରଭାବ ପଡ଼ିପାରେ ବୋଲି କହିଛନ୍ତି।

# ଓଡ଼ିଶା ଆଡ଼କୁ ମାଡ଼ି ଆସୁଛି ଗ୍ରହାଣୁ: ନାସା

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ପୃଥିବୀ ଅଭିମୁଖେ ବଢୁଥିବା 'ସିଟି କିଲର' ଗ୍ରହାଣୁକୁ ନେଇ ସାରା ବିଶ୍ୱରେ ଚିନ୍ତା ପ୍ରକାଶ ପାଇଛି। ୨୦୨୪ ଡିସେମ୍ବରରେ ସନ୍ଧାନ କରାଯାଇଥିବା ଏହି ଗ୍ରହାଣୁ 'ୱାଇଆର ୪' ୨୦୩୨ ଡିସେମ୍ବରରେ ପୃଥିବୀ ସହ ମାଡ଼ ହେବାର ଆଶଙ୍କା ରହିଛି। ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର କିଛି କ୍ଷେତ୍ରରେ ଏହା ପଡ଼ିପାରେ ବୋଲି ଆମେରିକା ମହାକାଶ ଗବେଷଣା ପ୍ରତିଷ୍ଠାନ ନାସା ପକ୍ଷରୁ ଆକଳନ କରାଯାଇଛି। ଏହା ମଧ୍ୟରେ ଆଶ୍ୱସ୍ତିଜନକ ଖବର ଆସିଛି। 'ୱାଇଆର ୪' ପୃଥିବୀ ସହ ମାଡ଼ ହେବାର ସମ୍ଭାବନା ୩.୨ ପ୍ରତିଶତ ଥିବାବେଳେ ଏବେ ଏହା ଅଧିକ ହ୍ରାସ ପାଇଛି। ନାସାର ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି ଯେ ଏହି ଗ୍ରହାଣୁ ମାଡ଼ ହେବାର ବିପଦ ୦.୨୮ ପ୍ରତିଶତ ( ୩୫୭ରୁ ଏକ ଭାଗ) ହୋଇଯାଇଛି।

ଅନ୍ୟପକ୍ଷରେ ଇଣ୍ଟରନ୍ୟାସନାଲ 'ଆଷ୍ଟୋରଏଡ ୱାର୍ଣ୍ଣି ନେଟ୍‌ୱର୍କ' ଏହି ଗ୍ରହାଣୁଠାରୁ ବର୍ତ୍ତିବାର ଉପାୟ ଖୋଜିବାରେ ଲାଗିଛି। ଏହା ପୂର୍ବରୁ ୨୦୨୨ରେ ନାସା ଏକ କ୍ଷେପଣାସ୍ତ୍ର ମାଡ଼ (ଡାର୍ଟ ମିଶନ) କରି ଏକ ଗ୍ରହାଣୁର ଗତିପଥକୁ ବଦଳାଇ ଦେଇଥିଲା। ଏହାକୁ ବ୍ରେକ୍-ଅପ୍ ମେଥଡ଼ କୁହାଯାଇଥିଲା। ତେଣୁ ସିଟି କିଲର ପାଇଁ ଏହି ପନ୍ଥା ଗ୍ରହଣ କରିବାକୁ ଯୋଜନା କରାଯାଉଛି। ଏହି ପ୍ରକ୍ରିୟାରେ ଗ୍ରହାଣୁର ମାଧ୍ୟାକର୍ଷଣ କ୍ଷମତା ଆକଳନ କରାଯାଇଥାଏ। ପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥାଏ।



ତେବେ ଆସନ୍ତା ମାସ ଶେଷ ସୁଦ୍ଧା ଏହି ଗ୍ରହାଣୁ ବିଷୟରେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ରହିଛି। ପରେ ଏହାଠାରୁ ସୃଷ୍ଟି ହେଉଥିବା ବିପଦର ଆକଳନ କରି ପରବର୍ତ୍ତୀ ପନ୍ଥା ଗ୍ରହଣ କରାଯିବ।

# ପ୍ରେମିକା ପାଇଁ ସୁପାରୀ ଦେଇ ପତ୍ନୀଙ୍କୁ ହତ୍ୟା




ବରେଲି, ୨୮।୨ (ଏଜେନ୍ସି): ପ୍ରେମିକା ପାଇଁ ସ୍ୱାମୀ ଉତ୍ତର ପ୍ରଦେଶ ପ୍ରୋଭିନସାଲ ଆର୍ମ୍ଡ କନଷ୍ଟାବୁଲାରି (ପିଏସି) କନଷ୍ଟେବଳ ରବି ତିନି ଲକ୍ଷ ଟଙ୍କାରେ ସୁପାରୀ ଦେଇ ପତ୍ନୀ ମିନୁଙ୍କୁ ହତ୍ୟା କରିଛି। ଏଥିପାଇଁ କମ୍ପାଉଣ୍ଡରଙ୍କ ସମେତ ଆଉ ଜଣଙ୍କ ସହୟତା ନେଇଛି। ପରେ ଏହାକୁ ହତ୍ୟା ପରିବର୍ତ୍ତେ ଆତ୍ମହତ୍ୟା ଦେଖାଇବାକୁ ପ୍ରୟାସ କରାଯାଇଛି। ପୁଲିସ ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି। ଗତ ୨୩ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଶୁକ୍ରବାର ପୁଲିସ ମାମଲାରୁ ପରଦା ଉଠାଇଛି। ସୂଚନା ଅନୁଯାୟୀ ରାମପୁରର ମିଲକ ଥାନା ଅଞ୍ଚଳର ବାସିନ୍ଦା ରବି ପ୍ରେମିକା ସହ ରହିବା ପାଇଁ ପତ୍ନୀକୁ ବାଟରୁ ହଟାଇବାକୁ ଯୋଜନା କରିଥିଲା। ଏଥିରେ ସେ ସାଙ୍ଗ ସଞ୍ଜୟର ସହାୟତା ନେଇଥିଲା। ତାର ପରାମର୍ଶରେ କମ୍ପାଉଣ୍ଡର ଜତିନକୁ ଧରି ହତ୍ୟା ଷଡ଼ଯନ୍ତ୍ର କରିଥିଲା। ଏଥିପାଇଁ ଅଗ୍ରୀମ ଭାବେ ୬୦ ହଜାର ଟଙ୍କା ଦେଇଥିଲା। ପରେ କମ୍ପାଉଣ୍ଡର ସାଙ୍ଗ ତିନୋଟି ଔଷଧକୁ ମିଶାଇ ବିଷାକ୍ତ ଇଞ୍ଜେକ୍ସନ ପ୍ରସ୍ତୁତ କରିଥିଲା। ୭ଟି ଇଞ୍ଜେକ୍ସନ ମହିଳାଙ୍କ ବେକରେ ଲଗାଇ ଥିଲା। ଏହାର ଏକ ଘଣ୍ଟା ପରେ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା।

**ଦୁଇ ବନ୍ଧୁଙ୍କ ସହ କନଷ୍ଟେବଲ ଗିରଫ**

# ପତ୍ନୀଙ୍କ ପାଇଁ ଟିସିଏସ୍ ମ୍ୟାନେଜରଙ୍କ ଲାଇଭ୍ ଆତ୍ମହତ୍ୟା

ଆଗ୍ରା, ୨୮।୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ଘଟଣା ମନରୁ ନ ଯାଉଣୁ ଆଗ୍ରାରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ମଧ୍ୟ ପତ୍ନୀ ଉତ୍ପୀଡ଼ନର ଶିକାର ହୋଇ ଟାଟା କନସଲଟାନ୍ସି ସର୍ଭିସ (ଟିସିଏସ)ର ରିକ୍ରୁଇଟମେଣ୍ଟ ମ୍ୟାନେଜର ୬ ମିନିଟ ୫୭ ସେକେଣ୍ଡର ଭିଡିଓ କରି ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମାନବ ଶର୍ମା (୨୫) ଏହି ଭିଡିଓରେ ବାପମାଆଙ୍କୁ କ୍ଷମା ମାଗିଛନ୍ତି। ପୁରୁଷ ଭୋଗୁଥିବା କଷ୍ଟ ବିଷୟରେ ବର୍ଣ୍ଣନା କରିଛନ୍ତି। ପତ୍ନୀ ନିକିତାଙ୍କ ପରକୀୟାପ୍ରୀତିକୁ ନେଇ ସେ ଚିନ୍ତିତ ଥିବା କହୁଛନ୍ତି। ଆଉ କାହା ସହ ସମ୍ବନ୍ଧ ରଖିଥିବା ଉଲ୍ଲେଖ କରିଛନ୍ତି। ଏହି ଭିଡିଓ ସମ୍ବନ୍ଧିତ ଅଧିକାରୀଙ୍କ ପାଇଁ ଛାଡ଼ି ଯାଇଥିବା କହିଛନ୍ତି। ଶେଷରେ ଫାଶୀ ଦେଇ ଆତ୍ମହତ୍ୟା କରୁଛନ୍ତି।

ମାନବ ଗତ ୨୪ ତାରିଖରେ ଆତ୍ମହତ୍ୟା କରିଥିଲେ। ମାତ୍ର ଏହାର ଦୁଇ ଦିନ ପରେ ଫୋନରୁ ତାଙ୍କ ଭଉଣୀ ଏହି ଭିଡିଓ ପାଇଥିଲେ। ଏଥିରେ ଅତୁଲ ଯେ ପୁରୁଷଙ୍କ ବିଷୟରେ କେହି ଟିକେ ଚିନ୍ତା କରନ୍ତୁ। ପୁରୁଷ ବହୁତ ଏକାକୀ ହୋଇଯାଉଛି। ଆଇନରେ ପୁରୁଷଙ୍କୁ ସୁରକ୍ଷା ଦେବା ଜରୁରୀ। ନଚେତ ଦିନେ ଏପରି ସମୟ ଆସିବ ଯେ ନିନ୍ଦିତ କରିବାକୁ



କେହି ପୁରୁଷ ନ ଥିବେ। ପତ୍ନୀ ପର ପୁରୁଷ ସହ ସମ୍ବନ୍ଧ ରଖୁଥିବାବେଳେ ସେ କିଛି କରିପାରୁନାହାନ୍ତି। ଅସହାୟ ହୋଇଯାଇଛନ୍ତି। ଏବେ ଏହା କୌଣସି ବିଷୟ ହୋଇ ହିଁ ନାହିଁ। ମାନବ କିଛି ସମୟ ଭିଡିଓ ବନ୍ଦ କରି ପରେ ମରିବାକୁ କିଛି ସମସ୍ୟା ନାହିଁ ବୋଲି କହୁଛନ୍ତି। ମରିଗଲା ପରେ ସବୁ କିଛି ଠିକ୍ ହୋଇଯିବ। ପୂର୍ବରୁ ମଧ୍ୟ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ ଡିଫେନ୍ସ କଲୋନୀରେ ରହୁଥିବା ମାନବ ମୁମ୍ବାଇରେ କାମ କରନ୍ତି। ତାଙ୍କ ବାପା ନରେନ୍ଦ୍ର ଶର୍ମା ଜଣେ ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ। ୨୦୨୪ ଜାନୁଆରୀ ୩୦ରେ ମାନବ ବାହା ହୋଇଥିଲେ। ବାହାଘର ପରେ ସବୁ କିଛି ଠିକ ଠାକ ଚାଲିଥିଲା। କିନ୍ତୁ ସମୟ ବିତିବା ସହ ପତ୍ନୀଙ୍କ ଅବଗୁଣ ବାହାରିବାରେ ଲାଗିଥିଲା। ବାହାଘର ପୂର୍ବରୁ ସେ ଜଣଙ୍କୁ ପ୍ରେମ କରୁଥିଲେ। ବାହାଘର ପରେ ମଧ୍ୟ ସେ ତାଙ୍କ ପ୍ରେମିକ ସହ କଥା ହେଉଥିଲେ। ବିବାହର କିଛି ମାସ ପରେ ସେ ସ୍ୱାମୀଙ୍କ ନାଁରେ ମିଛ ଅଭିଯୋଗ ଆଣି ଧମକଚମକ ଦେବା ଆରମ୍ଭ କରିଥିଲେ। ବୟଫ୍ରେଣ୍ଡଙ୍କ ସହ ରହିବାକୁ ଚାହୁଁଥିଲେ। ଏହାକୁ ନେଇ ମାନବ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରେ ଲାଗିଥିଲେ।

ଅନ୍ୟପକ୍ଷରେ ପତ୍ନୀ ନିକିତା ଭିଡିଓ ଜାରି କରି ନିଜ ଦୋଷ ଛଡ଼ାଇଛନ୍ତି। ସେ ସବୁ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ମାନବ ସବୁବେଳେ ମଦ ପିଅନ୍ତି। ମଦ ନିଶାରେ ଝଗଡ଼ା କରିବା ସହ ସେ ଅନେକ ଥର ନିଜକୁ କ୍ଷତି ପହଞ୍ଚାଇବାକୁ ମଧ୍ୟ ଚେଷ୍ଟା କରିଥିଲେ। ସେ ଅନେକ ଥର ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବା ବେଳେ ସେ ତାଙ୍କୁ ରକ୍ଷା କରିଥିଲି। ମଦ ପିଇବା ପରେ ସେ ମୋତେ ମାଡ଼ ମାରନ୍ତି। ଲୋକେ କେବଳ ଗୋଟିଏ ପକ୍ଷର ଶୁଣିବା ଠିକ ନୁହେଁ ବୋଲି କହିଥିଲେ।

### ପୁନେ ସରକାରୀ ବସ୍‌ରେ ଦୁଷ୍କର୍ମ ମାମଲା

# ଆଖୁ କିଆରିରୁ ଅଭିଯୁକ୍ତ ଗିରଫ

ପୁନେ, ୨୮।୨ (ଏଜେନ୍ସି): ପୁନେ ବସ୍ ଷ୍ଟାଣ୍ଡରେ ବସ୍ ଭିତରେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ରାମଦାସ ଗାଡେକୁ ପୁଲିସ ଗୁରୁବାର ରାତିରେ ଗିରଫ କରିଛି। ଶୁକ୍ରବାର ତାକୁ କୋର୍ଟରେ ଉପସ୍ଥାପନ କରାଯାଇଛି। କୋର୍ଟ ଅଭିଯୁକ୍ତକୁ ୧୨ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହି ଅଭିଯୁକ୍ତ ମଙ୍ଗଳବାର ଠାରୁ ଫେରାର ଥିଲା। ସେ ନିଜ ଗାଁର ଆଖୁ କିଆରିରେ ଲୁଚି ଥିଲା। ପୁଲିସ୍ ତା'କୁ



ଧରିବାକୁ ବଡ଼ଧରଣର ଅଭିଯାନ ଚଳାଇ ଥିଲା। ଅଭିଯୁକ୍ତ ରାତିରେ ପାଣି ପିଇବା ପାଇଁ ବାହାରକୁ ଆସିଥିବାବେଳେ ଲୋକେ ଦେଖି ଦେଇଥିଲେ। ପରେ ଏହାର ସୂଚନା ପୁଲିସକୁ ଦେଇଥିଲେ। ପୁଲିସକୁ ଚକ୍‌ମା ଦେବା ପାଇଁ ଅଭିଯୁକ୍ତ ନିଜ ସାର୍ଟ ବଦଳାଇ ଦେଇଥିଲା। ଏହା ସତ୍ତ୍ୱେ ଡ୍ରୋନ, ସନ୍ଧାନୀ କୁକୁର ଓ ୧୦୦ରୁ ଅଧିକ ପୁଲିସ୍ କର୍ମଚାରୀ ମିଳିତ ଭାବେ ତାକୁ ରାତି ଅଧିରେ କାବୁ କରିବାରେ ସକ୍ଷମ ହୋଇଥିଲେ।

ସୂଚନା ଅନୁଯାୟୀ ଗୁରୁବାର ରାତି ୧୦.୩୦ରେ ଗାଡେ ତା' ଗାଁ ଗୁନାତକୁ ଆସୁଥିବା ଜାଣି ଜଣେ ସମ୍ପର୍କୀୟ ପୁଲିସ୍‌କୁ ଖବର ଦେଇଥିଲେ। ସମ୍ପର୍କୀୟଙ୍କ ଘରୁ ଯିବା ପୂର୍ବରୁ ଗାଡେ ପାଣି ବୋତଲ ନେଇଥିଲା ଏବଂ ବଡ଼ ଭୁଲ କରିଥିବା ସ୍ୱୀକାର କରିଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ସେ ଘରୁ ପଳାଇ ଥିଲା। ପରେ ପୁଲିସକୁ ଦେଖି ଆଖୁ କିଆରି ନିକଟରେ ଥିବା କେନାଲକୁ ଡେଇଁବାରୁ ଗାଁ ଲୋକ ତାକୁ ଧରି ପକାଇ ପୁଲିସ ଜିମା ଦେଇଥିଲେ। ସେ ଜଣେ ପେଶାଦାର ଅପରାଧୀ ଥିଲା ବୋଲି ଜଣାପଡ଼ିଛି।

### ପାକିସ୍ତାନ ମଦ୍ରାସାରେ ଆତ୍ମଘାତୀ ବିସ୍ଫୋରଣ

# ତାଲିବାନ ପ୍ରତିଷ୍ଠାତା ହକ୍କାନୀର ପୁଅକୁ ହତ୍ୟା

ଇସଲାମାବାଦ, ୨୮।୨ (ଏଜେନ୍ସି): ରମଜାନର ଗୋଟିଏ ଦିନ ପୂର୍ବରୁ ପାକିସ୍ତାନ ଥରି ଉଠିଛି। ଖୈବର ପଖତୁନଖ୍ୱା ରାଜ୍ୟ ଅକୋରା ଖଟକ ଜିଲ୍ଲା ସ୍ଥିତ ଜାମିଆ ହକ୍କାନିଆ ମଦ୍ରାସାରେ ଶୁକ୍ରବାର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଆତଙ୍କବାଦୀ ସଂଗଠନ ତାଲିବାନର ଗଡ୍‌ଫାଦର (ପ୍ରତିଷ୍ଠାତା)ର ମୌଲାନା ସଲିମୁଲ ହକ୍ ହକ୍କାନିର ବଡ଼ ପୁଅ ହମିଦୁଲ ହକ୍ ହକ୍କାନିକୁ ନିଶାଣ କରି ଏହି ଆକ୍ରମଣ ହୋଇଛି। ଏଥିରେ ହକ୍କାନି ପ୍ରାଣ ହରାଇଛି।



ଏହା ବ୍ୟତୀତ ଆଉ ୪ ଜଣଙ୍କ ମଧ୍ୟ ମୃତ୍ୟୁ ହୋଇଛି। ୨୦ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି।

ଏହି ବିସ୍ଫୋରଣ ପରେ ପେଶାୱରର ସବୁ ହସ୍ପିଟାଲରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଥିଲା। ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ନିଜକୁ ଉଡ଼ାଇ ଦେଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମସ୍‌ଜିଦର ଏକ ଅଂଶ ମଧ୍ୟ ଭାଙ୍ଗିଯାଇଛି। ସୂଚନାଯୋଗ୍ୟ ଯେ ହକ୍କାନି ଆଫଗାନ ତାଲିବାନର ସମର୍ଥକ ଥିଲା। ସେ ୧୯୪୭ରେ ପାକିସ୍ତାନର ସବୁଠୁ ପ୍ରଭାବୀ ଇସ୍‌ଲାମୀ ମଦ୍ରାସା ମଧ୍ୟରୁ ଅନ୍ୟତମ ଦାରୁଲ ଉଲୁମ ହକ୍କାନିଆ ପ୍ରତିଷ୍ଠା କରିଥିଲା। ସମିଉଲ ହକ୍ ତାଲିବାନ ପ୍ରତିଷ୍ଠା କରି ମୁଲ୍ଲା ଉମର ଭଳି ନେତାଙ୍କୁ ପ୍ରସ୍ତୁତ କରିଥିଲା। ୨୦୧୮ ରେ ସମିଉଲଙ୍କୁ ହତ୍ୟା କରାଯାଇଥିଲା।

## ଠାକୁରାଣୀଙ୍କ ନାମରେ ପ୍ରସ୍ତାବିତ ମଦ ବାର୍‌କୁ ବିରୋଧ

# କୀର୍ତ୍ତନ କରି ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର





ଭଦ୍ରକ,୨୮ ।୨(ସମିସ)

ମୃଦଙ୍ଗ, ଝାଞ୍ଜର ତାଳେ ତାଳେ ମହାମନ୍ତ୍ର ସହ କୀର୍ତ୍ତନରେ ଫାଟିପଡୁଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। କିନ୍ତୁ ଏ କେଉଁ ଆଧ୍ୟାତ୍ମିକ ସଭା ପାଇଁ ନୁହଁ ବରଂ ସହର ମଧ୍ୟରେ ହିନ୍ଦୁ ଠାକୁରାଣୀ ଅମ୍ବିକାଙ୍କ ନାମରେ ମଦ ବାର୍ ଖୋଲିବାକୁ ନେଇ ନିଆରା ଭାବରେ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବି ଜଣାଇବାକୁ ଆସିଛନ୍ତି ସ୍ଥାନୀୟ ବାସିନ୍ଦା। ଭଦ୍ରକକୁ ଏବେ ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଭରସା। କାରଣ ଭଦ୍ରକ ସହରରେ ଏବେ ନିଶାସକ୍ତଙ୍କ ପ୍ରାଦୁର୍ଭାବ ଅସ୍ତବ୍ୟସ୍ତ କରୁଛି। କିନ୍ତୁ ପୁଲିସ ଖାଲି ଲୋକଦେଖାଣିଆ ମଦ ଦୋକାନ ପାଖରେ ମଦ ପିଉଥିବା କିଛି ଲୋକଙ୍କୁ ଉଠାଇଆଣି ନିଜ ପିଠି ନିଜେ ଥାପୁଡେଇ ବାହା ବା ନେଉଛଇ। ଭଦ୍ରକ ସହର ମଧ୍ୟରେ ଅନେକ ବାର ଓ ମଦ ଦୋକାନ ରହିଛି କିନ୍ତୁ ସରକାରଙ୍କ ନିୟମାନୁଯାୟୀ ବିଦ୍ୟାଳୟ ମନ୍ଦିର ନିକଟରେ ମଦ ଦୋକାନ ଖୋଲାଯିବା ବେଆଇନ ହୋଇଥିବା ବେଳେ ଦେବାଦେବୀଙ୍କ ନାମରେ ମଦ ବାର ବା ଦୋକାନ ଖୋଲିବାକୁ ନିଷେଧ ଅଛି। ସରକାର ମଧ୍ୟ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଚିଠି ମାଧ୍ୟମରେ ସବୁ ଜିଲ୍ଲାର ଅବକାରୀ ଅଧିକ୍ଷକଙ୍କୁ ଅବଗତ କରାଇଥିଲେ। କିନ୍ତୁ କିଛି ପଦକ୍ଷେପ ନିଆଗଲାନାହିଁ। ଭଦ୍ରକ ସହର ଶନିମନ୍ଦିର ଟ୍ରାଫିକ ଛକରେ ଯେଉଁଠି ଏକ ବେସରକାରୀ ଓ ସରକାରୀ ଗୋପାଳଜୀଉ ସ୍କୁଲ ମଧ୍ୟ ରହିଛି ପାଖରେ ତାରିଣୀ ମନ୍ଦିର ସହ ମା' ସନ୍ତୋଷୀଙ୍କର ମନ୍ଦିର ରହିଛି। ତାହା ଛଡା ସହର ମଧ୍ୟରେ କେବଳ ଗୋଟିଏ ପାର୍କ ମଧ୍ୟ ସେହି ସ୍ଥାନରେ ଅବସ୍ଥିତ। ଯେଉଁଠିକି ପ୍ରତେକ ଦିନ ସକାଳୁ ପ୍ରଶାସନିକ ଅଧିକାରୀ ମଧ୍ୟ ଯାଇ ଦେବାଦେବୀଙ୍କୁ ଦର୍ଶନ କରନ୍ତି। କିନ୍ତୁ ସେଠାରେ ହିନ୍ଦୁ ଦେବୀ ଅମ୍ବିକାଙ୍କ ନାମରେ ଏକ ମଦ ବାର ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଅଞ୍ଚଳର କିଛି ଆଧ୍ୟାତ୍ମିକ ଚେତନାଶୀଳ ଲୋକ ନିଆରା ଢଙ୍ଗରେ ପ୍ରସ୍ତାବିତ ବାରକୁ ବିରୋଧ କରିବାକୁ ଆସି ମୃଦଙ୍ଗ, ଝାଞ୍ଜ ତାଳରେ ମହାମନ୍ତ୍ରରେ କୀର୍ତ୍ତନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ ଏବଂ ଜିଲ୍ଲାପାଳଙ୍କୁ ନିଜର ଦାବିପତ୍ର ଦେଇଥିଲେ। ତେବେ ସନାତନ ଧର୍ମର ଦେବା ଦେବୀଙ୍କ ନାମରେ କେମିତି ମଦ ବାର ଖୋଲାଗଲା ବୋଲି ଜିଲ୍ଲାପାଳଙ୍କ ନିକଟକୁ ଦାବି ଜଣାଇବାକୁ ଆସିଥିବା ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ମଧ୍ୟ ମଦ ବାରକୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରସ୍ତାବିତ ବାର୍ ସ୍ଥାନାନ୍ତର ନେଇ ଦାବିପତ୍ର ଦେଇଛନ୍ତି। ଯଦି ଆଗାମୀ ଦିନରେ ଏହାକୁ ସମାଧାନ କରାନଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବାକୁ ମହିଳା ମଞ୍ଚର ଟୁନିଲତା ଜେନା, ଶ୍ରୀମତୀ ବେହେରା, ସୁଶ୍ରୀ ଜେନା, ପ୍ରଭାତୀ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୬ନମ୍ବର ୱାର୍ଡ ଅଞ୍ଚଳରେ ଏବେ ୨ଟି ବାର୍ ଓ ୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ରହିଥିବା ବେଳେ ପୁଣି ଏହି ୱାର୍ଡରେ ଠାକୁରାଣୀଙ୍କ ନାମରେ ଆଉ ଏକ ବାର୍ ଖୋଲିବା ନିଷ୍ପତ୍ତିକୁ ବୁଦ୍ଧିଜୀବୀ ମହଲ ବି ନିନ୍ଦା କରାଯାଇଛି।

## ଭ୍ରାତୃ ପୂଜନ ଓ ପ୍ରତିଭା ସମ୍ମାନ



ବନ୍ତ/ଆଗରପଡ଼ା,୨୮।୨(ସମିସ): ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତ କୌଶଲ୍ୟା ସରକାରୀ ଉପ୍ରା ବିଦ୍ୟାଳୟରେ ଭ୍ରାତୃ ପୂଜନ ଓ ଧୀରେନ୍ଦ୍ର ମହାନ୍ତି ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିଶ୍ୱନାଥ ଦୀକ୍ଷିତ, ମୁଖ୍ୟ ବକ୍ତା ପ୍ରାକ୍ତନ ଅତିରିକ୍ତ ଶିକ୍ଷାଅଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ ସୋମନାଥ ସୂତାର, ପ୍ରଧାନଶିକ୍ଷକ ଶରତ ନାୟକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ମଲ୍ଲିକ, ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁଧୀର ରାଉତ, ବାଲୁକେଶ୍ୱର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ସମିତିସଭ୍ୟ କୁନି ମୁଣ୍ଡା, ପରିଚାଳନା କମିଟି ସଭାପତି ବିଜେନ୍ଦ୍ର ବେହୁରିଆ ଯୋଗଦେଇ ବିଦ୍ୟାଳୟରେ ଏହି ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶିକ୍ଷକ ନରେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କଳା ଶିକ୍ଷକ ଅଶୋକ ପହି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରେ ଛାତ୍ରୀ ଅଭିଲିପ୍ସା ପଣ୍ଡାଙ୍କ ଦ୍ୱାରା ଭଜନ ଗାନପରେ ଭ୍ରାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଉତ୍ତରାଧିକାରୀ ଦେବଦାସ ମହାନ୍ତିଙ୍କ ପିତା ସ୍ୱଗତ ଧୀରେନ୍ଦ୍ର ମହାନ୍ତିଙ୍କ ସ୍ମୃତି ସଂସଦ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଜାତୀୟ ବିଜ୍ଞାନ ଦିବସ



ଅସୁରାଳି,୨୮ ।୨(ସମିସ): ଧାମନଗର ବ୍ଲକ୍ ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରଞ୍ଜନ ଭୂୟାଁଙ୍କ ଏଥିରେ ଅଧ୍ୟକ୍ଷତାରେ କରିଥିବାବେଳେ ମୁଖ୍ୟଅତିଥି ରୂପେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମୁଖ୍ୟବକ୍ତା ରୂପେ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ ଓ ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଗୁରୁମା ରଶ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ପାଇଥିବା ସୌମ୍ୟାଶ୍ରୀ ନାୟକ, ସୌମ୍ୟଜିତ୍ ନାୟକ, ପୁନମ୍ ପ୍ରିୟଦର୍ଶିନୀ ପତିଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମ୍ୟାଶ୍ରୀ ନାୟକ, ପୁନମ୍ ପ୍ରିୟଦର୍ଶିନୀ ପତି ଓ ରୋହିତ୍ ରଞ୍ଜନ ପଣ୍ଡା ବିଜ୍ଞାନ ପ୍ରଶ୍ନ ମଞ୍ଚରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଜ୍ଞାନ ପ୍ରକଳ୍ପରେ ତିନିଷା କେଶ୍ ପ୍ରଥମ ସ୍ଥାନ, ପ୍ରୀତି ମିଶ୍ର ଦ୍ୱିତୀୟ ସ୍ଥାନ ଓ ସ୍ୱପ୍ନାଶ୍ରୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ବିଜ୍ଞାନଭିତ୍ତିକ ନାଟକ ପରିବେଷଣ କରାଯାଇଥିଲା।


## ଝୁଂଟଣା ସ୍କୁଲରେ ଆମ ସଂସ୍କୃତି ଆମ ଖେଳନା କର୍ମଶାଳା



ଭଣ୍ଡାରିପୋଖରୀ,୨୮।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଝୁଂଟଣା ଉପ୍ରା ବିଦ୍ୟାଳୟରେ ସାଧନ କେନ୍ଦ୍ରସ୍ତରୀୟ 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ବିପିନ ବିହାରୀ ଜେନା ସଂଯୋଜନା କରିଥିଲେ। କର୍ମଶାଳାରେ କୁଲଣା ଓ ସାତଶୋଳା କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ଉଦୟନାଥ ରାଉତ, ପାଣ୍ଡବ ଚରଣ ମହାଲିକ, କୁସୁମଲତା ମହାପାତ୍ର ଓ ଦୁର୍ଗାପ୍ରସାଦ ମାର୍ଥା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଲବଙ୍ଗଲତା ମଲ୍ଲିକଙ୍କ ସୃଜନାତ୍ମକ କଳା ନିପୁଣତା ଓ ଛବିରାଣୀ ମାଝୀଙ୍କ ହସ୍ତପ୍ରସ୍ତୁତ ଖେଳନାକୁ ପୁରସ୍କୃତ କରାଯାଇଥିଲା।

## ସରମରା-ଅଘିରାଗଡ଼ିଆ କେନାଲ ରାସ୍ତା ମରାମତି ଦାବି

ବନ୍ତ/ଆଗରପଡ଼ା,୨୮ ।୨(ସମିସ): ବନ୍ତ ବ୍ଲକ ସରମରା-ଅଘିରାଗଡ଼ିଆ ମାଇନର କେନାଲ ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ହୋଇପଡ଼ିଛି। କେନାଲଟି ସୋସୋ ମାଇନର କେନାଲ ଜଗନ୍ନାଥପୁର ଗ୍ରାମ ନିକଟରୁ ବାହାରି ଅଘିରାଗଡ଼ିଆ, ବାଙ୍କତୀରା, ଭଗାରାମ, ଆପତୀରା, ତୁମ୍ବାପଦୀ ଦେଇ ସରମରା ନିକଟରେ ସରୁସାଗର ନଦୀ ସହ ସଂଯୋଗ ହୋଇଛି। ଉକ୍ତ କେନାଲ ବନ୍ଧକୁ ସ୍ଥାନୀୟ ଲୋକମାନେ ରାସ୍ତା ଭାବେ ବ୍ୟବହାର କରିଥାନ୍ତି। ଉପରୋକ୍ତ ଗ୍ରାମଗୁଡ଼ିକ ସହ



ଗୋହିରା, ତୋଟାସାହି, ଦେବତାଗଡ଼ିଆ, ଟିଲୋ, ଏରଝାଟିଆ, ପାରାବନ୍ଧ ଆଦି ଗ୍ରାମର ଲୋକମାନେ ଆଗରପଡ଼ାକୁ ଯାଇଥାନ୍ତି। ଉକ୍ତ ରାସ୍ତାକୁ ମୋରମ୍ କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖରାଦିନରେ ଉକ୍ତ ରାସ୍ତା ଦେଇ ଆଗରପଡ଼ା ଓ ବନ୍ତ ବ୍ଲକ ସଦରମହକୁମାକୁ ଯାଇଥାନ୍ତି। ମାତ୍ର ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯିବା କଷ୍ଟକର। ବର୍ଷା ଦିନରେ କୌଣସି ଗୁରୁତର ରୋଗୀ ମେଡିକାଲ ଯିବାକୁ ହେଲେ ବିଭିନ୍ନ ଗାଁ ଦେଇ ଯାତାୟତ କରିଥାନ୍ତି। ରାସ୍ତା ସମସ୍ୟା ନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଇବା ଫଳରେ ୨ବର୍ଷ ତଳେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ ପରେ କେବଳ ମାଟିକାମ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ କେନାଲବନ୍ଧର ଉନ୍ନତିକରଣ କାର୍ଯ୍ୟ କରାଯାଇନାହିଁ। ଉକ୍ତ ରାସ୍ତା ଏବେ ଯାତାୟତ ଅନୁପଯୋଗୀ ହୋଇଛି।

## ଟିବି ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ




ଧାମନଗର,୨୮ ।୨(ସମିସ): ଧାମନଗର ଏନ୍ଏସି ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦୋବଲ ଷ୍ଟେଟବ୍ୟାଙ୍କ ତରଫରୁ ପକ୍ଷରୁ ଟିବି ମୁକ୍ତ ଭାରତ ଅଭିଯାନ ଅବସରରେ ଟିବି ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଅବସରରେ ଦୋବଲ ଷ୍ଟେଟବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ନିଗମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଟିବି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଶିବାନନ୍ଦ ମହାନ୍ତି, ସ୍ୱାସ୍ଥ୍ୟ ଯାଞ୍ଚ କରି ଦେବାଶିଷ ପଣ୍ଡା, ଟିଭି ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଟିବି ଚାମ୍ପିଅନ ଅନିଶା ଖାତୁନ, ନିର୍ମଳ ସୁପରଭାଇଜର ଆକାଶ ରଞ୍ଜନ ସାମଲ, ଏସ୍‌ବିଆଇର କର୍ମଚାରୀ ଚିନ୍ମୟ ଦାସ ମହାପାତ୍ର, ବ୍ରଜକିଶୋର ବାରିକ, ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟ କର୍ମଚାରୀ ଧାମନଗର ବ୍ଲକର ୭୩ ଜଣଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହ ସଚେତନତା ମଧ୍ୟ କରାଯାଇଥିଲା।

## ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକ

ଭଦ୍ରକ,୨୮।୨(ସମିସ): ଓଡ଼ିଆ ସିନେଷ୍ଟାର ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶ୍ୱଶୁର ଘର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଭଦ୍ରକ ସହର ପୁରୁଣାବଜାର ଅଞ୍ଚଳର ମୀର୍ଜାପୁରରେ ଉତ୍ତମଙ୍କ ଶ୍ୱଶୁର ଘର। ପୁରୁଣାବଜାର ଅଞ୍ଚଳରେ ଉତ୍ତମ ମହାନ୍ତି, ଟିକି ଅପା (ଅଭିନେତ୍ରୀ ଅପରାଜିତା)ଙ୍କ ସ୍ୱାମୀ ଭାବେ ବେଶ୍ ପରିଚିତ। ସ୍ୱର୍ଗତ ଅବଦୁଲ ଅଜିଜ ଖାନ୍‌ଙ୍କ ଜ୍ୱାଇଁ ହେଉଛନ୍ତି ଉତ୍ତମ। ଅନେକ ଥର ସେ ଭଦ୍ରକ ଆସିଛନ୍ତି। ଶ୍ୱଶୁର ଘର ଲୋକଙ୍କ ସହ ମଧ୍ୟ ବେଶ୍ ଭଲ ସମ୍ପର୍କ ରଖିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଶ୍ୱଶୁର ଘର ଲୋକେ ଆଜି ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ତାଙ୍କ ବିୟୋଗରେ ତାଙ୍କ ସମ୍ପର୍କୀୟ ଶାଳକ ୟାସିନ୍ ଖା ଶୋକ ପ୍ରକାଶ କରିଛନ୍ତି।



## ଦକ୍ଷିଣବାଡ଼ ମହେନ୍ଦ୍ର ନୋଡାଲ୍ ସ୍କୁଲର ବାର୍ଷିକୋତ୍ସବ

ଧାମନଗର,୨୮।୨(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ଦକ୍ଷିଣବାଡ଼ ମହେନ୍ଦ୍ର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା କାମିନୀ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ, କାଉନସିଲର ସୁବାସିନୀ କର, ଏବିଓ ସତ୍ୟ ସୁନ୍ଦର ପରିଡ଼ା, ସମାଜସେବୀ ସୁଶାନ୍ତ ରାଉତ, ଶିକ୍ଷାବିତ ମହେଶ୍ୱର ସ୍ୱାଇଁ, ମାନସ ମହାପାତ୍ର, ଏସ୍ଏମ୍ସି ସଭାପତି ଭାସ୍କର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନ ସଫଳ କରାଏ ବୋଲି ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଦିଲ୍ଲୀପ ସୋରେନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଆନନ୍ଦ ନାଏକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁମତି ନାୟକ, ଶୈଳଜା ଶିଅଳ, ଶିକ୍ଷକ ତଥା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ମନ୍ମଥ କୁମାର ରାଉତ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଦେଷ୍ଣା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଅବରୋଧ ବିବାଦରେ ପୂର୍ଣ୍ଣଚ୍ଛେଦ ପଡୁନି

# ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଅଭିଯୋଗ

ବନ୍ତ/ଆଗରପଡ଼ା,୨୮।୨(ସମିସ): ଜନୈକ ବ୍ୟକ୍ତିଙ୍କ ବାସଗୃହ ବାହାରକୁ ବାହାରିବା ରାସ୍ତାକୁ ଅବରୋଧ କରୁଥିବା ବ୍ୟକ୍ତିଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯିବା ପରେ ମଧ୍ୟ ଉକ୍ତ ବ୍ୟକ୍ତି ପୁନର୍ବାର ସମ୍ପୃକ୍ତ ରାସ୍ତାକୁ ଅବରୋଧ କରୁଥିବା ନେଇ ଭଦ୍ରକ ଜିଲ୍ଲା ବନ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ବନ୍ତ ବ୍ଲକ୍ ଅଣିଜୋ ପଞ୍ଚାୟତ ଅନ୍ତର୍ଗତ ରାଜନଗର ମଙ୍ଗଳପୁର ଗ୍ରାମର ଘନଶ୍ୟାମ ଜେନାଙ୍କ ଅଭିଯୋଗ ଅନୁଯାୟୀ ଅଣିଜୋ ଆରଆଇ ସର୍କଲ ମଙ୍ଗଳପୁର ମୌ÷ଜାସ୍ଥିତ ଖାତା ନଂ ୫୩୪, ପ୍ଲଟ୍ ନଂ.୬୨୦ର ଏ.୦.୦୫ଡି.ରୁ ଘନଶ୍ୟାମଙ୍କ ପରିବାର ତାଙ୍କ ଅଂଶ ଏ.୦.୦୩ଡି. ଉପରେ ଘର କରି ସପରିବାର ବସବାସ କରୁଛନ୍ତି। ଉକ୍ତ ଗୃହର ସମ୍ମୁଖକୁ ସରକାରୀ ଗୋଚର କିସମ ଜମି ଖାତା ନଂ୫୫୫, ପ୍ଲଟ ନଂ୬୬୨ର କିଛି ଅଂଶ ଶ୍ରୀ ଜେନାଙ୍କ ଜମିକୁ ସଂଲଗ୍ନ କରିଛି। ଯାହା ଉପରେ ତାଙ୍କ ପରିବାର ଘରୁ ବାହାରିବା ସହ ଯାତାୟତ କରୁଛନ୍ତି। ମାତ୍ର ଯାତାୟତ ରାସ୍ତାକୁ ଜନୈକ ବ୍ୟକ୍ତି ଅବରୋଧ କରିବା ସହ ଶ୍ରୀ ଜେନାଙ୍କ ପରିବାରବର୍ଗଙ୍କ ଯାତାୟତରେ ଉଦ୍ଦେଶ୍ୟମୂଳକ ଭାବେ ବାଧା ସୃଷ୍ଟି କରିବା କାରଣରୁ ଶ୍ରୀ ଜେନା ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଅଭିଯୋଗ କରିଛନ୍ତି। ତେବେ ପ୍ରାୟ ଏକ ବର୍ଷ ପରେ ବନ୍ତ ତହସିଲ ଓ ଆଗରପଡ଼ା ଥାନାର ମିଳିତ ସହଯୋଗରେ ଗତ ଡିସେମ୍ବର ମାସରେ ଅବରୋଧକାରୀଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ଜାଗାରେ ସମ୍ପୃକ୍ତ ବ୍ୟକ୍ତି ରଖିଥିବା ବାଉଁଶ, କୁଟା ଓ ମାଟିକୁ ୮ଦିନ ଭିତରେ ସଫା କରି ଉଠାଇବାକୁ ତହସିଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅଭିଯୁକ୍ତ ଜଣଙ୍କ ଶ୍ରୀ ଜେନାଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିବା ସହ ଧମକଚମକ ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଅବରୋଧ ଜାଗାକୁ ଉଚ୍ଛେଦ କରିବାକୁ ତହସିଲଦାରଙ୍କ ଠାରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଲିଖିତ ଅଭିଯୋଗ କରିବା ଓ ତହସିଲଦାରଙ୍କ ସହାନୁଭୂତି ପାଉଥିଲେ ସୁଦ୍ଧା ଶ୍ରୀ ଜେନା ବିଭାଗୀୟ ଅଧିକାରୀଙ୍କ ଅଣଦେଖାରୁ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହେବା ସହ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାକୁ ନେଇ ମାନସିକ ଭାରସାମ୍ୟ ହରାଇବା ସହ ଚିନ୍ତାରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି।

ଏ ନେଇ ଅଣିଜୋ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ସ୍ଥାନରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିବାକୁ ତହସିଲଦାରଙ୍କ ଅଫିସ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ତ୍ରୁଟିପୂର୍ଣ୍ଣ ଫଳକ, ଦ୍ୱନ୍ଦ୍ୱରେ ପଥଚାରୀ



ବାରିକପୁର,୨୮ ।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ପୋଖରୀ ଆଡି ମହାବୀର ବଜାର ଠାରୁ ଧାମନଗର ବ୍ଲକ ଦୋବଲ ବଜାରକୁ ଗମନାଗମନ ଉପଯୋଗୀ ୮କିମି ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ରାସ୍ତା ରହିଛି। ରାଢୋ ଠାରୁ ନାଉରି ଗଡିଆ ଯାଏଁ ରହିଥିବା ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଥିବା ବେଳେ ଏଠାରୁ ଦୋବଲ ଯାଏ ଗେଙ୍ଗୁଟି ନଦୀ ବନ୍ଧର ବାମପାର୍ଶ୍ୱ ରାସ୍ତାଟି ଜଳସମ୍ପଦ ବିଭାଗ ହାତରେ ରହିଛି। ଆଶ୍ଚର୍ଯ୍ୟର ବିଷୟ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ଥିବା ୫କିମି ରାସ୍ତାରେ ତ୍ରୁଟିପୂର୍ଣ୍ଣ ନାମଫଳକ ଲାଗିଥିବାରୁ ଏହା ଅଜଣା ପଥଚାରୀଙ୍କୁ ଘୋର ଅସୁବିଧାରେ ପକାଉଛି। ପ୍ରକୃତ ପକ୍ଷେ ରାଢୋ ଠାରୁ ଦୋବଲ ବସଷ୍ଟାଣ୍ଡ ଯାଏଁ ଆଠ କିମି ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲାଗିଥିବା ନାମ ଫଳକରେ ନାଉରି ଗଡିଆ ଠାରେ ଦୋବଲ ଶେଷ ହୋଇଥିବା ଦର୍ଶାଯାଇଛି। ଦେଖିବାକୁ ଗଲେ ଦୋବଲ ନାଉରି ଗଡିଆଠାରୁ ଆହୁରି ତିନି କିମି ଦୂରରେ ରହିଛି। ତେଣୁ ଦୈନନ୍ଦିନ ଯାତାୟାତ କରୁଥିବା ଜନସାଧାରଣ ତଥା ସ୍ଥାନୀୟ ବାସିନ୍ଦାଙ୍କୁ ଛାଡି ଦେଲେ ଦୂରଦୂରାନ୍ତରୁ ବାଇକ୍ ଓ ଅନ୍ୟାନ୍ୟ ଯାନବାହାନ ଯୋଗେ ଏହି ପଥଦେଇ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଲୋକେ ଦ୍ୱନ୍ଦ୍ୱରେ ପଡି ଯାଉଛନ୍ତି। ପ୍ରକୃତରେ ଦୋବଲ କେଉଁଠି ସେମାନେ ଜାଣି ପାରୁନାହାନ୍ତି। ଶେଷରେ ବାଧହୋଇ ପଥଚାରୀ ମାନେ ସ୍ଥାନୀୟ ଲୋକଙ୍କ ଠାରୁ ବୁଝି ଦୋବଲ ଅଞ୍ଚଳକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ବେଳେ ଠିକା ସଂସ୍ଥା ଏଭଳି ତ୍ରୁଟିଯୁକ୍ତ ଫଳକ ଲଗାଇ ଦେଇଥିବା ବେଳେ ତାହା ଏଯାଏଁ ପରିବର୍ତ୍ତନ ହୋଇନାହିଁ। ତେଣୁ ବିଭାଗ ଏହା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଭଦ୍ରକ ଖାଉଟି ଅଦାଲତରେ ୟୁନାଇଟେଡ ବ୍ୟାଙ୍କ କର୍ତ୍ତୃପକ୍ଷ ଦଣ୍ଡିତ

ଭଦ୍ରକ,୨୮ ।୨(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପରମାନନ୍ଦପୁର ଗାଁର ଶ୍ରୀକାନ୍ତ ଦାସ ଗତ ୨୪ ଏପ୍ରିଲ ୨୦୨୦ରେ ଏକ ଖାଉଟୀ ଅଭିଯୋଗ ନଂ.-୩୩/୨୦୨୦ ୟୁନାଇଟେଡ୍ ବ୍ୟାଙ୍କର ଶାଖା ପରିଚାଳକ, ବ୍ୟାଙ୍କର ଚେୟାରମ୍ୟାନ ଓ ନାବାର୍ଡଙ୍କୁ ପକ୍ଷଭୁକ୍ତ କରି ମାମଲା କରିଥିଲେ। ଶ୍ରୀକାନ୍ତ ନାବାର୍ଡରୁ ତାଲିମ ନେଇ ଯୋଗ୍ୟ ବିବେଚିତ ହୋଇ ଡ଼ାଇରୀ ଫାର୍ମ କରିବାକୁ ଏକ ପ୍ରୋଜେକ୍ଟ ପାଇଁ ଋଣ ପାଇବାକୁ ବ୍ୟାଙ୍କରେ ଆବେଦନ କରିଥିଲେ। ବ୍ୟାଙ୍କ ତାଙ୍କ ପ୍ରୋଜେକ୍ଟ ପାଇଁ ୧ଲକ୍ଷ ୮ ହଜାର ଟଙ୍କା ଋଣ ମଞ୍ଜୁର କରିଥିଲା। ମାତ୍ର ତାଙ୍କୁ ସେଥିରୁ ୨୮।୧୨।୨୦୧୭ରେ ୩୦ହଜାର ଟଙ୍କା ଏବଂ ୬ମାସ ପରେ ୨୫।୬।୧୮ ତାରିଖରେ ଆଉ ୭୫ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଖାତାକୁ ଆସିଥିଲା। ମାତ୍ର ୨ୟ କିସ୍ତିରେ ଆସିଥିବା ୭୫ହଜାର ଟଙ୍କାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ୮ହଜାର ଟଙ୍କା ନିଜ ଆଡୁ କାଟି ସେହି ଟଙ୍କାକୁ ଋଣ ପରିଶୋଧ ବାବଦ ଖାତାରେ ପକେଇ ଦେଇଥିଲେ। ତେଣୁ ଶ୍ରୀ ଦାସ ପାଇଥିବ ମୋଟ ୯୭ ହଜାର ଟଙ୍କା ତାଙ୍କ ଡ଼ାଇରୀ ଫାର୍ମ ପାଇଁ ନିଅଣ୍ଟିଆ ହେଉଥିବାରୁ ସେ ସମୁଦାୟ ପାଇଥିବା ୯୭ହଜାର ଟଙ୍କାକୁ ବ୍ୟାଙ୍କକୁ ଏକାଥରରେ ଶୁଝି ଦେଇ ନୋ-ଡ୍ୟୁଜ୍ ସାର୍ଟିଫିକେଟ ପାଇବାକୁ ଚାହିଁଥିଲେ। ମାତ୍ର ବ୍ୟାଙ୍କ ସୁଧ ବାବଦକୁ ଆଉ ୫ହଜାର ୮୦ ଟଙ୍କା ଦେଲେ ତାଙ୍କୁ ନୋ ଡ୍ୟୁଜ୍ ସାର୍ଟିଫିକେଟ ଦିଆଯିବ ବୋଲି ବ୍ୟାଙ୍କ କହିଥିଲା। ତେଣୁ ଶ୍ରୀ ଦାସ ବାଧ ହୋଇ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ବ୍ୟାଙ୍କର ଚେୟାରମ୍ୟାନ ଓ ନାବାର୍ଡ କର୍ତ୍ତୃପକ୍ଷ ନୋଟିସ ପାଇ ହାଜର ନ ହେବାରୁ ଏକ୍ସ ପାର୍ଟି ହୋଇ ଯାଇଥିଲେ ହେଁ ମୋଟୋ ଶାଖା ୟୁନାଇଟେଡ୍ ବ୍ୟାଙ୍କ ପରିଚାଳକ ହାଜର ହୋଇ ନିଜର ଉତ୍ତର ରଖିଥିଲେ କି ଯେ ବ୍ୟାଙ୍କ ମଞ୍ଜୁର ହୋଇଥିବା ୧,୦୮,୦୦୦ଟଙ୍କା ମଧ୍ୟରୁ ୩୦୦୦ଟଙ୍କା ଇନ୍ସୁରାନ୍ସ ବାବଦକୁ କାଟି ରଖି ବାକି ୧,୦୫,୦୦୦ଟଙ୍କା ଦୁଇଟି କିସ୍ତି ରେ କମ୍ପ୍ଲେନାଣ୍ଟଙ୍କୁ ପ୍ରଦାନ କରିଛନ୍ତି। ଏବଂ କମ୍ପ୍ଲେନାଣ୍ଟଙ୍କର ସୁଧ ବାବଦକୁ ୫ହଜାର ୮୦ଟଙ୍କା ବାକି ରହୁଥିବାରୁ ସେମାନେ ନୋଡ୍ୟୁଜ୍ ସାର୍ଟିଫିକେଟ ଦେଇ ପାରୁନାହାନ୍ତି ତଥା ସେମାନେ ସେବା ପ୍ରଦାନରେ କୌଣସି ତ୍ରୁଟି କରିନଥିବା କହିଥିଲେ।

ଉକ୍ତ ମାମଲାରେ ନଥିପତ୍ର ତଥା ଉଭୟ ପକ୍ଷଙ୍କର ଯୁକ୍ତି ଶୁଣାଣି ପରେ ଖାଉଟି କମିଶନ ତାଙ୍କ ରାୟ ଶୁଣାଇଛନ୍ତି କି, ବ୍ୟାଙ୍କ ମଞ୍ଜୁର ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବ କରିବା, ମଞ୍ଜୁର ଟଙ୍କାରୁ ମଜମୁଖୀ ଭାବେ ୮ହଜାର ଟଙ୍କା କାଟି ରଖିବା ଦ୍ୱାରା କମ୍ପ୍ଲେନାଣ୍ଟ ତାଙ୍କ ପ୍ରସ୍ତାବିତ ପ୍ରୋଜେକ୍ଟରେ ଅସଫଳ ହୋଇ ବିରକ୍ତ ହୋଇ ସମସ୍ତ ଟଙ୍କା ଏକକାଳୀନ ବ୍ୟାଙ୍କକୁ ଫେରସ୍ତ ଦେଇଥିଲେ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ସେବା ପ୍ରଦାନ କରିବାରେ ତ୍ରୁଟି କରିଥିବାରୁ ତାହା କମ୍ପ୍ଲେନାଣ୍ଟଙ୍କୁ କ୍ଷତି ପହଞ୍ଚାଇଛି ଏବଂ ଏଥିପାଇଁ ବ୍ୟାଙ୍କ ଦାୟୀ। ଅଭିଯୋଗକାରୀ ବ୍ୟାଙ୍କ ତ୍ରୁଟି ପାଇଁ ତାଙ୍କ ପ୍ରୋଜେକ୍ଟ ଅସଫଳ ହୋଇ ଟଙ୍କା ଫେରସ୍ତ ଦେଇଥିବା ବେଳେ, ଉକ୍ତ ଟଙ୍କା ଉପରେ ସୁଧ ଦାବି କରିବା ବ୍ୟାଙ୍କ ପକ୍ଷରେ ଅସମିଚୀନ ଅଟେ। ଏଣୁ ଉକ୍ତ ଲୋନ୍ ଉପରେ ବ୍ୟାଙ୍କ କୌଣସି ସୁଧ ଦାବି ନ କରି ଆଦେଶ ପ୍ରକାଶର ୩୦ ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ନୋ ଡ୍ୟୁଜ୍ ସାର୍ଟିଫିକେଟ ଏବଂ ମାନସିକ ଯାତନା ବାବଦକୁ ୧୦ହଜାର ଟଙ୍କା ଏବଂ ମାମଲା ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ପ୍ରଦାନ କରିବାକୁ ଖାଉଟି କମିଶନର ସଭାପତି ଶିବ ପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ଶୁଣାଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୫୪ • ପାଉଣ୍ଡ ୧୧୦.୬୪
- ୟୁରୋ ୯୦.୧୭ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୦,୨୬୦ (ନୂଆଦିଲ୍ଲୀ)
- ରୁପା : ୧୦,୧୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୧୯୮.୦୦
- ନିଫ୍ଟି ୨୨,୧୨୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ସେୟାର ବଜାରରେ କଳା ଶୁକ୍ରବାର

# ନିଫ୍‌ଟିରେ ବିରାଟ ହ୍ରାସ: ଭାଙ୍ଗିଲା ତିନି ଦଶନ୍ଧିର ରେକର୍ଡ



**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):**

ଥମୁନି ସେୟାର ବଜାରରେ ଝଡ଼। ଧରାଶାୟୀ ହେବାରେ ଲାଗିଛି ଘରୋଇ ପୁଞ୍ଜି ବଜାର। ଇତିମଧ୍ୟରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ହୋଇଛି ଐତିହାସିକ ପତନ। ଭାଙ୍ଗିଛି ତିନି ଦଶନ୍ଧୀ ବା ୩୦ ବର୍ଷର ପୁରୁଣା ରେକର୍ଡ। ୧୯୯୬ ପରେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜରେ ହୋଇଛି ସବୁଠୁ ବଡ଼ ହ୍ରାସ। ୧୯୯୬ ମସିହା ପରେ ପ୍ରଥମ ଥର ପାଇଁ ନିଫ୍‌ଟି ଲଗାତାର ଭାବେ ୫ମାସ ଧରି ହ୍ରାସ ସହ ବନ୍ଦ ହୋଇଛି। ଏହାର ପ୍ରଭାବରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୪୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଥିବାବେଳେ ନିଫ୍‌ଟିରେ ୪୨୦

## ୧୯୯୬ ପରେ ସବୁଠୁ ବଡ଼ ହ୍ରାସ
## ୧୪୦୦ ପଏଣ୍ଟରୁ ଅଧିକ ଖସିଲା ସେନ୍‌ସେକ୍ସ

ପଏଣ୍ଟ ହ୍ରାସ ଘଟିଛି। ଯାହା ଆଶଙ୍କା କରାଯାଉଛି ଏଭଳି ହ୍ରାସ ଧାରା ଜାରି ରହିଲେ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ୨୨,୦୦୦ ପଏଣ୍ଟ ସ୍ତର ତଳକୁ ଖସିଆସିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ବିଶ୍ୱରେ ବାଣିଜ୍ୟ ଯୁଦ୍ଧ ଜୋର ଧରିବା ଆଶଙ୍କା ମଧ୍ୟରେ ଭାରତୀୟ ବଜାର ତଳମୁହାଁ ହେବାରେ ଲାଗିଛି। ଏଥିଯୋଗୁ ଘରୋଇ ପୁଞ୍ଜି ବଜାରରେ ଶୁକ୍ରବାର ଗୋଟିଏ ଦିନରେ ନିବେଶକମାନେ ୮.୮୨ ଲକ୍ଷ କୋଟି କ୍ଷତି ସହିଛନ୍ତି। ନିଫ୍‌ଟିରେ ଲଗାତାର ୫ମାସ ଧରି ହ୍ରାସ ଯୋଗୁ ନିବେଶକଙ୍କର ୯୦.୧୩ ଲକ୍ଷ କୋଟି ଟଙ୍କା ଡୁବିଯାଇଛି।

ଶୁକ୍ରବାର ସପ୍ତାହର ଶେଷ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୪୧୪.୩୩ ପଏଣ୍ଟ ବା (୧.୯୦%) ହ୍ରାସ ଘଟି ୭୩,୧୯୮.୧୦ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ମଧ୍ୟ ୪୨୦.୩୫ ପଏଣ୍ଟ ବା ୧.୮୬%) ହ୍ରାସ ଘଟି ଏହା ୨୨,୧୨୪.୭୦ ପଏଣ୍ଟରେ ବନ୍ଦ ହୋଇଛି। ବଜାର କାରବାରରେ କ୍ରମାଗତ ହ୍ରାସ ଧାରା ଲାଗି ରହିବା ଯୋଗୁ ଧ୍ୱସ୍ତ ବିଧ୍ୱସ୍ତ ହୋଇଛି ଭାରତୀୟ ଷ୍ଟକ୍ ବଜାର। ବିଶ୍ୱ ବାଣିଜ୍ୟ ଯୁଦ୍ଧ ଓ ଦୁର୍ବଳ ବୈଶ୍ୱିକ ସଂକେତରେ ବଜାର କାରବାରରେ ଆଜି ନିବେଶକମାନେ ଜୋରଦାର ପ୍ରଫିଟ୍ ବୁକିଂ କରିବା ଯୋଗୁ ଉଭୟ ସେନ୍‌ସେକ୍ସ ଏବଂ ନିଫ୍‌ଟି ପ୍ରଚୁର ଚାପରେ ରହି ତଳମୁହାଁ ହୋଇଥିଲା। ଆଜି ବିଏସଇ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ବି ୨ ପ୍ରତିଶତରୁ ଅଧିକ ହ୍ରାସ ସହ ବନ୍ଦ ହୋଇଛି। ଏପରିକି ସମସ୍ତ କ୍ଷେତ୍ର ଭିତ୍ତିକ ଇଣ୍ଡେକ୍ସ ବି ଲାଲ୍ ସଂକେତରେ ବନ୍ଦ ହୋଇଛି। ଆଇଟି ଓ ଟେଲିକମ୍ ଇଣ୍ଡେକ୍ସ ୪ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି। ଏନ୍‌ଭିଡିଆର ଅନୁମାନଠାରୁ ଖରାପ ଆର୍ଥିକ ଫଳାଫଳ ଓ ଆମେରିକା ଅର୍ଥନୀତିରେ ମାନ୍ଦାବସ୍ଥା ଆଶଙ୍କ ଯୋଗୁ ଆଇଟି କ୍ଷେତ୍ରର ଷ୍ଟକ୍‌ଗୁଡିକରେ ଦିନ ତମାମ୍ ଚାପରେ ରହିଥିଲା। ଦୋହଲାଇ ଦେଇଛି। ଶୁକ୍ରବାରର ବୃହତ୍ ହ୍ରାସ ପରେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ହ୍ରାସ ପାଇ ୩୮୪.୨୮ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି, ଯାହା ପୂର୍ବ କାରବାର ଦିବସରେ ୩୯୩.୧୦ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୮.୮୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ଆଜି ପ୍ରାୟ ୮.୮୨ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ସେୟାର ବଜାରରେ ଆଜିର କାବରାର ଏଭଳି ଥିଲା ଯେ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୨୯ଟି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି।

## ବିପୁଳ କ୍ଷତିରେ ଜୀବନ ହାରିଲେ ବ୍ୟାଙ୍କ କର୍ମଚାରୀ

**ମୁମ୍ବଇ,୨୮।୨(ଏଜେନ୍ସି):** ଷ୍ଟକ୍ ବଜାର ବର୍ତ୍ତମାନ ଏକ ବଡ଼ ହ୍ରାସ ଦେଇ ଗତି କରୁଛି। ବଜାରରେ ହ୍ରାସ ଯୋଗୁଁ ଅନେକ ନିବେଶକ କ୍ଷତି ସହୁଛନ୍ତି। ଖବର ଅନୁଯାୟୀ, ମହାରାଷ୍ଟ୍ରର ଜଣେ ଯୁବକ ସେୟାର ବଜାରରେ କ୍ଷତି ଯୋଗୁଁ ଆତ୍ମହତ୍ୟା କରିଛନ୍ତି। ନାସିକ ଜିଲ୍ଲାରେ ଜଣେ ୨୮ ବର୍ଷୀୟ ବ୍ୟାଙ୍କ କର୍ମଚାରୀ ସେୟାର ବାଣିଜ୍ୟରେ ୧୬ ଲକ୍ଷ ଟଙ୍କାର କ୍ଷତି ସହିବା ପରେ ଆତ୍ମହତ୍ୟା କରିଛନ୍ତି। ପୁଲିସ କହିବାନୁଯାୟୀ, , ଚାନ୍ଦୱାଡ ତାଲୁକାର ଭିଟାଇ ବାସିନ୍ଦା ରାଜେନ୍ଦ୍ର କୋଲହେ ବୁଧବାର ସନ୍ଧ୍ୟାରେ ମହାଶିବରାତ୍ରି ଅବସରରେ ତ୍ରୟମ୍ବକେଶ୍ୱର ମନ୍ଦିର ଦର୍ଶନ କରିବା ପରେ ପିମ୍ପଲଗାଓଁ ବହୁଲାରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ସେହି ରାତିଦିନରେ ଜିଲ୍ଲା ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ପୂର୍ବରୁ ଏକ ଘରୋଇ ନିବେଶ ସଂସ୍ଥାରେ କାମ କରୁଥିବା କୋଲହେ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ସେୟାରରେ ପ୍ରଚୁର ପରିମାଣରେ ନିବେଶ କରିଥିଲେ ବୋଲି ରିପୋର୍ଟରୁ ଜଣାପଡିଛି। ବିପୁଳ କ୍ଷତି ସହିବା ପରେ, ସେ ନିବେଶ କ୍ଷେତ୍ର ଛାଡି ନାସିକର ଏକ ଘରୋଇ ବ୍ୟାଙ୍କରେ ଚାକିରି କଲେ। ତାଙ୍କ ବନ୍ଧୁମାନେ ତାଙ୍କର ଟ୍ରେଡିଂରେ କ୍ଷତି ପାଇଁ କ୍ଷତିପୂରଣ ଦେବା ସତ୍ତ୍ୱେ, କୋଲ୍ହେ ତାଙ୍କ ଆର୍ଥିକ ପରିସ୍ଥିତି ବିଷୟରେ ଚିନ୍ତିତ ଥିଲେ ଏବଂ ଅନୁଭବ କରିଥିଲେ ଯେ ସେ ତାଙ୍କ ପିତାମାତାଙ୍କୁ ନିରାଶ କରିଛନ୍ତି।

## ଭାରତୀୟ ବଜାର ପାଇଁ ଡ୍ରାଗନ୍ କାଳ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ସୁଧୁରିବାରେ ଲାଗିଛି ଚୀନ୍ ସେୟାର ବଜାର ସ୍ଥିତି। କୋଭିଡ-୧୯ ମହାମାରୀ ସମୟରେ ଚୀନ୍‌ଠାରୁ ମୁହଁ ମୋଡିଥିବା ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ମାନେ ଏବେ ଚୀନ୍ ବଜାରକୁ ଫେରି ଯାଉଛନ୍ତି। ଗତ ୫ ମାସ ହେବ ଏଫ୍‌ପିଆଇ ଭାରତୀୟ ବଜାରରେ ବମ୍ପର ସେୟାର ବିକ୍ରି କରି ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। ଏହାଛଡା ଡ୍ରାଗନ୍ ଘୋଷଣା କରିଥିବା ପ୍ରୋତ୍ସାହନ ପ୍ୟାକେଜ୍ ବିଦେଶୀ ନିବେଶକଙ୍କୁ ଚୀନ୍ ବଜାରକୁ ଆକର୍ଷିତ କରୁଛି। ଫଳରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାର କରିନେଉଛନ୍ତି। ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଉପରେ ପଡିଛି। ଯାହାଫଳରେ ଡ୍ରାଗନ୍ ଏବେ ଭାରତୀୟ ସେୟାର ବଜାର ପାଇଁ କାଳ ସାଜିଛି। ବିଶ୍ୱ ଷ୍ଟକ୍ ବଜାରରେ ଚୀନ୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ଯେଉଁ ପାଣ୍ଠି ପ୍ରତ୍ୟାହାର କରୁଛନ୍ତି, ତାହାର ଅଧିକାଂଶ ଚୀନ୍ ବଜାରକୁ ଯାଉଛି। ସେହି ସମୟରେ, ୟୁରୋପର ଅନେକ ଦେଶ ମଧ୍ୟ ଏଫ୍‌ପିଆଇକୁ ଆକର୍ଷିତ କରୁଛନ୍ତି। କୋଭିଡ୍ ପରେ, ସାରା ବିଶ୍ୱରେ ଚୀନ୍ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି ହୋଇଥିଲା। ଭାରତ ଏହାର ଲାଭ ପାଇଲା। ସେହି ସମୟରେ, ଭାରତୀୟ ଅର୍ଥନୀତି ଏବଂ ସେୟାର ବଜାରରେ ଅଭିବୃଦ୍ଧିର ଭାବନା ଥିଲା, ଯାହା ଯୋଗୁଁ ଏଫ୍‌ପିଆଇମାନେ ବହୁ ପରିମାଣରେ ନିବେଶ କରୁଥିଲେ। ତଥାପି, ଗତ ୫ ମାସରେ ଏଫ୍‌ପିଆଇ ବଜାରରେ ନିବେଶ ଅପେକ୍ଷା ଅଧିକ ବିକ୍ରି କରିଛନ୍ତି। ଏହା ମଧ୍ୟ ଘରୋଇ ପୁଞ୍ଜି ବଜାର କ୍ରରେ ହ୍ରାସର ଏକ ବଡ଼ କାରଣ। ଏହି ସମୟ ମଧ୍ୟରେ ଭାରତୀୟ ଅର୍ଥନୀତିର ଗତି ମଧ୍ୟ ମନ୍ଥର ହୋଇଯାଇଛି। ୨୦୨୪ ଅକ୍ଟୋବରରୁ ଚଳିତବର୍ଷ ଫେବୃଆରୀ ମଧ୍ୟରେ ଏଫ୍‌ପିଆଇମାନେ ବଜାରରୁ ମୋଟ ୩.୧୧ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର



### ବିଦେଶୀ ନିବେଶକଙ୍କୁ ଚୀନ୍‌ର ପ୍ରୋତ୍ସାହନ ପ୍ୟାକେଜ୍ ଥୋପ

କରନ୍‌ଇଛେନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ହ୍ରାସ ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ମନ୍ଥର ରହିବାର ପୂର୍ବାନୁମାନ ଏଫ୍‌ପିଆଇଙ୍କୁ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାର କରିବାକୁ ବାଧ କରିଛି। ଯଦିବା ଗତ ଦୁଇଟି ତ୍ରୈମାସିକ (ଜୁଲାଇ-ସେପ୍ଟେମ୍ବର ଏବଂ ଅକ୍ଟୋବର-ଡିସେମ୍ବର) ରେ ଭାରତୀୟ କମ୍ପାନୀଗୁଡ଼ିକ ଲାଭ ଅର୍ଜନ କରିଛନ୍ତି, କିନ୍ତୁ ସେମାନଙ୍କର ଲାଭ ହ୍ରାସ ପାଇଛି। ଏହି କାରଣରୁ ମଧ୍ୟ ଏଫ୍‌ପିଆଇ ବଜାରରୁ ପାଣ୍ଠିପ୍ରତ୍ୟାହାର କରିନେଇଛି। କୋଭିଡ୍ ପରେ ଦେଶର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ, ଚୀନ୍ ରିଅଲ୍ ଇଷ୍ଟେଟ୍ ଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ସବୁକିଛି ପାଇଁ ପ୍ରୋତ୍ସାହନ ପ୍ୟାକେଜ୍ ଦେଇଥିଲା।

## ଡିସେମ୍ବର ତ୍ରୈମାସିକରେ କମିଲା ଅଭିବୃଦ୍ଧି



- ବିନିର୍ମାଣ, ଖଣି କ୍ଷେତ୍ରରେ ଖରାପ ପ୍ରଦର୍ଶନ
- ଅଭିବୃଦ୍ଧି ୬.୨%କୁ ହ୍ରାସ

ନୂଆଦିଲ୍ଲୀ,୨୮।୨(ଏଜେନ୍ସି): ମୁଖ୍ୟତଃ ଭାବେ ବିନିର୍ମାଣ ଏବଂ ଖଣି କ୍ଷେତ୍ରର ଖରାପ ପ୍ରଦର୍ଶନ ଯୋଗୁଁ ୨୦୨୪-୨୫ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୨%କୁ ହ୍ରାସ ପାଇଛି। ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ୨୦୨୪ ତ୍ରୈମାସିକରେ ଭାରତୀୟ ଅର୍ଥନୀତି ୬.୨ ପ୍ରତିଶତ ଅଭିବୃଦ୍ଧି ରହିଛି, ଯାହା ଗତ ବର୍ଷ ସମାନ ଅବଧିରେ ୯.୫ ପ୍ରତିଶତ ଥିଲା। ଚଳିତ ଆର୍ଥିକବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୫.୬ ପ୍ରତିଶତ ଥିଲା। ଏହାସହିତ, ସିଏସଓ ଏହାର ଜାତୀୟ ହିସାବର ଦ୍ୱିତୀୟ ଅଗ୍ରୀମ ଆକଳନରେ କହିଛି ଯେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ। ପୂର୍ବରୁ, ଜାନୁଆରୀ ୨୦୨୫ ରେ ପ୍ରକାଶିତ ଏହାର ପ୍ରଥମ ଆଗୁଆ ଆକଳନରେ, ଏହା ଚଳିତ ଆର୍ଥିକ ବର୍ଷ ପାଇଁ ୬.୪ ପ୍ରତିଶତ ଅଭିବୃଦ୍ଧି ଆକଳନ କରିଥିଲା। ଏନଏସଓ ଗତ ଆର୍ଥିକ ବର୍ଷ (୨୦୨୩-୨୪) ପାଇଁ ଜିଡିପି ଅଭିବୃଦ୍ଧିକୁ ୯.୨ ପ୍ରତିଶତକୁ ସଂଶୋଧନ କରିଛି। ପୂର୍ବରୁ ଏହି ସଂଖ୍ୟା ୮.୨ ପ୍ରତିଶତ ଥିଲା। ଦେଶର ଆଠଟି ପ୍ରମୁଖ କୋର ଶିଳ୍ପର ଅଭିବୃଦ୍ଧି ହାର ଜାନୁଆରୀରେ ୪.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ସମାନ ମାସରେ ୪.୨ ପ୍ରତିଶତ ଥିଲା। ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଡିସେମ୍ବର ୨୦୨୪ ରେ ଆଠଟି ପ୍ରମୁଖ ଶିଳ୍ପର ଅଭିବୃଦ୍ଧି ହାର ୪.୮ ପ୍ରତିଶତ ଥିଲା। ଚଳିତ ବର୍ଷ ଜାନୁଆରୀରେ କୋଇଲା ଉତ୍ପାଦନ ୪.୬ ପ୍ରତିଶତ, ଇସ୍ପାତ ଉତ୍ପାଦନ ୩.୭ ପ୍ରତିଶତ ଏବଂ ବିଦ୍ୟୁତ ଉତ୍ପାଦନ ୧.୩ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ସମାନ ମାସରେ, ଏହି ଶିଳ୍ପଗୁଡ଼ିକ ଯଥାକ୍ରମେ ୧୦.୬ ପ୍ରତିଶତ, ୯.୨ ପ୍ରତିଶତ ଏବଂ ୫.୭ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ କରିଥିଲେ। ତଥାପି, ସମୀକ୍ଷା ମାସରେ ରିଫାଇନାରୀ ଉତ୍ପାଦ, ସାର ଏବଂ ସିମେଣ୍ଟର ଉତ୍ପାଦନ ଯଥାକ୍ରମେ ୮.୩ ପ୍ରତିଶତ, ତିନି ପ୍ରତିଶତ ଏବଂ ୧୪.୫ ପ୍ରତିଶତକୁ ବୃଦ୍ଧି ପାଇଛି।

## ଅନନ୍ତ ଅମ୍ବାନୀଙ୍କ 'ବନ୍‌ତାରା'କୁ ଜାତୀୟ 'ପ୍ରାଣୀ ମିତ୍ର' ପୁରସ୍କାର

**ଜାମନଗର,୨୮।୨(ଏଜେନ୍ସି):** ଅନନ୍ତ ଅମ୍ବାନୀଙ୍କ 'ବନ୍‌ତାରା'କୁ ଭାରତ ସରକାରଙ୍କ ଦ୍ୱାରା 'କର୍ପୋରେଟ୍' ବର୍ଗରେ ପଶୁ କଲ୍ୟାଣ କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ ସମ୍ମାନଜନକ 'ପ୍ରାଣୀ ମିତ୍ର' ଜାତୀୟ ପୁରସ୍କାର



ପ୍ରଦାନ କରାଯାଇଛି। ରାଧା କୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟ (ଆରକେଟିଇଡବ୍ଲୁଟି) ର ଅସାଧାରଣ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏକ ସମାରୋହରେ ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ବିଭାଗର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ 'ବନ୍‌ତାରା' ହେଉଛି ହାତୀମାନଙ୍କର ଉଦ୍ଧାର, ଚିକିତ୍ସା ଏବଂ ଆଜୀବନ ଯତ୍ନ ପାଇଁ ଉତ୍ସର୍ଗୀକୃତ ଏକ ସଂଗଠନ। ୯୯୮ ଏକର ପରିମିତ ଏହି 'ବନ୍‌ତାରା' କେନ୍ଦ୍ରରେ ୨୪୦ ରୁ ଅଧିକ ଉଦ୍ଧାର ହୋଇଥିବା ହାତୀ ରହିଛନ୍ତି। ଏଥିରେ ସର୍କସରୁ ୩୦ ଟି ହାତୀ, କାଠ ଶିଳ୍ପରୁ ୧୦୦ ରୁ ଅଧିକ ହାତୀ ଏବଂ ପରିବହନ ଓ ରାସ୍ତାରେ ଭିକ ମାଗିବା ଭଳି ଅପବ୍ୟବହାରରୁ ଉଦ୍ଧାର ହୋଇଥିବା ଅନ୍ୟ ହାତୀ ଅନ୍ତର୍ଭୁକ୍ତ। ଅବହେଳା ଏବଂ ଅତ୍ୟାଚାରର ଶିକାର ହୋଇଥିବା ଏହି ହାତୀମାନଙ୍କୁ 'ବନ୍‌ତାରା'ରେ ବିଶ୍ୱ ସ୍ତରୀୟ ପ୍ରାଣୀ ଚିକିତ୍ସା ଉପଚାର ଏବଂ ଯତ୍ନ ମିଳୁଛି।

## ବେଦାନ୍ତ ପକ୍ଷରୁ ବେଦାସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୮।୨(ସମିସ):** କର୍ପୋରେଟ୍ ସଷ୍ଟେନେବିଲିଟି (ସ୍ଥାୟିତ୍ୱ) ପ୍ରତି ଦୃଢ଼ ପଦକ୍ଷେପ ସ୍ୱରୂପ ବେଦାନ୍ତ ଗ୍ରୁପ୍ ପକ୍ଷରୁ ଆକ୍ୱା କ୍ଲାଇମେଟ୍ ସହଯୋଗରେ ବେଦାସ (ବେଦାନ୍ତ ଏକାଡେମି ଫର ସଷ୍ଟେନେବିଲିଟି) ର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନରେ ବେଦାନ୍ତର ନେଟ୍-ଜିରୋ ଯାତ୍ରା ଓ ଇଏସ୍‌ଜି ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ଲାଗି ୧,୦୦,୦୦୦ରୁ ଅଧିକ କର୍ମଚାରୀ ଓ ବ୍ୟବସାୟ ସହଯୋଗୀଙ୍କୁ ଜ୍ଞାନ, ଦକ୍ଷତା ଓ ମାନସିକତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବେଦାସ୍ ଜରିଆରେ ବେଦାନ୍ତ ଏହାର ପରିଚାଳନା ଡିଏନ୍‌ଏରେ ସମନ୍ୱିତ କରୁଛି ଯାହା ପ୍ରତିଟି ବ୍ୟବସାୟ ନିଷ୍ପତି ଓ ପଦକ୍ଷେପ ଜଳବାୟୁ ନେତୃତ୍ୱ, ଗୋଷ୍ଠୀ ରୂପାନ୍ତରୀକରଣ ଓ ଦାୟିତ୍ୱବାନ ସମ୍ବଳ ପରିଚାଳନାକୁ ସୁନିଶ୍ଚିତ କରିବ। ଏକ ସଷ୍ଟେନେବିଲିଟି-ପ୍ରଥମ ଶ୍ରମଶକ୍ତି ଗଠନ କରିବାରେ ଏହି କାର୍ଯ୍ୟକ୍ରମ ହେଉଛି ଶିଳ୍ପର ପ୍ରଥମ ପଦକ୍ଷେପ ଯାହା ବେଦାନ୍ତକୁ ଦାୟିତ୍ୱବାନ ଭବିଷ୍ୟତକୁ ଆକାର ପ୍ରଦାନ କରିବାରେ ଅଗ୍ରଣୀ କରିଛି। ହିନ୍ଦୁସ୍ତାନ ଜିଙ୍କର ଅଧ୍ୟକ୍ଷା ତଥା ବେଦାନ୍ତ ଲିମିଟେଡର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବାର କହିଛନ୍ତି ଯେ, ବେଦାସ୍ ମାଧ୍ୟମରେ ଆମେ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଚାରୀ ସୃଷ୍ଟି କରୁଛୁ ଯାହା ପ୍ରକୃତ ପ୍ରଭାବ ପକାଇବ, ସୁନିଶ୍ଚିତ କରିବ ଯେ ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ ନିଷ୍ପତି ଆମକୁ ଆମର ନେଟ୍-ଜିରୋ ଲକ୍ଷ୍ୟର ନିକଟତର କରିବ। ସ୍ଥାୟୀତ୍ୱ କେବଳ ବେଦାନ୍ତ ପାଇଁ ଏକ ଏଜେଣ୍ଡା ନୁହେଁ, ଏହା ଆମର ଆଗକୁ ବଢ଼ିବାର ବାଟ।

## ଟିପିସିଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ ପାଳନ




**ଭୁବନେଶ୍ୱର,୨୮।୨(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଟାଟା ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଜାମସେଦଜୀ ନୁସେରୱାନଜୀ ଟାଟାଙ୍କ ଜୟନ୍ତୀ ଅବସରରେ ଆସନ୍ତା ଫେବୃୟାରୀ ୨୪ ରୁ ନୈତିକତା ସପ୍ତାହ ୨୦୨୫ ପାଳନ ଆରମ୍ଭ ହୋଇଛି। ନୈତିକ ବ୍ୟବସାୟ ଅଭ୍ୟାସ, ସଚ୍ଚୋଟତା ଏବଂ ସ୍ୱଚ୍ଛତା ପ୍ରତି ଟିପିସିଓଡିଏଲର ଅତୁଟ ପ୍ରତିବଦ୍ଧତାକୁ ଏହି ଉତ୍ସବ ଦୋହରାଉଛି। ଏହି କାର୍ଯ୍ୟକ୍ରମକୁ ଟିପିସିଓଡିଏଲ୍‌ର ସିଇଓ ତଥା ପ୍ରମୁଖ ନୈତିକ ଅଧିକାରୀ ଅରଭିନ୍ଦ ସିଂହ ଉଦ୍‌ଘାଟନ କରିଥିବାବେଳେ ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ନୈତିକ ନେତୃତ୍ୱ ଏବଂ ଟାଟା ଗ୍ରୁପର ମୂଳ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉପରେ ଏକ ସପ୍ତାହବ୍ୟାପୀ ଆଲୋଚନା ଆରମ୍ଭ ହୋଇଥିଲା। ସର୍ବୋଚ୍ଚ ସ୍ତରର ଗଭରନାନ୍ସ ଏବଂ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇ ଟିପିସିଓଡିଏଲର ସମସ୍ତ ସର୍କଲ, ଡିଭିଜନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟରେ ନୈତିକତାର ଶପଥ ପାଠ କରାଯାଇଥିଲା।

# ଶକ୍ତିକାନ୍ତଙ୍କ ନିଯୁକ୍ତି ପଛର ରହସ୍ୟ

### ବିତ୍ତୀୟ ସହ ନୀତି ନିର୍ଦ୍ଧାରଣ ବଡ଼ ଆହ୍ୱାନ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଗୁଜୁରାଟ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପିକେ ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁ ସମୟରେ ଦେଶ ଉଭୟ ଘରୋଇ ଓ ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣରୁ ବଡ଼ ଅନିଶ୍ଚିତତାର ସମ୍ମୁଖୀନ ହେଉଛି ଠିକ୍ ସେହି ସମୟରେ ଶ୍ରୀ ଦାସଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଥିବାବେଳେ ଆର୍ଥିକ ନୀତି ନିର୍ଦ୍ଧାରଣରେ ତାଙ୍କର ବ୍ୟାପକ ଅଭିଜ୍ଞତା ଏବେ ଅର୍ଥନୀତି କ୍ଷେତ୍ରରେ ଆପଣାଇବାକୁ ଥିବା ରଣନୀତିରେ କେନ୍ଦ୍ର ସରକାର ଶକ୍ତିକାନ୍ତଙ୍କଠାରୁ ଆଶା କରୁଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ଶକ୍ତିକାନ୍ତଙ୍କ ଆଗରେ ଅନେକ ବଡ଼ ଆହ୍ୱାନ ସବୁ ରହିଛି। ବିଶେଷକରି ବିତ୍ତୀୟ ସହ



ବିଭିନ୍ନ ନୀତି ନିର୍ଦ୍ଧାରଣ ଭଳି ଆହ୍ୱାନଗୁଡିକ ରହିଛି। ସମ୍ପ୍ରତି ବଢିଚାଲୁଥିବା ପେନସନ ବିଲ୍ ସରକାରଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କାରଣ ଏହା ବର୍ତ୍ତମାନ ସରକାରୀ ଦରମା ଖର୍ଚ୍ଚକୁ ଅତିକ୍ରମ କରିସାରିଛି। ଗତଥରର ଅନ୍ତରୀଣ ବଜେଟରେ ଦରମା ପାଇଁ ୧.୬୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ପେନ୍‌ସନ୍ ପାଇଁ ୨.୭୭ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ପୂର୍ବରୁ ଶକିକାନ୍ତ ସାମଗ୍ରୀ ଓ ସେବା ଟିକସ (ଜିଏସ୍ ଟି), ବିମୁଦ୍ରାୟନ ଏବଂ ବିଭିନ୍ନ ଆର୍ଥିକ କ୍ଷେତ୍ରରେ ସଂସ୍କାର ସମେତ ପ୍ରମୁଖ ଅର୍ଥନୈତିକ ନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଆରବିଆଇ ଗଭର୍ଣ୍ଣର ଭାବରେ ତାଙ୍କ କାର୍ଯ୍ୟକାଳ ସମୟରେ ସେ କୋଭିଡ୍-୧୯ ମହାମାରୀ ସମେତ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଆହ୍ୱାନର ମୁକାବିଲା କରିଥିଲେ, ଅର୍ଥନୀତିକୁ ସ୍ଥିର କରିଥିବା ଲିକ୍ୟୁଡିଟି ପଦକ୍ଷେପ ଏବଂ ମୁଦ୍ରା ନୀତି କାର୍ଯ୍ୟକାରୀ କରିଥିଲେ। ୨୦୧୭ରେ ଏକାଧିକ ପରୋକ୍ଷ ଟିକସକୁ ଗୋଟିଏ ଜିଏସଟିରେ ମିଶ୍ରଣ କରିବା ସମୟରେ ଶ୍ରୀ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୮ ରେ ସେ ଆରବିଆଇର ୨୫ତମ ଗଭର୍ଣ୍ଣର ହୋଇଥିଲେ। ଯଦିବା ଅତୀତରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସହ ମତଭେଦ ଦେଖିବାକୁ ମିଳିଥିଲା, ତଥାପି କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ବଜାୟ ରଖିବା ସହ ଆର୍ଥିକକ ନୀତିଗୁଡିକର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଦାଶ କାର୍ଯ୍ୟ କରିଥିଲେ।

## ଆଇକ୍ୟୁ ନିଓ ୧୦ଆର ବଜାରରେ

**ନୂଆଦିଲ୍ଲୀ,୨୮।୨(ଏଜେନ୍ସି):** ଉଚ୍ଚ-ପ୍ରଦର୍ଶନକାରୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ଆଇକ୍ୟୁ, ୧୧ ମାର୍ଚ୍ଚରେ ଆଇକ୍ୟୁ ନିଓ ୧୦ଆର ଲଂଚ କରିବାକୁ ଯାଉଛି। ଯୁବ ଉପଭୋକ୍ତା, ମୋବାଇଲ୍ ଗେମର ଏବଂ ଟେକ୍ ଉତ୍ସାହୀମାନଙ୍କ ପାଇଁ ଡିଜାଇନ୍ କରାଯାଇଥିବା, ଏହା ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଅଲ୍ଟ୍ରା-ସ୍ମୁଥ୍ ଗେମିଂ, ଦୀର୍ଘସ୍ଥାୟୀ ବ୍ୟାଟେରୀ ଲାଇଫ୍ ଏବଂ ଏକ ଇମର୍ସିଭ୍ ଡିସପ୍ଲେ ଅଭିଜ୍ଞତା ପ୍ରଦାନ କରିବ, ଯାହା ସେମାନଙ୍କର ଦ୍ରୁତ-ଗତିର ଜୀବନଶୈଳୀ ସହିତ ତାଳ ଦେଇପାରିବ। ଏହାର ମୂଳରେ, ଆଇକ୍ୟୁ ନିଓ ୧୦ଆର ସ୍ନାପଡ୍ରାଗନ ୮ଏସ୍ ଜେନ୩ ପ୍ରୋସେସର୍ ଦ୍ୱାରା ପରିଚାଳିତ, ଉନ୍ନତ ୪ଏନଏମ ଟିଏସଏମସି ପ୍ରକ୍ରିୟା ପ୍ରଯୁକ୍ତିବିଦ୍ୟା ଉପରେ ନିର୍ମିତ,ଉଚ୍ଚ ଦକ୍ଷତା ଏବଂ ଦ୍ରୁତ କାର୍ଯ୍ୟଦକ୍ଷତା ପ୍ରଦାନ କରିବ। ୧.୭ଏମଏନ+ ର ସ୍କୋର ସହିତ, ଏହା ଏହାର ସେଗମେଣ୍ଟରେ ସବୁଠାରୁ ଶକ୍ତିଶାଳୀ ଡିଭାଇସ୍। ଗେମିଂ ଉତ୍ସାହୀମାନଙ୍କ ପାଇଁ ନିର୍ମିତ, ଆଇକ୍ୟୁ ନିଓ ୧୦ଆର ୫ ଘଣ୍ଟା ପର୍ଯ୍ୟନ୍ତ ଏକ ସ୍ଥିର ୯୦ଏଫପିଏସ୍ ଗେମିଂ ଅଭିଜ୍ଞତା ପ୍ରଦାନ କରେ। ଏହା ଦକ୍ଷ ତାପ ଅପଚୟ ପାଇଁ ଏକ ୬୦୪୩ଏମଏମ୍ବ ବାଷ୍ପ କୁଲିଂ ଚାମ୍ବର ଏବଂ ଏକ ଶିଳ୍ପ-ପ୍ରମୁଖ ୨୦୦୦ଏଚଜେଡ ତୁରନ୍ତ ସ୍ପର୍ଶ ନମୁନା ହାର ସହିତ ସଜ୍ଜିତ, ଅଲ୍ଟ୍ରା-ରେସପନ୍ସିଭ୍ ନିୟନ୍ତ୍ରଣ ସୁନିଶ୍ଚିତ କରେ।

## ରଣଜୀ ଟ୍ରଫି ଫାଇନାଲ

# ବିଦର୍ଭ ପ୍ରଥମ ଇନିଂସ ଅଗ୍ରଣୀ



ନାଗପୁର,୨୮ ।୨(ଏଜେନ୍ସି): ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ଚାଲିଥିବା କେରଳ ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମୁକାବିଲାରେ ବିଦର୍ଭ ପ୍ରଥମ ଇନିଂସ ଅଗ୍ରଣୀ ନେଇ ସ୍ଥିତି ଦୃଢ଼ କରିଛି । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅକ୍ଷୟ ୱାଦକରଙ୍କ ନେତୃତ୍ୱାଧିନ ବିଦର୍ଭ ୧୨୩.୧ ଓଭରରେ ୩୭୯ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରି କେରଳ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୨୫ ଓଭରରେ ୩୪୨ ରନକରି ଅଲଆଉଟ ହୋଇଛି। ଫଳରେ ବିଦର୍ଭ ପ୍ରଥମ ପାଳିରେ ୩୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଖେଳ ଆଉ ଦୁଇ ଦିନ ବାକିଥିବା ବେଳେ ଯଦି ମ୍ୟାଚ୍ ଅମୀମାଂସିତ ହୁଏ, ତେବେ ବିଦର୍ଭ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଚାମ୍ପିଅନ ହେବାର ସୁଯୋଗ ପାଇବ। ତେଣୁ ପ୍ରଥମଥର ପାଇଁ ରଣଜୀ ଫାଇନାଲରେ ପ୍ରବେଶ କରିଥିବା କେରଳ ଚାପରେ ରହିଛି। କିନ୍ତୁ ଅଗାମୀ ଦୁଇ ଦିନରେ ବିଦର୍ଭକୁ ଆହୁରି ଭଲ ବ୍ୟାଟିଂ କରିବାକୁ ହେବ।

### ■ ସଚିନ ବେବି ଶତକରୁ ବଞ୍ଚିତ

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ଖେଳ ଆରମ୍ଭ କରି କେରଳ ଶୁକ୍ରବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟର ତଥା ଅଧିନାୟକ ସଚିନ ବେବି ୭ ରନରୁ ଖେଳ ଆରମ୍ଭକରି ଦୃଢତାର ସହ ବ୍ୟାଟିଂ କରି ୯୮ ରନକରି ଆଉଟ ହେବା ସହ ଦୁଇ ରନ୍ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୨୩୫ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ମାରିଥିଲେ ଓ ପାର୍ଥ ରେଖାଡେଙ୍କ ବଲ୍‌ରେ ମିଡ୍‌ୱିକେଟରେ କରୁନା ନାୟରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିଅନ ଫେରିଥଲେ। ସେହିପରି ଆଦିତ୍ୟ ସରୱାଟେ ଓଭରନାଇଟ୍ ସ୍କୋର ୬୬ରୁ ଖେଳ ଆରମ୍ଭ କରି ୭୯ ରନକରି ହର୍ଶ ଦୁବେଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଲମାନ ନାଜିର ୨୧, ମହମ୍ମଦ ଆଝାରୁଦ୍ଦିନ ୩୪, ଜଲାଜ ସାକସେନା ୨୮, ଏଡେନ ଅପଲ ଟମ୍ ୧୦ ଓ ଏମ୍ ନିଧିଶ ୧ ରନକରି ଆଉଟ ହୋଇଥିବା ବେଳେ ନେଦୁମାନକୁଝି ବାସିଲ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ବିଦର୍ଭ ତରଫରୁ ଦର୍ଶନ ନାଲକାଣ୍ଡେ, ହର୍ଶ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ, ୟଶ ଠାକୁର ଗୋଟିଏ ୱିକେଟ ନେଇଥିଲେ।

### ■ ମାଲେୱାରଙ୍କ ବୃହତ୍ ଶତକୀୟ ଇନିଂସ

ପୂର୍ବରୁ ପ୍ରଥମ ପାଳିରେ ବିଦର୍ଭ ମଧ୍ୟକ୍ରମ ବ୍ୟାଟର ଡାନିସ ମାଲେୱାରଙ୍କ ୧୫୩ ରନର ଶତକୀୟ ପାଳି ବଳରେ ୩୭୯ ରନର ସଂଗ୍ରହ କରିଥିଲା। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୮୬, ୟଶ ଠାକୁର ୨୫, ଅଧିନାୟକ ଅକ୍ଷୟ ୱାଦକର ୨୩ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ସଫଳ ପ୍ରଦର୍ଶନ କରି ନଥିଲେ। ବୋଲିଂରେ କେରଳ ତରଫରୁ ନିଧିଶ ଓ ଟମ୍ ୩ଟି ଲେଖାଏ, ବାସିଲ ୨ ଓ ଜଲାଜ ସାକସେନା ଗୋଟିଏ ୱିକେଟ ନେଇଥିଲେ।

### ■ ହର୍ଷ ଦୁବେଙ୍କ ଐତିହାସିକ ରେକର୍ଡ

ରଣଜୀ ଫାଇନାଲରେ କେରଳ ବିପକ୍ଷରେ ବିଦର୍ଭ ସ୍ପିନର ହର୍ଷ ଦୁବେ ୪୪ ଓଭର ବୋଲିଂ କରି ୧୧ଟି ମେଡେନ ନେବା ସହ ୮୮ ରନ ଦେଇ ୩ଟି ମୂଲ୍ୟବାନ ୱିକେଟ ଅକ୍ତିଆର କରିଛନ୍ତି। ଏଥିସହ ସେ ରଣଜୀ ଟ୍ରଫିର ୯୧ ବର୍ଷ ଇତିହାସରେ ଏକ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିଛନ୍ତି। ସେ ମୋଟ୍ ୬୯ଟି ୱିକେଟ ନେଇ ରଣଜୀ ଟ୍ରଫିରେ ଗୋଟିଏ ସିଜିନରେ ସର୍ବାଧିକ ୱିକେଟ ହାସଲ କରିଛନ୍ତି। ସେ ଏହି କ୍ରମରେ ବିହାରର ଆଶୁତୋଷ ଅମନଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ପୂର୍ବରୁ ୨୦୧୮-୧୯ ସଂସ୍କରଣରେ ଆଶୁତୋଷ ୬୮ ୱିକେଟ ନେଇ ଗୋଟିଏ ସିଜନରେ ସର୍ବାଧିକ ୱିକେଟ ହାସଲ କରିବାର ରେକର୍ଡ କରିଥିଲେ।

**ରଣଜୀ ଟ୍ରଫି ଗୋଟିଏ ସିଜିନ୍‌ରେ ସର୍ବାଧିକ ୱିକେଟ**

| ଖେଳାଳି | ଦଳ | ୱିକେଟ | ସିଜନ |
|---|---|---|---|
| ହର୍ଷ ଦୁବେ | ବିଦର୍ଭ | ୬୯ | ୨୦୨୪-୨୫ |
| ଆଶୁତୋଷ ଅମନ | ବିହାର | ୬୮ | ୨୦୧୮-୧୯ |
| ଜୟଦେବ ଉନାଦ୍‌କତ୍ | ସୌରାଷ୍ଟ୍ର | ୬୭ | ୨୦୧୯-୨୦ |
| କନୱଲଜିତ୍ ସିଂହ | ହାଇଦାରାବାଦ | ୫୯ | ୧୯୯୯-୨୦୦୦ |
| ଧର୍ମେନ୍ଦ୍ରସିଂ ଜାଡେଜା | ସୌରାଷ୍ଟ୍ର | ୫୯ | ୨୦୨୮-୧୯ |

# କଳିଙ୍ଗରେ ମହିଳା ଗୋଲରକ୍ଷକ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୨୮।୨ (ସମିସ): ହକି ଇଣ୍ଡିଆ ପକ୍ଷରୁ ଦେଶର ଶ୍ରେଷ୍ଠ ୩ଜଣ ମହିଳା ଗୋଲରକ୍ଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଦଳ ଲାଗି ଖେଳୁଥିବା ୩ ଗୋଲରକ୍ଷକ ସବିତା ପୁନିଆ, ବିଚ୍ଛୁ ଦେବୀ ଓ ବାଂଶରୀ ସୋଲାଙ୍କି ଅଂଶଗ୍ରହଣ କରିଥିଲେ। ନେଦରଲାଣ୍ଡସର ୧୯୯୦ ବିଶ୍ୱକପ୍ ଚାମ୍ପିଅନ୍ ଗୋଲରକ୍ଷକ ସାଇମନ ଜିପ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଭାରତ ବାହାରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଲାଗି ଏହି ଶିବିର ଆୟୋଜିତ ହୋଇଥିବା ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଜର୍ମାନୀ, ନେଦରଲାଣ୍ଡସ, ସ୍ପେନ୍ ସହ ଭାରତ ଏଫ୍‌ଆଇଏଚ୍ ପ୍ରୋ-ଲିଗ ଖେଳିଥିଲା। ଅଭିଜ୍ଞ ଗୋଲରକ୍ଷକ ସାଇମନ୍ ବୈଷୟିକ ଜ୍ଞାନକୌଶଳ, ମାନସିକ ଅବସ୍ଥା ଓ ଭାବପ୍ରବଣତା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଖେଳାଳିମାନେ ଏହାକୁ ଭଲ ଭାବେ ଗ୍ରହଣ କରିଥିଲେ ଓ ଏହା ଆମ ଲାଗି ଗୁରୁତ୍ୱପୂର୍ଣ୍ଣ ଥିଲାବୋଲି ଜାତୀୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି।

● ଦୁବାଇ ଟେନିସ ଚାମ୍ପିଅନସିପ୍

## ଯୁଗଳ ଫାଇନାଲରେ ଭାମ୍ବ୍ରୀ

ଦୁବାଇ,୨୮ ।୨(ଏଜେନ୍ସି): ଏଠାରେ ଚାଲିଥିବା ଦୁବାଇ ଟେନିସ ଚାମ୍ପନିଅନସିପ୍‌ର ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଭିଜ୍ଞ ଭାରତୀୟ ଖେଳାଳି ଯୁକି ଭାମ୍ବ୍ରୀ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଭାମ୍ବ୍ରୀ ଓ ଅଷ୍ଟ୍ରେଲୀୟ ପାର୍ଟନର ଆଲେକ୍ସେଇ ପୋପିରିନ୍ ୬-୨, ୪-୬, ୧୦-୭ ସେଟ୍‌ରେ ବ୍ରିଟେନର ଜେମି ମୁରେ ଓ ଜନ ପିୟର୍ସଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଫାଇନାଲରେ ଭାମ୍ବ୍ରୀ ଓ ପୋପିରିନ ଏବେ ଦ୍ୱିତୀୟ ସିଡ୍ ବ୍ରିଟେନର ହେନେରୀ ପାଟେନ ଓ ଫିନଲାଣ୍ଡର ହାରି ହେଲୋଭାରାଙ୍କୁ ଭେଟିବେ। ଏହି ବ୍ରିଟେନ ଓ ଫିନଲାଣ୍ଡ ଯୋଡି ଅନ୍ୟଏକ ସେମିରେ ୪-୬, ୬-୩, ୧୦-୮ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସ ଓ ଜର୍ମାନୀର ହେଣ୍ଡ୍ରିକ ଜେବେନ୍ସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

■ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## କିଟ୍‌ରେ ଖେଳାଳି ଚୟନ ଓ ଶିବିର

ଭୁବନେଶ୍ୱର,୨୮।୨(ସମିସ): ଜର୍ମାନୀରେ ୩୨ତମ ଫିସୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଚଳିତବର୍ଷ ଜୁଲାଇ ୧୬ରୁ ୨୭ ତାରିଖଯାଏ ଅନୁଷ୍ଠିତ ହେବ। ଏହି ବିଶ୍ୱସ୍ତରର ପ୍ରତିଯୋଗିତା ଲାଗି କିଟ୍ ବିଶ୍ୱିଦ୍ୟାଳୟ ପରିସରରେ ଖେଳାଳି ଚୟନ ଏହା ପରେ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ ବୋଲି ଭାରତୀୟ ଦଳର ଉପମୁଖ୍ୟ ଡଃ ଗଗନେନ୍ଦୁ ଦାଶ ଜଣାଇଛନ୍ତି। ଦାଶଙ୍କ ସୂଚନା ଅନୁଯାୟୀ ଖେଳାଳି ଚୟନ ପ୍ରକ୍ରିୟା ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ଏପ୍ରିଲ ୧୦ରେ ଶେଷ ହେବ। ଏହା ପରେ ମନୋନୀତ ଖେଳାଳିମାନଙ୍କୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାଗନେବା ଯାଏ ଏଠାରେ ପ୍ରଶିକ୍ଷଣ ନେବେ। ଇଣ୍ଡିଆନ ୟୁନିଭର୍ସିଟିଜ୍ ଆସୋସିଏସନ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହେବ। ଏଠାରେ କେବଳ ଦୌଡ଼କୁଦ, ତୀରନ୍ଦାଜୀ, ଟେନିସ ଓ ଭଲିବଲ ଖେଳ ଲାଗି ଖେଳାଳି ଚୟନ ଓ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି।

ଜର୍ମାନୀର ୬ଟି ସହରରେ ଏଥର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୮ଟି ଇଭେଣ୍ଟରେ ୧୫୦ଟି ଦେଶରୁ ପ୍ରାୟ ୮,୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଗତଥର ଚୀନ୍‌ର ଚେଙ୍ଗଡୁ ସହରରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭାରତ ୧୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ଜିତି ୧୧୩ଟି ଦେଶ ମଧ୍ୟରେ ୭ମ ସ୍ଥାନ ଅଧିକାର କରିଥିଲା। ଏହି ସଫଳତାରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।

## ଶୀତକାଳୀନ ଅଲିମ୍ପିକ୍ସରେ ଯୋଗଦେବେ ପ୍ରକାଶ ରଥ



ଭୁବନେଶ୍ୱର,୨୮।୨(ସମିସ): ଇଟାଲୀର ତୁରିନ୍‌ଠାରେ ମାର୍ଚ୍ଚ ମାସ ସ୍ୱତନ୍ତ୍ର ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ା ଆୟୋଜିତ ହେବ। ଏହି ବିଶ୍ୱସ୍ତରର କ୍ରୀଡ଼ା ପରିଚାଳନାରେ ଜଣେ ସ୍ୱେଚ୍ଛାସେବୀ ଭାବେ ପରିଚାଳନା, ପ୍ରତିଯୋଗୀଙ୍କୁ ସହାୟତା କରିବା ନିମନ୍ତେ ଓଡ଼ିଶାର ସ୍ପେଶାଲ ଅଲିମ୍ପିକ୍ସ, ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥଙ୍କୁ ସ୍ଥାନୀୟ ଆୟୋଜନ କମିଟି ଆମନ୍ତ୍ରଣ କରିଛି। ମାର୍ଚ୍ଚ ୪ରୁ ୧୭ ତାରିଖଯାଏ ରଥ ସେଠାରେ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିବେ। ଏହି ଆମନ୍ତ୍ରଣ ଲାଗି ପ୍ରକାଶ ରଥଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଜେଡ ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ତପନ ମହାନ୍ତି ଶ୍ରୀ ରଥଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଏବଂ ଓଡ଼ିଶା ଖେଳାଳିଙ୍କ ଲାଗି ଖର୍ଚ୍ଚ ହେବାକୁ ଥିବା ଅର୍ଥ ପ୍ରଦାନ କରିବେ ବୋଲି କହିଛନ୍ତି। ଏହି ବିଶ୍ୱକ୍ରୀଡ଼ାରେ ୧୦୩ଟି ଦେଶରୁ ୧୫୦୦ ସ୍ୱତନ୍ତ୍ର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## କିଲିମାଞ୍ଜାରୋ ଶୃଙ୍ଗ ଚଢ଼ିଲେ ସୌଭାଗ୍ୟ- ସାଗରିକା




ଭୁବନେଶ୍ୱର,୨୮ ।୨(ସମିସ): ଓଡ଼ିଆ ପର୍ବାତାରୋହୀ ଦମ୍ପତି ସୌଭାଗ୍ୟ ରଥ ଓ ସାଗରିକା ମିଶ୍ର ବିଶ୍ୱର ଆଉ ଏକ ପ୍ରସିଦ୍ଧ ପର୍ବତଶୃଙ୍ଗ ଚଢିବାରେ ସଫଳ ହୋଇଛି। ଏହି ଦମ୍ପତି ଶୁକ୍ରବାର ଭାରତୀୟ ସମୟ ସକାଳ ୯.୩୦ରେ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ ତାଞ୍ଜାନିଆର 'କିଲିମାଞ୍ଜାରୋ' ଚଢିବା ସହ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି 'ବନ୍ଦେ ଉତ୍କଳ ଜନନୀ' ଗାନ କରିଛନ୍ତି। ରୋଙ୍ଗାଇ ଗେଟ୍‌ରୁ ହିଁ ଏହି ଦୁଇଜଣ ପର୍ବତାରୋହଣ ଆରମ୍ଭ କରିଥିଲେ ଓ କିବୋ ହଟ୍ ବେଶ୍ କ୍ୟାମ୍ପ ଦେଇ ସମୁଦ୍ର ପତ୍ତନଠାରୁ ୫,୬୮୧ ମିଟର ଉଚ୍ଚ ବିଶିଷ୍ଟ ଗିଲମାନ ପଏଣ୍ଟରେ ସଫଳତାର ସହ ପହଞ୍ଚିଥିଲେ। ମାଇନସ ୧୫ ଡୀଗ୍ରୀ ସେଣ୍ଟଗ୍ରେଡ ଥଣ୍ଡା ଓ ଝଡ ମଧ୍ୟରେ ଏହି ଦମ୍ପତ୍ତି ମଧ୍ୟରାତ୍ରୀ ୧୨ଟାରେ ସମ୍ମିଟ ପୁଶ୍ ଆରମ୍ଭ କରିଥିଲେ। ଏଥିସହ ଏହି ଦମ୍ପତି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମ ଓଡ଼ିଆ ଦମ୍ପତି ଭାବେ ଏହି ଯୋଡି କିଲିମାଞ୍ଜାରୋ ଶୃଙ୍ଗ ଚଢ଼ିବାରେ ସଫଳ ହୋଇଛନ୍ତି। ସେହିପରି ରାଜ୍ୟର ପ୍ରଥମ ପଶୁ ଡାକ୍ତରାଣୀ ଓ ମହିଳା ସରକାରୀ କର୍ମଚାରୀ ଭାବେ ସାଗରିକା ଏହି ଶୃଙ୍ଗ ଚଢିବାରେ ସଫଳ ହୋଇଛନ୍ତି।

## ଯୁବା ବାସ୍କେଟବଲ ଉଦ୍‌ଘାଟିତ



ଭୁବନେଶ୍ୱର,୨୮।୨(ସମିସ): ସହିଦ ନଗରର ସନ୍‌ସାଇନ୍ ଯୁବ ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ଇମ୍ପା ବାସ୍କେଟବଲ କୋର୍ଟରେ ଗୁରୁବାର ଯୁବା ବାସ୍କେଟବଲ ଓପନ ଚାମ୍ପିଅନସିପ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ୬ଟି ରାଜ୍ୟର ୧୨ଟି ଦଳକୁ ନେଇ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ର ଉଦଘାଟନୀ ମୁକାବିଲାରେ ଆୟୋଜ ଯୁବା ଦଳ ଓ ଅଲଷ୍ଟାର ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଯୁବା ଦଳ ୬୨-୪୧ ପଏଣ୍ଟରେ ଆଉଟଲଜ୍‌କୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଅଲଷ୍ଟାର କୋଲକାତାର ମେଟ୍ରୋ ରେଲୱେକୁ ହରାଇଛି।

ପୂର୍ବରୁ ଏହି ପ୍ରତିଯୋଗିତାକୁ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କେନ୍ଦ୍ର ବିଧାୟକ ଅନନ୍ତ କିଶୋର ଜେନା, ଓଡ଼ିଶା ବାସ୍କେଟବଲ ସଂଘ ସମ୍ପାଦକ ଅଶୋକ ସାହୁ, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାଶ, ଆୟୋଜକ ସନ୍‌ସାଇନ୍ ଯୁବ ସଂଗଠନର ଉପଦେଷ୍ଟା ସରୋଜ ପାତ୍ର, ବିଶ୍ୱପ୍ରସାଦ ମହାନ୍ତି, ଅଜୟ ପ୍ରଧାନ, ଅନୁଷ୍ଠାନର ସଭାପତି ବିଶ୍ୱଜିତ୍ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ଓ କୋଷାଧକ୍ଷ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୨ରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏଥିରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

### ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ

## ଆୟୁଷଙ୍କ ଶତକ: ପ୍ରଗତି ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର,୨୮ ।୨(ସମିସ): ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମୂଳାପଡିଆରେ ଶୁକ୍ରବାରଠାରୁ ପ୍ରଥମ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ୨୩ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ଜିତି ରାମେଶ୍ୱର ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପ୍ରଗତି ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅୟୁଷ ସୂତାର ୧୦ ବଲରୁ ୧୧ ଚୌକା ଓ ୨ ଛକା ସହ ୧୦୪ ରନର ଶତକୀୟ ପାଳି ଖେଳିଥିବା ବେଳେ ଟୁକୁନା ସାହୁ ୬୧ (୪୧ ବଲ) ଓ ରଘୁନାଥ ୪୮ (୫୨ ବଲ) ରନ ସଂଗ୍ରହ କରିଥିଲେ।



ବୋଲିଂରେ ରାମେଶ୍ୱର ତରଫରୁ ଆଶୁତୋଷ ନାୟକ, ସମ୍ବିତ ବରାଳ ଓ ଶୁଭ୍ରାଂଶୁ ପରିଡା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୩୫ ଓଭରରେ ୮ ୱିକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସାରାଂଶ କୁମାର ୭୨ ଓ କରନ ମହାପାତ୍ର ୩୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ପ୍ରଗତି ପକ୍ଷରୁ ସୁମନ ଦାସ ୩, ସୌମରଞ୍ଜନ ପାଣ୍ଡିଆ ଓ ରଘୁନାଥ ମଲ୍ଲ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶତକୀୟ ଇନିଂସ ପାଇଁ ଆୟୁଷ ସୂତାରଙ୍କୁ ଦୀଲିପ କୁମାର ଜେନା ଓ ନିହାରକାନ୍ତ ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଟାଉନ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଉପଦେଷ୍ଟା ସମୀର ମହାନ୍ତି, ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଟାଉନକ୍ଲବ ସମ୍ପାଦକ ପୃଥ୍ୱିକାନ୍ତ ମହାପାତ୍ର, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, କୋଷାଧ୍ୟକ୍ଷ ନିହାରକାନ୍ତ ପଟ୍ଟନାୟକ, ପ୍ରମୋଦ କୁମାର ଦାସ, ଆଶିଷ ପଟ୍ଟନାୟକ, ବିଜୟ ମାଝି, ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ଅୟସକାନ୍ତ ରଣସିଂହ ଓ ଚଣ୍ଡି ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ। ଶନିବାର ଆୟୋଜକ ଟାଉନକ୍ଲବ ଓ ସହିଦ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

### ତମାଣ୍ଡୋ କପ୍ ଟି-୨୦ କ୍ରିକେଟ

## ତମାଣ୍ଡୋ କ୍ଲବ୍‌ର ପ୍ରଥମ ବିଜୟ

ଭୁବନେଶ୍ୱର,୨୮।୨ (ସମିସ): କନିକା ୱାରିୟର୍ସକୁ ୩୪ ରନ୍‌ରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଏଠାରେ ଚାଲିଥିବା ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟହାସଲ କରିଛି। ଗ୍ରୁପ୍‌ରେ ଦ୍ୱିତୀୟ ମ୍ୟାଚ୍ ଖେଳିଥିବା ତମାଣ୍ଡୋ ପ୍ରଥମ ମ୍ୟାଚ ହାରିଥିଲାବେଳେ ଆଜିର ପ୍ରତିଦ୍ୱନ୍ଦ୍ୱୀ କନିକା ୱାରିୟର୍ସ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ଗ୍ରୁପ୍‌ରେ ସମ୍ବଲପୁର ୨ଟି ଯାକ ଲିଗ୍ ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଛି। ଆଜିର ମ୍ୟାଚ୍‌ରେ ୩୩ ବଲ୍‌ରୁ ୭୯ ରନ୍ କରିଥିବା ସୌଭାଗ୍ୟ ରାଉତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତାକାଲି ଭୁବନେଶ୍ୱରର ବିବିବି ୱାରିୟର୍ସ ଓ କଟକର ଆଇକନିକ ଏକାଦଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

କ୍ରିକେଟ ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ୬ ୱିକେଟ ହରାଇ ୨୩୭ ରନ୍ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟଙ୍କ ୭୯ ରନ୍‌କୁ ବାଦ୍ ଦେଲେ ଆର୍ଯ୍ୟଶ୍ରୀ ଡି ଭଟ୍ଟ ୨୯ବଲ୍ ଖେଳି ୪୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ରଶ୍ମିରଞ୍ଜନ ରାଉତ ୩୯ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଜବାବରେ ୨୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କନକି ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୬୨ ଓ ସତ୍ୟରଞ୍ଜନ ସାମଲ ୪୩ ରନ୍ କରିଥିଲେ ମଧ୍ୟ ତାହା ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା।



ବିଜୟୀ ଦଳର ଅଭିଷେକ ପଟ୍ଟନାୟକଙ୍କୁ ୨ଟି ୱିକେଟ ମିଳିଥିଲା।

ଏହି ମ୍ୟାଚ୍‌କୁ ଅମ୍ପାୟାର ଧୀରଜ ସିଂ ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ। ଖେଳ ଶେଷରେ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ପୂର୍ବତନ ସଭାପତି ସୁଧୀର କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସୌଭାଗ୍ୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

■ ଚାମ୍ପିଅନ୍ସ ଟ୍ରଫିରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହେବା ପରେ

# ଇଂଲଣ୍ଡ ଅଧିନାୟକ ବଟ୍ଲରଙ୍କ ଇସ୍ତଫା



ଲାହୋର,୨୮ ।୨(ଏଜେନ୍ସି): ଜୋସ୍ ବଟ୍ଲର ଇଂଲଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଦଳ କ୍ରମାଗତ ଷଷ୍ଠ ଦିନିକିଆ ପରାଜୟ ବରଣ କରିବା ଓ ଏଠାରେ ଚାଲିଥିବା ଚାମ୍ପିଅନ୍ସ ଟ୍ରଫିର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବା ପରେ ବଟ୍ଲର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଟ୍ଲର କହନ୍ତି, 'ଏହା ମୋ ଲାଗି ଠିକ୍ ନିଷ୍ପତ୍ତି ଓ ଦଳ ଲାଗି ମଧ୍ୟ ଉପଯୁକ୍ତ ନିଷ୍ପତ୍ତି'। ଏହା ପରେ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କଲମ ଦଳ ଯେଉଁଠାରେ ରହିବା କଥା ତାହାର ଦାୟିତ୍ୱ ନେବେ। ବିଶେଷ କରି ଏଠାରେ ଚାଲିଥିବା ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ନିକଟରୁ ୩୦୦ରୁ ଅଧିକ ରନ୍ କରି ମଧ୍ୟ ହାରିଯିବା ଘଟଣା ବଟ୍ଲରଙ୍କ ନେତୃତ୍ୱ ପ୍ରତି ସଂକଟ ସୃଷ୍ଟି କରିଥିଲା। ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ପରେ ଦଳ ଲାଗି ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ସ୍ଥିତିରେ ବଟ୍ଲରଙ୍କୁ ନେତୃତ୍ୱ ଛାଡ଼ିବା ଲାଗି ଇଂଲଣ୍ଡରେ ଦାବି କରାଯିବା ସହ ତାଙ୍କ ନିକଟରେ ଅନ୍ୟ କିଛି ଉପାୟ ନ ଥିଲା।

ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତରେ ଖେଳାଯାଇଥିବା ସୀମିତ ଓଭର ସିରିଜ୍‌ରେ ବଟ୍ଲରଙ୍କ ନେତୃତ୍ୱରେ ଇଂଲଣ୍ଡ ଭାରତ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୧-୪ ବ୍ୟବଧାନରେ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୦-୩ ବ୍ୟବଧାନରେ ହାରିଥିଲା। ଏହା ପରେ ଚାମ୍ପିଅନ୍ସ ଟ୍ରଫିରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୫୧ ରନ୍ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ନିକଟରୁ ୫ ୱିକେଟରେ ଓ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ୩୨୬ ରନ୍‌ର ଲକ୍ଷ୍ୟକୁ ପିଛା କରି ୮ ରନ୍‌ରେ ହାରିଯିବା ପରେ ଇଂଲଣ୍ଡର ନେତୃତ୍ୱ ଓ ବୋଲିଂକୁ ନେଇ ପ୍ରଶ୍ନ ଉଠିଥିଲା। ଏହା ପରେ ବଟ୍ଲର ସ୍ୱେଚ୍ଛାକୃତ ଭାବେ ନେତୃତ୍ୱରୁ ଓହରିଯିବାକୁ ଆଜି ଘୋଷଣା କରିଛନ୍ତି।

ବଟ୍ଲରଙ୍କ ନେତୃତ୍ୱରେ ଇଂଲଣ୍ଡ ୪୪ଟି ଦିନିକିଆ ମ୍ୟାଚ୍ ଖେଳି ୧୮ଟି ଜିତିଥିଲାବେଳେ ୨୫ଟିରେ ପରାଜିତ ହୋଇଥିଲା। ସେହିପରି ୫୧ଟି ଟି-୨୦ରେ ୨୬ଟିରେ ଜିତିଥିଲାବେଳେ ୨୨ଟିରେ ପରାଜିତ ହୋଇଥିଲା। ଏହା ପୂର୍ବରୁ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ସେମିଫାଇନାଲରୁ ଇଂଲଣ୍ଡ ବିଦାୟ ନେଇଥିଲା। ଏହି ସବୁ ଫଳାଫଳ ମୋ ଲାଗି ଅପମାନର କଥା। ଏଣୁ ମୁଁ ନେତୃତ୍ୱରୁ ହଟିଯିବା ସହ ବ୍ରେଣ୍ଡନଙ୍କ ସହ ମିଶି ଇଂଲଣ୍ଡ କ୍ରିକେଟକୁ ଆଗକୁ ନେବାକୁ ଚେଷ୍ଟା କରିବି ବୋଲି ଇସ୍ତଫା ଘୋଷଣା କରି ବଟ୍ଲର କହିଛନ୍ତି।

# ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର ଡ୍ରାପରଙ୍କ ପରଲୋକ



**କେବେହା,୨୮ ।୨(ଏଜେନ୍ସି):** ବିଶ୍ୱର ବୟୋଜ୍ୟେଷ୍ଠ କ୍ରିକେଟର ଦକ୍ଷିଣ ଆଫ୍ରିକାର ରୋନାଲ୍ଡ ଡ୍ରାପର ପରଲୋକଗମନ କରିଛନ୍ତି ବୋଲି ଶୁକ୍ରବାର ତାଙ୍କ ପରିବାର ତରଫରୁ ସୂଚନା ଦିଆଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ସେ ୯୮ ବର୍ଷ ୬୩ ଦିନ ବୟସରେ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଟେଷ୍ଟ କ୍ରିକେଟରମାନଙ୍କ ମଧ୍ୟରେ ଡ୍ରାପର ସବୁଠାରୁ ବୟସ୍କ ଥିଲେ। ବେଳେବେଳେ ୱିକେଟକିପିଂ କରୁଥିବା ଡ୍ରାପର ଟପ୍‌ଅର୍ଡରରେ ବ୍ୟାଟିଂ କରିଥାନ୍ତି। ୧୯୫୦ରେ ସେ ଦକ୍ଷିଣ ଆଫ୍ରିକା ତରଫରୁ ପ୍ରତିନିଧିତ୍ୱ କରି ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଡ୍ରାପର ଚାଲିଗଲା ପରେ ତାଙ୍କ ୯୬ ବର୍ଷୀୟ ବନ୍ଧୁ ନିଲ ହାର୍ଭେ ଏବେ ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର ଭାବେ ପରିଗଣିତ ହେବେ। ଉଲ୍ଲେଖଥାଉ କି, ୨୦୧୬ରେ ଦକ୍ଷିଣ ଆଫ୍ରିକାର ନୋର୍ମାନ ଗର୍ଡନ୍ ବୟୋଜ୍ୟେଷ୍ଠ କ୍ରିକେଟର ଭାବେ ୧୦୩ ବର୍ଷରେ ପରଲୋକଗମନ କରିଥିଲେ। ଏହାପରେ ୨୦୨୧ରେ ଏହି ଦେଶର ଜନ୍ ୱାଟକିନ୍ସ ୯୮ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ୧୯୨୬ ଡିସେମ୍ବର ୨୪ରେ ଜନ୍ମଗ୍ରହଣ କରିଥିବା ଡ୍ରାପର ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣରେ ଶତକ ହାସଲ କରିଥିଲେ। ସେ ୪୮ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ।

ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

# ମ୍ୟାଚ୍ ବାତିଲ; ସେମିରେ ଅଷ୍ଟ୍ରେଲିଆ



**ଲାହୋର, ୨୮ ।୨(ଏଜେନ୍ସି):** କ୍ରମାଗତ ବର୍ଷା ଓ ପ୍ରବଳ ବର୍ଷା ଯୋଗୁ ପଡ଼ିଆରେ ପାଣି ଜମିଯିବାରୁ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଚାମ୍ପିଅନ୍ସ ଟ୍ରଫି ଗ୍ରୁପ-ବି' ମୁକାବିଲାକୁ ବାତିଲ କରିବାକୁ ପଡ଼ିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଗ୍ରୁପ-ବି'ରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚ୍ ବାତିଲ୍‌ରୁ ଗୋଟିଏ ପଏଣ୍ଟ ପାଇଥିବା ଆଫଗାନିସ୍ତାନର ସେମିଫାଇନାଲ ଖେଳିବା ଆଶା ଝୁଲି ରହିଛି। ଏଥିଲାଗି ଆସନ୍ତାକାଲି ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଗ୍ରୁପ୍‌ରେ ଖେଳାଯିବାକୁ ଥିବା ଶେଷ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ହେବ। ଏବେ ସୁଦ୍ଧା ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ ୪ ପଏଣ୍ଟ ପାଇ ପ୍ରଥମ, ୩ ପଏଣ୍ଟ ଲେଖାଏଁ ପାଇଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓ ଆଫଗାନିସ୍ତାନ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲି ମୁକାବିଲାରେ ଇଂଲଣ୍ଡ ଯଦି ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକାକୁ ୨୦୭ ରନ୍ ବ୍ୟବଧାନରେ କିମ୍ବା ରନ୍ ଚେଜ୍ କରି ୧୧.୧ ଓଭରରେ ବିଜୟୀ ହୁଏ, ତେବେ ଆଫଗାନିସ୍ତାନର ସେମିଫାଇନାଲ ଖେଳିବା ସମ୍ଭବ ହେବ। ବିଶ୍ୱସ୍ତରରେ ଏଭଳି ଫଳାଫଳ ମିଳିବା କଷ୍ଟକର ହୋଇଥିଲାବେଳେ ଗ୍ରୁପ୍-ବି'ରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ପୂର୍ବରୁ ଗ୍ରୁପ୍-ଏ'ରୁ ନ୍ୟୁଜିଲାଣ୍ଡ ଓ ଭାରତ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ମାର୍ଚ୍ଚ ୨ରେ ଭାରତ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍ ପରେ କେଉଁ ଦଳ କାହା ସହ ସେମିଫାଇନାଲ ଖେଳିବେ ତାହା ଆପାତତଃ ସ୍ଥିର ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଗୋଟିଏ ଗ୍ରୁପ୍‌ର ପ୍ରଥମ ସ୍ଥାନିତ ଦଳ ଅନ୍ୟ ଗ୍ରୁପ୍‌ର ଦ୍ୱିତୀୟ ଦଳ ସହ ସେମିଫାଇନାଲ ଖେଳିବେ। ଏଣୁ ମାର୍ଚ୍ଚ ୨ ପରେ ଗ୍ରୁପ୍-ଏ'ରେ ଭାରତ କିମ୍ବା ନ୍ୟୁଜିଲାଣ୍ଡ ମଧ୍ୟରୁ କିଏ ପ୍ରଥମ ସ୍ଥାନ ଅଧିକାର କରିବ ତାହା ମ୍ୟାଚ୍ ପରେ ସ୍ଥିର ହେବ।

## ବର୍ଷା ଯୋଗୁଁ ବାତିଲ ହେଲା ୩ୟ ମ୍ୟାଚ୍

ପାକିସ୍ତାନର ରାୱଲପିଣ୍ଡି ଓ ଲାହୋରରେ ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ-ଆଫଗାନିସ୍ତାନ ମୁକାବିଲାକୁ ମିଶାଇ ତୃତୀୟ ମ୍ୟାଚ୍ ବାତିଲ କରିବାକୁ ପଡ଼ିଛି। ପୂର୍ବରୁ ରାୱଲପିଣ୍ଡିରେ ଟସ୍ ପଡ଼ିବା ପୂର୍ବରୁ ଫେବୃଆରୀ ୨୫ରେ ଅଷ୍ଟ୍ରେଲିଆ- ଦକ୍ଷିଣ ଆଫ୍ରିକା, ଫେବୃଆରୀ ୨୭ରେ ପାକିସ୍ତାନ- ବାଂଲାଦେଶ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ଲାହୋରରେ କିନ୍ତୁ ଅଧାରୁ ଅଧିକ ଖେଳ ପରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ଏଠାରେ ସେଦୀକୁଲ୍ଲା ଅଟଲଙ୍କ ୮୫ ଓ ଆଜମତୁଲ୍ଲା ଓମରଜାଇଙ୍କ ୬୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ଠିକ୍ ୫୦ ଓଭରରେ ୨୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡ୍ୱାର୍ଶୁଇସ୍ ସର୍ବାଧିକ ୩ଟି, ସ୍ପେନସର ଜନସନ ଓ ଆଦାମ ଜାମ୍ପା ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଜବାବରେ ୨୭୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ୧୨.୫ ଓଭରରେ ମାଥ୍ୟୁ ସର୍ଟ (୨୦)ଙ୍କ ୱିକେଟ ହରାଇ ୧୦୯ ରନ୍ କରିଥିଲାବେଳେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ଟ୍ରାଭିସ୍ ହେଡ୍ ୪୦ ବଲ୍‌ରେ ୫୯ ଓ ଷ୍ଟିଭେନ ସ୍ମିଥ୍ ୨୨ ବଲ୍‌ରେ ୧୯ ରନ୍ କରି ଖେଳୁଥିଲେ। ବର୍ଷା ଆଉ ନ କମିବାରୁ ଏବଂ ପଡ଼ିଆରେ ପ୍ରବଳ ପାଣି ଜମି ଯିବାରୁ ଅମ୍ପାୟାର କୁମାର ଧର୍ମସେନା ଓ ଆଲେକ୍ସ ହ୍ୱାର୍ଫ ଆଉ କୌଣସି ଉପାୟ ନ ପାଇ ମ୍ୟାଚ୍‌କୁ ବାତିଲ କରିଥିଲେ।

**ଆଜିର ମ୍ୟାଚ୍**
**ଇଂଲଣ୍ଡ-ଦ.ଆଫ୍ରିକା**
ସ୍ଥାନ: କରାଚି
ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ ୧୮, ଜିଓ ହଟ୍‌ଷ୍ଟାର

## ମହିଳା ପ୍ରିମିୟର ଲିଗ୍

# ମୁମ୍ବଇକୁ ହରାଇ ଶୀର୍ଷରେ ଦିଲ୍ଲୀ

**ବେଙ୍ଗାଲୁରୁ,୨୮ ।୨(ସମିସ):** ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ଲୋ ସ୍କୋରିଂ ତ୍ରୟୋଦଶ ମ୍ୟାଚ୍‌ରେ ମେଗ୍ ଲାନିଂଙ୍କ ନେତୃତ୍ୱାଧିନ ଦିଲ୍ଲୀ କ୍ୟାପିଟାଲ୍ସ ୩୩ ବଲ ବାକିଥାଇ ୯ ୱିକେଟରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏଥିସହ ୬ଟି ମ୍ୟାଚ୍ ଖେଳି ଦିଲ୍ଲୀ ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ହାସଲ କରି ଅଙ୍କ ତାଲିକାରେ ମୁମ୍ବଇକୁ ହଟାଇ ଶୀର୍ଷ ସ୍ଥାନ ଦଖଲ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦିଲ୍ଲୀ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୪.୩ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି। ବିସ୍ଫୋରକ ଓପନର ଶେଫାଳୀ ବର୍ମା ୨୮ ବଲରୁ ୪ ଚୌକା ଓ ୩ ଛକା ସହ ୪୩ ରନକରି ଅମନଜୋତ କୌରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଧିନାୟିକା ତଥା ଓପନର ମେଗ୍ ଲାନିଂ ୪୯ ବଲରୁ ୯ ଚୌକା ସହ ୬୦ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ଦଳକୁ ଜିତାଇଛନ୍ତି। ସେହିପରି ଜେମିମା ରୋଡ୍ରିଗ୍ସେଜ ୧୫ ରନକରି ଅପରାଜିତ ରହିଥିଲେ। ଦିଲ୍ଲୀ ତରଫରୁ କୌଣସି ବ୍ୟାଟର ପ୍ରଭାବୀ ପ୍ରଦର୍ଶନ କରିପାରି ନଥିଲେ। ଓପନର ହେଲି ମାଥ୍ୟୁସ ୨୨, ଅଧିନାୟକ ହରମନପ୍ରୀତ କୌର ୨୨, ନାତାଲି ସ୍କିଭର-ବ୍ରଣ୍ଟ ୧୮, ଆମେଲିଆ କେର ୧୭, ଯଷ୍ଟିକା ଭାଟିଆ ୧୧ ରନକରି ଆଉଟ ହୋଇଥିବା ବେଳେ ଅମନଜୋତ କୌର ୧୭ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଜେସ ଜୋନାସେନ ଓ ମିନ୍ନୁ ମାନି ୩ଟି ଲେଖାଏ, ଶିଖା ପାଣ୍ଡେ ଓ ଆନ୍ନାବେଲ ସଦରଲାଣ୍ଡ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ଏମ୍‌ଓଏସ୍‌ଏଫ୍ ପୁରୁଷ ଟେନିସ

# ଅମୃତଜୟଙ୍କୁ ଦ୍ୱିମୁକୁଟ



**ଭୁବନେଶ୍ୱର,୨୮ ।୨(ସମିସ):** ଓଡ଼ିଶାର ଉଦୀୟମାନ ଟେନିସ ତାରକା ଅମୃତଜୟ ମହାନ୍ତି ଏମ୍‌ଓଏସ୍‌ଏଫ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଦ୍ୱାରା ଆୟୋଜିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ହାସଲ କରିଛନ୍ତି। ରାଜଧାନୀ ଉପକଣ୍ଠସ୍ଥ ମେଣ୍ଢାଶାଳ ଗୁରୁକୂଳ ଟେନିସ ରିସର୍ଟ ଓ କଣ୍ଟ୍ରି କ୍ଲବ୍‌ରେ ଗୁରୁବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ କଠିନ ପରିଶ୍ରମ ଓ ଦକ୍ଷତା ପ୍ରଦର୍ଶନ କରି ଅମୃତଜୟ ଉଭୟ ଏକକ ଓ ଯୁଗଳ ଇଭେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପୁରୁଷ ଏକକ ଫାଇନାଲରେ ସେ ୨-୧ ସେଟ୍‌ରେ ଛତିଶଗଡ଼ର ସୌର୍ଯ୍ୟ ମାନିକଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଏହା ପରେ ଯୁଗଳରେ ନିଜ ରାଜ୍ୟର ଶୁଭ୍ରନିଲ ବର୍ମନଙ୍କୁ ସାଥିକରି ୨-୧ରେ ପଶ୍ଚିମବଙ୍ଗର ଅନୁରାଗ ଅଗରୱାଲ ଓ ୱାୟାଟ ଓବେରିଆନଙ୍କୁ ପରାସ୍ତ କରିଥିଲେ। ଓଡ଼ିଶାର ଏହି ଯୋଡିଙ୍କ ଲାଗି ପୁରୁଷ ବିଭାଗରେ ଏହା ହେଉଛି ପ୍ରଥମ ଯୁଗଳ ଟାଇଟଲ। ଏହି ବିଜୟ ମୋର ଆତ୍ମବିଶ୍ୱାସ ବଢ଼ାଇବାରେ ସହାୟକ ହୋଇଛି ବୋଲି ଦୁଇଟି ଟାଇଟଲ ଜିତିବା ପରେ ଅମୃତଜୟ କହିଛନ୍ତି। ଏହି ସଫଳତା ଲାଗି ସେ ତାଙ୍କ ପିତାମାତା, କୋଚ୍ ଚିନ୍ମୟ ପ୍ରଧାନ ଓ ଗୁରୁକୂଳ ଟେନିସ ଏକାଡେମୀକୁ ଶ୍ରେୟ ଦେଇଛନ୍ତି।

**ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ ଆଜିଠାରୁ**

ଏମ୍‌ଓଏସ୍‌ଏଫ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଆନୁକୂଲ୍ୟରେ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ୨.୫ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ପୁରୁଷ ଟେନିସ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଖେଳାଯିବ। ଗୁରୁକୂଳ ଟେନିସ ଏକାଡେମୀରେ ଏହା ରବିବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୧୬ରୁ ସର୍ବ-ଭାରତୀୟ ବେସାମରିକ ଟିଟି

**ଭୁବନେଶ୍ୱର,୨୮ ।୨(ସମିସ):** ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚମାସ ୧୬ରୁ ୨୦ ତାରିଖ ମଧ୍ୟରେ ସର୍ବଭାରତୀୟ ବେସାମରିକ ଟେବଲ ଟେନିସ (ଟିଟି) ଉଭୟ ପୁରୁଷ ଓ ମହିଳା ବିଭାଗରେ ଆୟୋଜନ ହେବ। ଏହି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ପ୍ରକ୍ରିୟା ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ଓଡ଼ିଶା ଟେବଲ ଟେନିସ ଏକାଡେମୀ ତଥା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୨ ତାରିଖ ରବିବାର ଅପରାହ୍ଣ ୪ଟାରେ ଆୟୋଜନ ହେବ। ନିୟମିତ ସରକାରୀ ଚାକିରି ନିୟୋଜିତ ଥିବା ବ୍ୟକ୍ତିମାନେ ଏହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। ଏଥିରେ ଯେଉଁମାନେ ଭାଗ ନେବାକୁ ଚାହାନ୍ତି, ସେମାନେ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ସାଇଜ୍ ଫଟୋ ସାଙ୍ଗରେ ଆଣିବାକୁ ଅନୁରୋଧ କରାଯାଇଛି। ଅଧିକ ବିବରଣୀ ପାଇଁ ରଞ୍ଜିତ କୁମାର ମୁଦୁଲି (୯୩୪୮୩୭୭୨୧୫) ଏବଂ ଶ୍ରୀନୃସିଂହ ଚରଣ ପୃଷ୍ଟି (୯୯୩୭୯୩୬୧୭୫)ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

■ ଜାତୀୟ ବରିଷ୍ଠ ମହିଳା ହକି ଆଜିଠାରୁ

# ନୂଆ ଫର୍ମାଟରେ ଖେଳାଯିବ ଟୁର୍ଣ୍ଣାମେଣ୍ଟ



**ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି):** ହରିୟାଣାର ଦେବୀଲାଲ ହକି ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ଖେଳାଯିବ ଜାତୀୟ ବରିଷ୍ଠ ମହିଳା ହକି ଟୁର୍ଣ୍ଣାମେଣ୍ଟ। ୨୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଏକ ନୂଆ ଫର୍ମାଟରେ ଖେଳାଯିବ ଓ ମାର୍ଚ୍ଚ ୧୦ରେ ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ନୂଆ ଫର୍ମାଟ ଲାଗୁ ହେଲାପରେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଓ ପ୍ରତିଦ୍ୱନ୍ଦ୍ୱିତାର ମାନ ବୃଦ୍ଧି ହେବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହନ୍ତି। ଏହା ଛଡ଼ା ଟୁର୍ଣ୍ଣାମେଣ୍ଟରେ ସମସାମୟିକ ଦଳ ଗୁଡିକ ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ରୋମାଞ୍ଚ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏଥର ଟୁର୍ଣ୍ଣାମେଣ୍ଟରେ ୨୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଦଳଗୁଡିକୁ ୩ଟି ଡିଭିଜନରେ ଭାଗ କରାଯାଇଛି। ଏହା ମଧ୍ୟରେ ବିଭିନ୍ନ ଫର୍ମାଟରେ ଖେଳାଯିବ। ଡିଭିଜନ-ଏ'ରେ ଶେଷ ୨ଟି ସ୍ଥାନ ହାସଲ କରିଥିବା ଦଳ ଡିଭିଜନ-ବି'କୁ ଓ ଡିଭିଜନ-ବି'ରେ ଶେଷ ୨ଟି ସ୍ଥାନ ହାସଲ କରିଥିବା ଦଳ ଡିଭିଜନ-ସି'କୁ ଖସିଆସିବେ। ସେହିପରି ଡିଭିଜନ-ସି'ରେ ପ୍ରଥମ ଦୁଇଟି ଦଳ ଡିଭିଜନ-ବି'କୁ ଓ ଡିଭିଜନ-ବି'ରେ ପ୍ରଥମ ଦୁଇଟି ଦଳ ଡିଭିଜନ-ଏ'କୁ ଉନ୍ନୀତ ହେବେ। ଏହା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନ ବୃଦ୍ଧି ପାଇବ।

**ଡିଭିଜନ-ଏ:** ଏହି ଟୁର୍ଣ୍ଣାମେଣ୍ଟର ଡିଭିଜନ-ଏ'ରେ ୧୨ଟି ଦଳ ସ୍ଥାନ ପାଇଛି ଓ ଏହାକୁ ଏଲିଟ୍ ଡିଭଜନ କୁହାଯାଉଛି। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଚାମ୍ପିଅନ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ରନର୍ସ ଅପ୍ ହେବେ। ଏଥିରେ ଭାଗନେଇଥିବା ୧୨ଟ ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ପୁଲ୍‌ରେ ୩ଟି ଲେଖାଏଁ ଦଳ ରହିବେ ଓ ସେମାନେ ଲିଗ୍ ଭିତ୍ତିରେ ଖେଳିବେ। ପ୍ରତ୍ୟେକ ପୁଲ୍‌ରୁ ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ। ଏହି ଦଳଗୁଡିକ ମଧ୍ୟରୁ ପୁଲ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା, ଓଡ଼ିଶା ଓ କର୍ଣ୍ଣାଟକକୁ ସ୍ଥାନ ମିଳିଛି। ପୁଲ-ବି'ରେ ମହାରାଷ୍ଟ୍ର, ମଣିପୁର ଓ ପଞ୍ଜାବ, ପୁଲ-ସି'ରେ ଝାଡଖଣ୍ଡ, ମିଜୋରାମ ଓ ତାମିଲନାଡୁ, ପୁଲ-ଡି'ରେ ମଧ୍ୟପ୍ରଦେଶ, ବେଙ୍ଗଲ ଓ ଉତ୍ତରପ୍ରଦେଶକୁ ସ୍ଥାନ ମିଳିଛି। ପ୍ରତ୍ୟେକ ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳକୁ ନେଇ ମାର୍ଚ୍ଚ-୯'ରେ କ୍ୱାର୍ଟର ଫାଇନାଲ, ମାର୍ଚ୍ଚ-୧୦'ରେ ସେମିଫାଇନାଲ ଓ ମାର୍ଚ୍ଚ ୧୨ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଫାଇନାଲରେ ବିଜୟୀ ଦଳ ଚାମ୍ପିଅନ ହେବ ଓ ଏଥିରେ ଶେଷ ୨ଟି ସ୍ଥାନ ହାସଲ କରିଥିବା ଦଳ ପରବର୍ଷ ଲାଗି ଡିଭିଜନ-ବି'କୁ ଖସିଆସିବେ।

**ଡିଭିଜନ-ବି':** ଏହି ପୁଲ୍‌ରେ ୯ଟି ଦଳକୁ ସ୍ଥାନ ଦିଆଯାଇଛି ଓ ଏମାନଙ୍କୁ ୨ଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ-ଏ'ରେ ତେଲଙ୍ଗାନା, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ ଓ ବିହାର ସ୍ଥାନ ପାଇଛନ୍ତି। ପୁଲ-ବି'ରେ ଦିଲ୍ଲୀ, ଛତିଶଗଡ଼, ଚଣ୍ଡିଗଡ ଓ ହିମାଚଳ ପ୍ରଦେଶ ରହିଛନ୍ତି। ଏହି ପୁଲ୍‌ରେ ପ୍ରଥମ ସ୍ଥାନ ହାସଲ କରିଥିବା ଦଳ ଡିଭିଜନ-ଏ'କୁ ଉନ୍ନୀତ ହେବ ଓ ଶେଷ ୨ଟି ଦଳ ଡିଭିଜନ-ସି'କୁ ଖସିଆସିବେ।

**ଡିଭିଜନ-ସି':** ଏହି ଡିଭିଜନରେ ୭ଟି ଦଳ ରହିଛନ୍ତି। ଏମାନଙ୍କୁ ୨ଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ୍-ଏ'ରେ କେରଳ, ଗୁଜରାଟ, ଦାଦ୍ରା ଓ ନଗର ହାଭେଲୀ ଏବଂ ଡାମନ ଓ ଡିଉକୁ ସ୍ଥାନ ମିଳିଛି। ପୁଲ-ବି'ରେ ଆନ୍ଧ୍ରପ୍ରଦେଶ, ପୁଡୁଚେରୀ, ଅରୁଣାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ସ୍ଥାନ ପାଇଛନ୍ତି। ଏହି ଡିଭିଜନରୁ ୨ ଶ୍ରେଷ୍ଠ ଦଳ ଡିଭିଜନ-ବି'କୁ ଉନ୍ନୀତ ହେବେ ଓ ଡିଭିଜନ-ବି'ରେ ଶେଷ ଦୁଇ ଦଳ ଡିଭିଜନ-ସି'କୁ ଖସିଆସିବେ।

■ ଇଣ୍ଡିଆନ ସୁପର ଲିଗ୍

# ଓଡ଼ିଶା ଏଫ୍‌ସିର ପ୍ଲେ- ଅଫ୍ ଆଶାକୁ କଡ଼ା ଝଟ୍‌କା



**ଭୁବନେଶ୍ୱର,୨୮ ।୨(ସମିସ):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ଭ୍ରମଣକାରୀ ମହମ୍ମଡାନ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୁନ୍ୟ ଭାବେ ଅମୀମାଂସିତ ରହିଛି। ଫଳରେ ଓଡ଼ିଶାର ପ୍ଲେ-ଅଫ୍ ଆଶାକୁ ଜବରଦସ୍ତ ଝଟକ ଲାଗିଛି। ପ୍ଲେ- ଅଫ୍‌ରେ ସ୍ଥାନ ପାଇବାକୁ ହେଲେ ଓଡ଼ିଶାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ଥିଲା। ଗତ ୫ଟି ମ୍ୟାଚ୍‌ରେ ହାରି ଆସୁଥିଲେ ମଧ୍ୟ ମହମ୍ମଡାନ ମ୍ୟାଚ୍ ଡ୍ର ରଖି ଏହି ପରାଜୟଧାରାକୁ ଅଟକାଇବାରେ ସଫଳ ହୋଇଛି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଏଥିସହ ଗତ ୪ଟି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଅପରାଜେୟ ରହିଛି। ଓଡ଼ିଶା ଅପେକ୍ଷାକୃତ ଅଧିକ ସମୟ ବଲ୍ ନିଜ ଅକ୍ତିଆରରେ ରଖିଥିଲା। ସେହିପରି ପାସ୍, ପାସ ଆକ୍ୟୁରେସି ସହ ସଟ୍ ଅନ୍ ଟାର୍ଗେଟ୍‌ରେ ଓଡ଼ିଶା ଆଗରେ ରହିଥିଲା। ଘରୋଇ ପରିବେଶରେ କିନ୍ତୁ ଓଡ଼ିଶା ଗୋଲ ଦେବାରେ ସଫଳ ହୋଇନଥିଲା ଓ ଫାଇଦା ଉଠାଇ ପାରି ନଥିଲା। ଏଥିସହ ଓଡ଼ିଶା ଏପର୍ଯ୍ୟନ୍ତ ୨୩ଟି ମ୍ୟାଚ୍ ଖେଳି ୭ ବିଜୟ, ୯ ଡ୍ର ସ ୭ ପରାଜୟ ସହ ୩୦ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ଅନ୍ୟପଟେ ମହମ୍ମଡାନ ୨୨ ମ୍ୟାଚ୍ ଖେଳି ୨ ବିଜୟ, ୬ ଡ୍ର ସ ୧୪ ପରାଜୟ ସହ ୧୨ ପଏଣ୍ଟ ପାଇ ସର୍ବନିମ୍ନ ତ୍ରୟୋଦଶ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS